ବର୍ଷ-୨୫, ସଂଖ୍ୟା-୩୧୮
ଭୁବନେଶ୍ୱର
୩୦, ନଭେମ୍ବର, ୨୦୨୫ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 318
Bhubaneswar
30, November, 2025 Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ନିକିତା ମିଶ୍ର
ବୋହୂ-୪୨୦



## ମନ୍ଦିରର ଆର୍ଥିକ ଅନୁଦାନ ରାଶି ବୃଦ୍ଧି କଲେ ସରକାର

ଭୁବନେଶ୍ୱର, ୨୯।୧୧(ମହାଭାରତ): ଆଜି ବିଧାନସଭାରେ ଶୀତ ଅଧିବେଶନର ତୃତୀୟ ଦିବସରେ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ରାଜ୍ୟର କେତୋଟି ମନ୍ଦିରର ପରିଚାଳନାଭାର ଦେବୋତ୍ତର ବିଭାଗ ହାତରେ ରହିଛି, ଏବଂ ଏହି ସବୁ ମନ୍ଦିର ପାଇଁ ଗତ ୫ ବର୍ଷ ମଧ୍ୟରେ ସରକାର କେତେ ଅର୍ଥ ଦାନ କରିଛନ୍ତି ? ଏହାର ଏକ ବାର୍ଷିକ ତାଲିକା ପ୍ରଧାନ କରିବେ କି ବୋଲି ପ୍ରଶ୍ନ କରିଥିଲେ ?

### ପୂର୍ବାପେକ୍ଷା ବଢ଼ିଲା ଅଢେଇ କୋଟି

ତେବେ ଏହାର ଉତ୍ତରରେ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ରାଜ୍ୟ ସରକାର ୪୧୪୫ ମନ୍ଦିରର ଆର୍ଥିକ ଅନୁଦାନ ବୃଦ୍ଧି କରିଛନ୍ତି। ପୂର୍ବରୁ ଏହା ୫ କୋଟି ଟଙ୍କା ଥିବା ବେଳେ ଏବେ ଏହାକୁ ସାଢ଼େ ୭ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଅର୍ଥାତ୍ ଅଢେଇ କୋଟି ଟଙ୍କା ଆର୍ଥିକ ଅନୁଦାନ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ସେ ଆହୁରି କହିଛନ୍ତି, ଦେବୋତ୍ତର ବିଭାଗ ଅଧୀନରେ ଏବେ ରାଜ୍ୟରେ ୧୮ ହଜାରରୁ ଅଧିକ ମନ୍ଦିର ରହିଛି।

## ୮.୨% ବେଗରେ ଉପରକୁ ଉଠିଲା ଜିଡିପି




ନୂଆଦିଲ୍ଲୀ, ୨୯।୧୧(ମହାଭାରତ): ଆର୍ଥିକ ବର୍ଷ ୨୦୨୫-୨୬ରେ ଦ୍ୱିତୀୟ ତୈମାସିକରେ ଭାରତ ଅର୍ଥ ବ୍ୟବସ୍ଥା ସମସ୍ତ ଆକଳନକୁ ଭୁଲ ପ୍ରମାଣିତ କରିଛି । ଜିଏସଟି ସଂସ୍କାର ପରେ ଭାରତର ବାସ୍ତବ ସକଳ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ହାର ଲମ୍ଫ ମାରିଛି । ଦେଶର ବାସ୍ତବିକ ଜିଡିପି ୮.୨ ପ୍ରତିଶତ ବୃଦ୍ଧି ପାଇଛି । ଯାହାକି ଗତ ବର୍ଷର ଏହି ସମୟର ତୁଳନାରେ ୫.୬ ପ୍ରତିଶତ ଅଧିକ ଅଟେ ।

ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ (ଜୁଲାଇ-ସେପ୍ଟେମ୍ବର)ର ଜିଡିପି ପ୍ରକାଶ ପାଇଛି । ଏନ୍‌ଏସ୍‌ଓ ଦ୍ୱାରା ଜାରି ହୋଇଥିବା ତଥ୍ୟ ଅନୁସାରେ, ଦେଶର ବାସ୍ତବିକ ଜିଡିପି ୮.୨ ପ୍ରତିଶତ ବୃଦ୍ଧି ପାଇଛି । ଉତ୍ପାଦନ, ଭିତ୍ତିଭୂମି ଏବଂ ସୁଦୃଢ଼ ସେବା କ୍ଷେତ୍ର ଜିଡିପି ବୃଦ୍ଧିରେ ଏକ ବଡ଼ ଅଂଶର ଯୋଗଦାନ ରହିଛି । ସ୍ଥିର ମୂଲ୍ୟ ଉପରେ ଜିଡିପି ୪୮.୬୩ ଲକ୍ଷ କୋଟି ରହିଛି । ଯାହା ଏକ ବର୍ଷ ତଳେ ୪୪.୯୪ ଲକ୍ଷ କୋଟି ଥିଲା । ସେହିପରି ନାମମାତ୍ର ଜିଡିପି ୮.୭ ପ୍ରତିଶତ ବୃଦ୍ଧି ପାଇ ୮୫.୨୫ ଲକ୍ଷ ବୃଦ୍ଧି ପାଇଛି ।

ଉତ୍ପାଦନ କ୍ଷେତ୍ରରେ ୯.୧ ପ୍ରତିଶତ, ନିର୍ମାଣରେ ୭.୨ ପ୍ରତିଶତ, ଦ୍ୱିତୀୟକ କ୍ଷେତ୍ରରେ ୮.୧ ପ୍ରତିଶତ ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି । ମୋଟାମୋଟି ଭାବେ କହିବାକୁ ଗଲେ ଭାରତୀୟ ଅର୍ଥ ବ୍ୟବସ୍ଥା ସେବା କ୍ଷେତ୍ର ସବୁଠାରୁ ଭଲ ପ୍ରଦର୍ଶନ କରିଛି । ତୃତୀୟକ କ୍ଷେତ୍ରରେ ୯.୨ ପ୍ରତିଶତ ବୃଦ୍ଧି ଘଟିଛି । ଯାହାକି ଅର୍ଥ, ରିଏଲ୍ ଇଷ୍ଟେଟ୍ ଏବଂ ଅନ୍ୟାନ୍ୟ ବ୍ୟବସାୟିକ କ୍ଷେତ୍ରରେ ୧୦.୨ ପ୍ରତିଶତ ବୃଦ୍ଧି ଘଟିଛି ।

ସେହିଭଳି ଘରୋଇ ବ୍ୟବହାର କ୍ଷେତ୍ରରେ ଭଲ ଅଭିବୃଦ୍ଧି ଦେଖିବାକୁ ମିଳିଛି । ବାସ୍ତବ ଘରୋଇ ଅନ୍ତିମ ବ୍ୟବହାର ଖର୍ଚ୍ଚ (ପିଏଫସିଇ)ରେ ଦ୍ୱିତୀୟ ତ୍ରୈମାସିକରେ ୭.୮ ପ୍ରତିଶତ ବୃଦ୍ଧି ହାର ହାସଲ କରିଛି । ପ୍ରଥମ ତ୍ରୈମାସ (ଏପ୍ରିଲ-ଜୁନ)ରେ ୭.୦ ପ୍ରତିଶତ ବୃଦ୍ଧି ହାର ହାସଲ କରିଥିଲା ।

ତେବେ କୃଷି କ୍ଷେତ୍ରର ଜିଡିପି ମାନ୍ଦା ରହିଛି । କୃଷି କ୍ଷେତ୍ରରେ ମାତ୍ର ୩.୫ ପ୍ରତିଶତ ବୃଦ୍ଧି ଘଟିଛି । ସେହିପରି ବିଦ୍ୟୁତ, ଗ୍ୟାସ୍ ଏବଂ ଜଳ ଯୋଗାଣ କ୍ଷେତ୍ରରେ ୪.୪ ପ୍ରତିଶତ ବୃଦ୍ଧି ଘଟିଛି ।

ମୋଟାମୋଟି କହିବାକୁ ଗଲେ ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ୮ ପ୍ରତିଶତ ଜିଡିପି ଦର ବୃଦ୍ଧି ହୋଇଛି । ଯାହାକି ଗତବର୍ଷ ପ୍ରଥମ ୬ ମାସ ଠାରୁ ୬.୧ ପ୍ରତିଶତ ଅଧିକ ଅଟେ । ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସ (ଏପ୍ରିଲରୁ ଜୁନ୍ ?) ମଧ୍ୟରେ ଭାରତର ବାସ୍ତବ ସକଳ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ହାର ଆନୁମାନିକ ୭.୮% ପ୍ରତିଶତ ରହିଥିବା ଭାରତ ସରକାରଙ୍କ ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ଜାରି ତଥ୍ୟରୁ ସୂଚନା ମିଳିଛି । ୨୦୨୪-୨୫ ପ୍ରଥମ ତ୍ରୈମାସରେ ଜିଡିପି ଅଭିବୃଦ୍ଧି ହାର ୬.୫% ଥିଲା।

## ଶତାଧିକ ବିମାନ ଉଡ଼ାଣ ପ୍ରଭାବିତ

ନୂଆଦିଲ୍ଲୀ, ୨୯।୧୧(ଏଜେନ୍ସି): ବିମାନ ସୁରକ୍ଷା ସହିତ ସିଧାସଳଖ ଜଡିତ ଏକ ଗମ୍ଭୀର ବୈଷୟିକ ତ୍ରୁଟି ଯୋଗୁଁ ସାରା ବିଶ୍ୱରେ ଏୟାରବସ୍ ଏ୩୨୦ ପରିବାରର ବିମାନଗୁଡ଼ିକୁ ହଠାତ ବ୍ୟାପକ ସଫ୍ଟରେ୍ ଏବଂ ହାର୍ଡୱେର୍ ଅପଗ୍ରେଡ୍ ପାଇଁ ବନ୍ଦ କରାଯାଉଛି। ଏକ ଏୟାରବସ୍ ଏ୩୨୦ ଉଡ଼ାଣ ସହିତ ଜଡିତ ଏକ ସାମ୍ପ୍ରତିକ ଘଟଣା ସମଗ୍ର ବିମାନ ଚଳାଚଳ କ୍ଷେତ୍ରକୁ ଚିନ୍ତିତ କରିଛି।

କାନକୁନ୍‌ରୁ ନ୍ୟୁୟର୍କ ଯାଉଥିବା ଏକ ଘରୋଇ ବିମାନ କମ୍ପାନୀର ଏ୩୨୦ ଉଡ଼ାଣରେ ଏହି ସମସ୍ୟା ଦେଖାଦେଇଥିଲା ଯେତେବେଳେ ବିମାନଟି ହଠାତ ହଜାର ହଜାର ଫୁଟ ଉଚ୍ଚତାରେ ତଳକୁ ଖସି ଯାଇଥିଲା ପାଇଲଟ୍ ଏପରି କୌଣସି ନିର୍ଦ୍ଦେଶ ଦେଇ ନଥିଲେ ।କିନ୍ତୁ କ୍ୟାବିନରେ ଏକ ପ୍ରବଳ ଝଟକା ଲାଗିଥିଲା, ଯାହା ଯାତ୍ରୀମାନଙ୍କୁ ସେମାନଙ୍କ ସିଟ୍‌ରୁ ଠେଲି ଦେଇଥିଲା ଅନେକ ଲୋକ ଆହତ ହୋଇଥିଲେ ଏବଂ ଜରୁରୀକାଳୀନ ପରିସ୍ଥିତିରେ ବିମାନକୁ ଟାମ୍ପାକୁ ସ୍ଥାନାନ୍ତର କରିବାକୁ ପଡିଥିଲା। ଏକ ତଦନ୍ତରୁ ଜଣାପଡ଼ିଥିଲା ଯେ ଇଏଲ୍‌ଏସି ଉଡ଼ାଣ ନିୟନ୍ତ୍ରଣ କମ୍ପ୍ୟୁଟରର ସ୍ୱିଚ୍ ସମୟରେ ତ୍ରୁଟି ଘଟିଥିଲା, ଯାହା ଭୁଲ ପିଚ୍ ତଥ୍ୟ ପଢ଼ିଥିଲା।

ନଭେମ୍ବର ୨୮ ତାରିଖରେ, ଇଏଏସ୍‌ଏ ଏକ ଜରୁରୀକାଳୀନ ଏୟାରର୍ଥିନେସ୍ ନିର୍ଦ୍ଦେଶନାମା ଜାରି କରିଥିଲା। ପୁରୁଣା କମ୍ପ୍ୟୁଟରକୁ ତୁରନ୍ତ ଅପସାରଣ କରିବା ଏବଂ ଏହାକୁ ଏକ ନୂତନ, ସୁରକ୍ଷିତ ମଡେଲ୍ ସହିତ ବଦଳାଯିବାକୁ ନିର୍ଦ୍ଦେଶ ଦେଇଥିଲା ପୁରୁଣା ସିଷ୍ଟମରେ ସଜ୍ଜିତ ବିମାନକୁ ଉଡ଼ାଣ ପାଇଁ ଅନୁମତି ଦିଆଯିବ ନାହିଁ। ଆବଶ୍ୟକ ହେଲେ କେବଳ ସୀମିତ ଫେରି ଉଡ଼ାଣକୁ ଅନୁମତି ଦିଆଯିବ।

ଏହାର ପ୍ରଭାବ ଭାରତ ଉପରେ ମଧ୍ୟ ପଡ଼ିଛି କାରଣ ଦେଶ ଏ୩୨୦ର ବିଶଶ୍ୱର ସର୍ବବୃହତ ପରିଚାଳକ ଅପଗ୍ରେଡ୍ ଏବଂ ଯାଞ୍ଚ ଯୋଗୁଁ ପ୍ରାୟ ୨୦୦ ଇଣ୍ଡିଗୋ ବିମାନ ଏବଂ ୧୦୦-୧୨୫ ଏୟାର ଇଣ୍ଡିଆ। ବିମାନ ବର୍ତ୍ତମାନ ଭୂମିଗତ କିମ୍ବା ସୀମିତ କାର୍ଯ୍ୟରେ ଅଛି। ଏୟାର ଇଣ୍ଡିଆ। ଯାତ୍ରୀମାନଙ୍କୁ ସତର୍କ କରାଇ ଦେଇଛି ଯେ ଏହା ଉଡ଼ାଣ ବିଳମ୍ବ ଏବଂ ସମୟସାରଣୀରେ ବାଧା ସୃଷ୍ଟି କରିପାରେ।

ଏୟାରବସ୍ ଏବଂ ଇଏଏସ୍‌ଏ ଦ୍ୱାରା ଏକ ମିଳିତ ତଦନ୍ତରୁ ଜଣାପଡିଛି ଯେ ଉଚ୍ଚ ଉଚ୍ଚତାରେ ବୃଦ୍ଧି ପାଇଥିବା ସୌର ବିକିରଣ ଏଲାକ୍ କମ୍ପ୍ୟୁଟର ଚିପ୍‌ରେ ବିଟ୍-ଫ୍ଲିପ୍ କିମ୍ବା ଡାଟା ଦୁର୍ନୀତି ସୃଷ୍ଟି କରିଛି ଏହା କମ୍ପ୍ୟୁଟରକୁ ସିଗନାଲଗୁଡ଼ିକୁ ଭୁଲ ଭାବରେ ପଢ଼ିବାକୁ ବାଧ୍ୟ କରିଥିଲା, ଯାହା ଫଳରେ ବିମାନଟି ଅଟୋପାଇଲଟ୍ ମୋଡ୍‌ରେ ଥିବା ସତ୍ତ୍ୱେ ତଳକୁ ଢଳି ଯାଇଥିଲା।

ଏୟାରବସ୍ ଏ୩୨୦ କୁ ବିଶ୍ୱର ସବୁଠାରୁ ସୁରକ୍ଷିତ ଏବଂ ସବୁଠାରୁ ଉନ୍ନତ ଫ୍ଲାଏ-ବାଇ-ୟାର ବିମାନ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ, କିନ୍ତୁ ଏହି ଘଟଣା ଏହାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉପାଦାନ, ଏଲାକ କମ୍ପ୍ୟୁଟରର ଦୁର୍ବଳତାକୁ ପ୍ରକାଶ କରିଛି ବିଶ୍ ସ୍ତରରେ, ପ୍ରାୟ ୬,୦୦୦ ବିମାନ ଏହି ଅପଗ୍ରେଡ୍ ପ୍ରକ୍ରିୟା ଦେଇ ଗତି କରୁଛନ୍ତି। ନୂତନ ଏ୩୨୦ ନିଓ ପାଇଁ ସଫ୍ଟରେ୍ ଅପଡେଟ୍ କେବଳ ୩୦ ମିନିଟ୍ ସମୟ ନେବ, ପୁରୁଣା ମଡେଲଗୁଡ଼ିକ ହାର୍ଡରେ୍ ଏବଂ ସଫ୍ଟରେ୍ ଉଭୟକୁ ବଦଳାଇବା ପାଇଁ ୨-୩ ଦିନ ସମୟ ନେଇପାରେ।

## ଏବେବି ସ୍କୁଲରେ ୧,୨୨,୪୮୭ ଡ୍ରପ୍‌ଆଉଟ୍

ଭୁବନେଶ୍ୱର୨୯।୧୧(ମହାଭାରତ): ରାଜ୍ୟର ବିଭିନ୍ନ ପ୍ରାଥମିକ ଓ ମାଧ୍ୟମିକ ସ୍କୁଲରେ ଛାତ୍ରଛାତ୍ରୀଙ୍କ ଡ୍ରପଆଉଟକୁ ନେଇ ସଂପ୍ରତି ରାଜ୍ୟ ରାଜନୀତି ସରଗରମ । ଶୁକ୍ରବାର ଏହି ପ୍ରସଙ୍ଗରେ ବିଧାନସଭା ଶୀତ ଅଧିବେଶନରେ ଶାସକ ବିଜେପି ଓ ବିରୋଧୀ ବିଜେଡି ମଧ୍ୟରେ ବିତର୍କ ହୋଇଥିଲା । ତେବେ ରାଜ୍ୟର ବିଭିନ୍ନ ପ୍ରାଥମିକ ଓ ମାଧ୍ୟମିକ ସ୍କୁଲରେ ୧,୮୩,୨୧୬ଜଣ ଛାତ୍ରଛାତ୍ରୀ ଡ୍ରପଆଉଟ୍ ଥିବାବେଳେ



'ଆସ ସ୍କୁଲ ଯିବା' ଅଭିଯାନ ମାଧ୍ୟମରେ ବର୍ତ୍ତମାନ ସୁଦ୍ଧା ୬୦,୭୨୯ଜଣ ଛାତ୍ରଛାତ୍ରୀଙ୍କୁ ସ୍କୁଲକୁ ଫେରାଇ ଅଣାଯାଇଛି ।ବିଧାନସଭାରେ ପ୍ରଶ୍ନକାଳରେ ବିଧାୟିକା ସୁବାସିନୀ ଜେନାଙ୍କ ବସ୍ତା ନିର୍ବାଚନୀ ମଣ୍ଡଳୀର ବିଭିନ୍ନ ସ୍କୁଲରେ କେତେ ଡ୍ରପ୍‌ଆଉଟ୍ ଓ ଏହାକୁ ରୋକିବାକୁ କ'ଣ ପଦକ୍ଷେପ ନିଆଯାଉଛି ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଉପରେ ଆଲୋଚନାବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ ଗୃହରେ କହିଛନ୍ତି, ୯ମ ଓ ଏକାଦଶ ଶ୍ରଣୀରେ ଅଧିକ ଡ୍ରପ୍‌ଆଉଟ୍ ହେଉଥିବାରୁ ମାଧୋସିଂହ ହାତପାଣ୍ଠି ଖର୍ଚ୍ଚ ଯୋଜନାରେ ଏସଟି ପିଲାଙ୍କୁ ବାର୍ଷିକ ୫ହଜାର ଟଙ୍କା ଲେଖାଏଁ ଦିଆଯାଉଛି। ସବୁ ସ୍କୁଲରେ ୯ମ ଓ ୧୦ମ ଶ୍ରେଣୀର ପ୍ରାୟ ୧୦ ଲକ୍ଷ ୮୦ହଜାର ପିଲାଙ୍କୁ ସିଏମ୍-ପୋଷଣରେ ମଧ୍ୟାହ୍ନ ଭୋଜନ ଦିଆଯାଉଛି। ବସ୍ତାରେ ୩୨୯ ଜଣ ଡ୍ରପ୍‌ଆଉଟ୍ ଥିବାବେଳେ ୩୦୦ ଜଣଙ୍କୁ ସ୍କୁଲକୁ ଫେରାଇ ଅଣାଯାଇଛି।

ମନ୍ତ୍ରୀ ଶ୍ରୀ ଗଣ୍ଡ କହିଥିଲେ, ଆସ ସ୍କୁଲ ଯିବା ଅଭିଯାନରେ ଶିକ୍ଷକମାନେ ଡ୍ରପ୍‌ଆଉଟ୍ ପିଲାଙ୍କ ଘରକୁ ଯାଇ ସେମାନଙ୍କ ଅଭିଭାବକଙ୍କ ସହ ଆଲୋଚନା କରୁଛନ୍ତି। ପିଲାଙ୍କୁ ସ୍କୁଲ ଫେରାଇ ଆଣିବାକୁ ପଦକ୍ଷେପ ନେଉଛନ୍ତି। ଆମେ ସ୍କୁଲରେ ସମସ୍ତଙ୍କୁ ମଧ୍ୟାହ୍ନ ଭୋଜନ, ୟୁନିଫର୍ମ, ବହି ଦେଉଛୁ। ଛାତ୍ରବୃତ୍ତି, ସ୍ଥାନୀୟ ଭାଷାରେ ପଢ଼ାଯାଉଛି।

ସବୁ ଓଡିଶା ଆଦର୍ଶ ବିଦ୍ୟାଳୟରେ ହଷ୍ଟେଲ ନଥିବାରୁ ପିଲା ସ୍କୁଲ ଛାଡୁଛନ୍ତି। ତେଣୁ ସବୁ ସ୍କୁଲରେ ହଷ୍ଟେଲ କରିବା ଯୋଜନା ହୋଇଛି। ଆମକୁ ୭୬୨ଟି ପିଏମ୍-ଶ୍ରୀ ସ୍କୁଲ ମିଳିଛି। ୨୦ରୁ କମ୍ ପିଲା ଥିବାରୁ ଯେଉଁ ସ୍କୁଲ ବନ୍ଦ ହୋଇଥିଲା ତାକୁ ପୁଣି ଖୋଲିବାକୁ କିଛି ନିଷ୍ପତ୍ତି ହୋଇନି। ଗତ ସରକାର ତରବରିଆ ଭାବେ ଏଭଳି ନିଷ୍ପତ୍ତି ନେଇଥିଲେ। କିନ୍ତୁ ପୂର୍ବରୁ ଅନ୍ୟ ଯେଉଁ ସ୍କୁଲ ବନ୍ଦ ହୋଇଥିଲା ?ସଗୁଡିକୁ ପୁଣି ଖୋଲିବାକୁ ଜିଲ୍ଲାସ୍ତରୀୟ କମିଟିକୁ ପ୍ରସ୍ତାବ ଦିଅନ୍ତୁ ବୋଲି ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗୃହରେ ବିରୋଧୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି ।

## ୮.୧୬ ଲକ୍ଷ ହିତାଧିକାରୀଙ୍କ କଟିଛି ରାସନ କାର୍ଡ

ଭୁବନେଶ୍ୱର୨୯।୧୧(ମହାଭାରତ):: ରାଜ୍ୟରେ ୮ଲକ୍ଷ ୧୬ ହଜାର ହିତାଧିକାରୀଙ୍କ ରାସନ କାର୍ଡ କଟିଛି। ୯୬ ପ୍ରତିଶତ ଇ-କେଓ୍ୱାଇସି ଶେଷ ହୋଇଛି। ୮ ଲକ୍ଷରୁ ଅଧିକ ରାସନ କାର୍ଡ କଟିଛି ବୋଲି ସୂଚନା ଦେଇଛନ୍ତି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣ ପାତ୍ର। ବିଧାନସଭାରେ ମନ୍ତ୍ରୀ ବିବୃତି ଦେଇ କହିଥିଲେ, ଗତ ୧୫ ମାସ ସରକାରରେ ଇ-କେଓ୍ୱାଇସି ଲାଗୁ କରିଥିଲେ। ୯୬% ହିତାଧିକାରୀ ଇ-କେଓ୍ୱାଇସି କରିଛନ୍ତି। କେବଳ ୪% ଇ-କେଓ୍ୱାଇସି କରିନାହାନ୍ତି। ଇ-କେଓ୍ୱାଇସି କରି ନ ଥିବା ହିତାଧିକାରୀଙ୍କ ମଧ୍ୟରୁ ୬ ଲକ୍ଷ ୯୫ ହଜାର ୫୩୦ ଜଣ ମୃତ ବ୍ୟକ୍ତି ଅଟନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ୭୫ ହଜାର ୩୦ ଜଣ ସରକାରୀ ଚାକିରିଆ ଏବଂ ୪୫ ହଜାର ୪୯୬ ଜଣ ଆୟକର ଦାତାଙ୍କୁ ମିଶାଇ ମୋଟ ୮ ଲକ୍ଷ ୧୬ ହଜାର ୫୬ ଜଣଙ୍କ ରାସନ କାର୍ଡ କଟିଛି। ତେବେ ସବୁଠୁ ବଡ କଥା ହେଉଛି ଗରିବଙ୍କ ରାସନ କାର୍ଡ କଟିନି। ପୋର୍ଟାଲରେ ଆବେଦନ କଲେ ଯାଞ୍ଚ ହେବ ବୋଲି ମନ୍ତ୍ରୀ କହିଛନ୍ତି। ଏହାବ୍ୟତୀତ ଗ୍ରାମାଞ୍ଚଳରେ ୧୩ ଲକ୍ଷ ୫୦ ଏବଂ ସହରାଞ୍ଚଳରେ ୧ ଲକ୍ଷ ୫୦ ଜଣଙ୍କୁ କାର୍ଡ ଦିଆଯିବ।

## ୩ ରାଜ୍ୟକୁ ଦିତ୍‌ୱାହ ସତର୍କଘଣ୍ଟି

ନୂଆଦିଲ୍ଲୀ, ୨୯।୧୧(ମହାଭାରତ.): ସାମୁଦ୍ରିକ ଝଡ ଯୋଗୁଁ ବଙ୍ଗୋପସାଗର ଅଶାନ୍ତ ହୋଇସାରିଛି। ଏବେ, ଘୂର୍ଣ୍ଣିଝଡ଼ 'ଦିତ୍‌ୱାହ'ର ପ୍ରଭାବ ଅନୁଭୂତ ହେବ। ଘୂର୍ଣ୍ଣିଝଡ଼ ଦିତ୍‌ୱାହ ଦ୍ରୁତଗତିରେ ଉତ୍ତର ତାମିଲନାଡୁ, ପୁଡୁଚେରୀ ଏବଂ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳ ଆଡକୁ ମୁହାଁଇଛି। ଶ୍ରୀଲଙ୍କାରେ ତାଣ୍ଡବ ରଚାଇବା ପରେ ଘୂର୍ଣ୍ଣିଝଡ଼ ଦିଟୱା ଏବେ ଭାରତ ଆଡକୁ ମୁହାଁଇଛି। ଏପର୍ଯ୍ୟନ୍ତ ଘୂର୍ଣ୍ଣିଝଡ଼ ଦିତ୍‌ୱାହ ଯୋଗୁଁ ଶ୍ରୀଲଙ୍କାରେ ୬୯ ଜଣଙ୍କର ମୃତ୍ୟୁ ହୋଇଛି। ଏହାର ପ୍ରଭାବ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ଅନୁଭୂତ ହେବ, ଯାହା ଫଳରେ ତିନି ଦିନ ପାଇଁ ପାଗ ଖରାପ ରହିବ।



ଘୂର୍ଣ୍ଣିଝଡ଼ ଦିଟୱାର ସ୍ଥଳଭାଗ ଛୁଇଁବା ଫଳରେ ତାମିଲନାଡୁରେ ୧୦୦ କିଲୋମିଟର ବେଗରେ ଝଡ଼ ଆସିବ। ଏହି ସମୟ ମଧ୍ୟରେ ପ୍ରବଳ ବର୍ଷା ମଧ୍ୟ ଆଶା କରାଯାଉଛି। ତାମିଲନାଡୁ ବ୍ୟତୀତ, କେରଳ, ଆନ୍ଧ୍ରପ୍ରଦେଶ ଏବଂ ପୁଡୁଚେରୀର ଉପକୂଳବର୍ତ୍ତୀ ଅଞ୍ଚଳରେ ୬୦ ରୁ ୧୦୦ କିଲୋମିଟର ବେଗରେ ଝଡ଼ ପବନ ବହିବ ଏବଂ ପ୍ରବଳ ବର୍ଷା ହେବ।

ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଘୂର୍ଣ୍ଣିଝଡ଼ ଦିତ୍‌ୱାହ ଶ୍ରୀଲଙ୍କା ଉପକୂଳ ଏବଂ ସଂଲଗ୍ନ ବଙ୍ଗୋପସାଗର ଦେଇ ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତି କରିବ ଏବଂ ରବିବାର ସକାଳ ସୁଦ୍ଧା ଉତ୍ତର ତାମିଲନାଡୁ ଏବଂ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳରେ ପହଞ୍ଚିବ। ଘୂର୍ଣ୍ଣିଝଡ଼ ଦିଟୱାର ବିପଦକୁ ଦୃଷ୍ଟିରେ ରଖି, ପାଣିପାଗ ବିଭାଗ ଦକ୍ଷିଣ ଭାରତର ଅନେକ ଅଞ୍ଚଳ ପାଇଁ ପ୍ରବଳ ବର୍ଷା ସତର୍କତା ଜାରି କରିଛି ।ଘୂର୍ଣ୍ଣିଝଡ଼ ଦିତ୍‌ୱାହ ସମ୍ପର୍କରେ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ ଘୂର୍ଣ୍ଣିଝଡ଼ ଶ୍ରୀଲଙ୍କା ଉପକୂଳ ଏବଂ ସଂଲଗ୍ନ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଉପରେ ଅଛି। ଏହା ଚେନ୍ନାଇରୁ ପ୍ରାୟ ୪୮୦ କିଲୋମିଟର ଦକ୍ଷିଣରେ ଅବସ୍ଥିତ। ଏହା ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତି କରୁଛି। ଏହା ୨୯ ତାରିଖ ସକାଳ ସୁଦ୍ଧା ଶ୍ରୀଲଙ୍କାରୁ ବାହାରି ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ପ୍ରବେଶ କରିବ। ଏହି ସମୟ ମଧ୍ୟରେ ଏହା ସାମାନ୍ୟ ତୀବ୍ର ହୋଇପାରେ।

ଘୂର୍ଣ୍ଣିଝଡ଼ ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତି କରି ୩୦ ତାରିଖ ସକାଳ ସୁଦ୍ଧା ଉତ୍ତର ତାମିଲନାଡୁ ଏବଂ ପୁଡୁଚେରୀ ଉପକୂଳରେ ପହଞ୍ଚିବ। ତାମିଲନାଡୁ, ଦକ୍ଷିଣ ଆନ୍ଧ୍ରପ୍ରଦେଶ ଏବଂ ପୁଡୁଚେରୀର ବିଚ୍ଛିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ପୂର୍ବାନୁମାନ କରାଯାଇଛି। ବର୍ଷା ସ୍ଥାନୀୟ ବନ୍ୟା ସୃଷ୍ଟି କରିପାରେ। ପାହାଡିଆ ଅଞ୍ଚଳରେ ମଧ୍ୟ ହଠାତ୍ ବନ୍ୟା ଆସିବାର ସମ୍ଭାବନା ରହିଛି। ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ ୨୯ ଏବଂ ୩୦ ତାରିଖରେ ତାମିଲନାଡୁ, ଦକ୍ଷିଣ ଆନ୍ଧ୍ରପ୍ରଦେଶ ଏବଂ ପୁଡୁଚେରୀ ଉପକୂଳରେ ସମୁଦ୍ର ଅଶାନ୍ତ ରହିବାର ସମ୍ଭାବନା ରହିଛି। ଝଡ଼ବର୍ଷା ଉତ୍ତର ତାମିଲନାଡୁ ଏବଂ ପୁଡୁଚେରୀର ତଳିଆ ଅଞ୍ଚଳଗୁଡ଼ିକୁ ବୁଡ଼ାଇ ଦେଇପାରେ। ଏହାକୁ ଧ୍ୟାନରେ ରଖି, ୩୦ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଭିତରକୁ ନ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି।

## ରାଜ୍ୟରେ ନିଖୋଜ ଅଛନ୍ତି ୨୯୭୫ ଶିଶୁ

ଭୁବନେଶ୍ୱର, ୨୯।୧୧(ମହାଭାରତ):: ରାଜ୍ୟରେ ଆଜି ବି ନିଖୋଜ ଅଛନ୍ତି ୨୯୭୫ ଶିଶୁ । ବିଧାୟକ ଅଖିଳ ଚନ୍ଦ୍ର ନାୟକଙ୍କ ପ୍ରଶ୍ନର ଗୃହରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଉତ୍ତର ରଖିଛନ୍ତି । ୨୦୨୪ରୁ ଆଜି ଯାଏଁ ୧୧,୩୩୭ ନିଖୋଜ ଅଭିଯୋଗ ପଞ୍ଜିକୃତ ହୋଇଛି ।



### ତଦନ୍ତ ପରେ ସୁଭଦ୍ରାରେ ଯୋଡ଼ିହେଲେ ୧୭ ଲକ୍ଷ

ସେଥିରୁ ୮୩୬୨ ଶିଶୁ ଉଦ୍ଧାର ହୋଇଛନ୍ତି ।

ରିପୋର୍ଟ ଅନୁଯାୟୀ ଖୋର୍ଦ୍ଧାରେ ସର୍ବାଧିକ ୭୮୫ ମାମଲାରୁ ୫୭୬ ଶିଶୁ ଉଦ୍ଧାର । ବାଲେଶ୍ୱରରେ ୬୮୩ ମାମଲା ମଧ୍ୟରୁ ୧୧୪ ଶିଶୁ ଉଦ୍ଧାର । ବଲାଙ୍ଗିରରେ ୩୯୪ ମାମଲାରୁ ୨୩୯ ଶିଶୁ ଉଦ୍ଧାର । ଭଦ୍ରକ ୪୧୨ ରୁ ୩୫୧ ଶିଶୁ ଉଦ୍ଧାର । କଟକରେ ୪୫୦ରୁ ୩୫୦ ଶିଶୁ ଉଦ୍ଧାର। ଜଗତସିଂହପୁରରୁ ୨୫୭ରୁ ୧୩୦ ଶିଶୁ ଉଦ୍ଧାର ହୋଇଛନ୍ତି। ସେହିପରି ଅନ୍ୟ ଜିଲ୍ଲା ମାନଙ୍କର ରିପୋର୍ଟ ମଧ୍ୟ ଉପସ୍ଥାପନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ।

ବିଧାୟକ ମାନସ କୁମାର ଦତ୍ତଙ୍କ ପ୍ରଶ୍ନ ଓଡିଶାରେ ସୁଭଦ୍ରା ଯୋଜନାରେ ସମୁଦାୟ ଆବେଦନ ସଂଖ୍ୟା କେତେ ? ତନ୍ମଧ୍ୟରୁ ହିତାଧିକାରୀ ରେଗୁଲାର ପାଉଥିବା ସଂଖ୍ୟା କେତେ ବୋଲି ପଚାରିଥିଲେ ଯାହାର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ତଥ୍ୟ ରଖି କହିଛନ୍ତି ସରଜମିନ ତଦନ୍ତ ପରେ ସୁଭଦ୍ରାରେ ଯୋଡ଼ି ହେଲେ ୧୭ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା। ଗୃହରେ ତଥ୍ୟ ରଖିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ୧୭ ଲକ୍ଷ ୮୩ ହଜାର ୨୫୧ ମହିଳା ସୁଭଦ୍ରାରେ ଯୋଡ଼ି ହୋଇଛନ୍ତି। ୭ ଲକ୍ଷ ୫୧ ହଜାର ୪୭୯ ଜଣ ସମସ୍ତ ୩ଟି କିସ୍ତି ପାଇଛନ୍ତି।୧ କୋଟି ୩ ଲକ୍ଷ ୮୯ ହଜାର ୮୦୧ ମହିଳା ପ୍ରଥମ କିସ୍ତି ଟଙ୍କା ପାଇଛନ୍ତି। ୧ କୋଟି ୧ ଲକ୍ଷ ୯୨ ହଜାର ୭୨୪ ଦ୍ୱିତୀୟ କିସ୍ତି ପାଇଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ତଥ୍ୟ ରଖିଛନ୍ତି।

## ଆତ୍ମସମର୍ପଣ ପାଇଁ ମାଓବାଦୀଙ୍କୁ ଚେତାବନୀ

ଭୁବନେଶ୍ୱର, ୨୯।୧୧(ମହାଭାରତ): ମାଓବାଦୀଙ୍କୁ ବିଏସ୍‌ଏଫ୍ ଆଇଜିଙ୍କ କଡ଼ା ଚେତାବନୀ ଆତ୍ମସମର୍ପଣ କର ନଚେତ୍ ଏନକାଉଣ୍ଟର ହେବ। ୨୦୨୬ ମାର୍ଚ୍ଚ ସୁଦ୍ଧା ନକ୍ସଲ ମୁକ୍ତ ଓଡ଼ିଶା ଆମର ଟାର୍ଗେଟ୍ ଥିବା କହିଛନ୍ତି ବିଏସଏଫ୍ ଆଇଜି। ଆନ୍ଧ୍ର ଏବଂ ଛତିଶଗଡ଼ ପଟୁ ମଧ୍ୟ ଓଡିଶାକୁ ମାଓବାଦୀମାନେ ପଶି ଆସୁଛନ୍ତି । ଏମାନଙ୍କ ଉପରେ ଆମର ନଜର ଥିବା କହିଛନ୍ତି ବିଏସଏଫ ଆଇଜି। କେକେବିଏନ ଅଞ୍ଚଳ ଉପରେ ବିଏସଏଫ ବିଶେଷ ନଜର ରଖିଛି। ମାଓବାଦୀଙ୍କୁ ବିଏସଏଫ ଆଇଜିଙ୍କ କଡ଼ା ଚେତାବନୀ ଦେଇ ସେ କହିଛନ୍ତି ଆତ୍ମସମର୍ପଣ କର ନଚେତ୍ ଏନ୍‌କାଉଣ୍ଟର କରାଯିବ।

୨୦୨୬ ମସିହା ମାର୍ଚ୍ଚ ମାସ ସୁଦ୍ଧା ଓଡିଶାକୁ ନକ୍ସଲ ମୁକ୍ତ କରିବାକୁ ଆମର ଟାର୍ଗେଟ୍ ରହିଛି। ଆତ୍ମସମର୍ପଣ କଲେ ସହଯୋଗ ମିଳିବ, ମୁଖ୍ୟସ୍ରୋତରେ ଫେରିପାରିବେ। ହିଡ୍‌ମାର ଏନକାଉଣ୍ଟର ପରେ ଏବେ ଟପ୍ ମାଓନେତାଙ୍କୁ ଆମର ଟାର୍ଗେଟ୍ ରହିଛି। ଚଳିତବର୍ଷ ଓଡିଶାରେ ୧୯ ନକ୍ସଲ ନିହତ ହୋଇଛନ୍ତି। ୮ ଜଣ ଗିରଫ ହୋଇଥିବାବେଳେ ୬ ଜଣ ଆତ୍ମସମର୍ପଣ କରିଥିବା କହିଛନ୍ତି ବିଏସ୍‌ଏଫ୍ ଆଇଜି।



## ୬ ନୂଆ ସହରରେ ଗଡ଼ିବ ଇଭି ବସ୍

ଭୁବନେଶ୍ୱର, ୨୯।୧୧(ମହାଭାରତ): ଆଗାମୀ ଦିନରେ ୬ଟି ନୂଆ ସହରରେ ଇଭି ବସ୍ ଗଡ଼ିବ। ଏନେଇ ଗୃହରେ ସୂଚନା ଦେଇଛନ୍ତି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ଏବେ ରାଜ୍ୟରେ ୬୭୦ଟି ବସ୍ ଚାଲିଛି, ସେଥିମଧ୍ୟରୁ ୨୨୦ଟି ଇଭି ବସ୍ ଚାଲିବ। ଏବେ ୧୧୩ଟି ରୁଟ୍‌ରେ ୧୩୯୯ କିମି ବସ୍ ଚାଲୁଛି। ଆଗକୁ ଯେଉଁଠି ଆବଶ୍ୟକତା ଅଛି, ସେହି ସହରରେ ବସ୍ ଚାଲିବ। ଅନ୍‌ଲାଇନ୍ ଟିକେଟ୍‌ରେ ରିହାତି ପାଇଁ ୩୫% ଟିକେଟ୍ ଆଦାୟ ରାଶି ବଢ଼ିଛି ବୋଲି ମନ୍ତ୍ରୀ କହିଛନ୍ତି।

ସହରାଞ୍ଚଳରେ ସ୍ଥାୟୀ ପରିବହନକୁ ପ୍ରୋତ୍ସାହିତ କରିବା ଏବଂ କାର୍ବନ ନିର୍ଗମନ ହ୍ରାସ କରିବା ପାଇଁ ସରକାରଙ୍କ ଜାରି ପ୍ରୟାସର ଏହି ପଦକ୍ଷେପ। ଅନଲାଇନ୍ ଟିକେଟିଂ ସିଷ୍ଟମ ବ୍ୟବହାର କରୁଥିବା ଯାତ୍ରୀମାନେ ମଧ୍ୟ ଉନ୍ନତ ସେବାରୁ ଉପକୃତ ହୋଇଛନ୍ତି, ବର୍ଦ୍ଧିତ ସୁବିଧା ଏବଂ ଡିଜିଟାଲ୍ ଗ୍ରହଣ ଯୋଗୁଁ ଟିକେଟ ରାଜସ୍ୱ ୩୫% ବୃଦ୍ଧି ପାଇଛି।

ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି ଯେ ସରକାର ଯାତ୍ରୀଙ୍କ ଚାହିଦା ଉପରେ ନଜର ରଖିବେ ଏବଂ ଦକ୍ଷ ସେବା ସୁନିଶ୍ଚିତ କରିବା ପାଇଁ ଆବଶ୍ୟକତା ଅନୁଯାୟୀ ଅତିରିକ୍ତ ବସ୍ ନିଯୋଜିତ କରିବେ। ବୈଦ୍ୟୁତିକ ବସ୍ ଫ୍ଲିଟର ସମ୍ପ୍ରସାରଣ ଦ୍ୱାରା ସହର ଯାତ୍ରାକୁ ସ୍ୱଚ୍ଛ, ଦ୍ରୁତ ଏବଂ ନୈଦିନ ଯାତ୍ରୀମାନଙ୍କ ପାଇଁ ଅଧିକ ଆର୍ଥିକ ସୁବିଧା ମିଳିବ ବୋଲି ଆଶା କରାଯାଉଛି।



ରାଜ୍ୟରେ ବିଦ୍ୟୁତ୍ ଯାନ (ଇଭି) ଚଳାଚଳକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାରଙ୍କ ନୂତନ ଇଭି ନୀତି ନିଶ୍ଚିତ ଭାବରେ ପରିବେଶ ସୁରକ୍ଷା ଓ ପ୍ରଦୂଷଣ ନିୟନ୍ତ୍ରଣ ଦିଗରେ ଏକ ସକାରାତ୍ମକ ପଦକ୍ଷେପ। ୨୦୩୦ ସୁଦ୍ଧା ରାଜ୍ୟରେ ୫୦ ପ୍ରତିଶତ ଇଭି ଯାନ ଚଳାଚଳର ଲକ୍ଷ୍ୟ ରହିଛି।

ତେବେ, ଇ-ବସ୍ ଚଳାଚଳ କ୍ଷେତ୍ରରେ ଓଡ଼ିଶାର ବାସ୍ତବତା ଭିନ୍ନ ଚିତ୍ର ପ୍ରଦାନ କରୁଛି। ଦେଶରେ ଇ-ବସ୍ ଚଳାଚଳରେ ଓଡ଼ିଶା ପଞ୍ଚମ ସ୍ଥାନରେ ଥିଲେ ମଧ୍ୟ, ଏହି ସମସ୍ତ ବସ୍ କ୍ୟାପିଟାଲ୍ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ ଭଳି ସରକାରୀ ସଂସ୍ଥା ଦ୍ୱାରା ପରିଚାଳିତ। ରାଜ୍ୟରେ ୧୫,୦୦୦ ରୁ ଅଧିକ ଯାତ୍ରୀବାହୀ ବସ୍ ଚଳାଚଳ କରୁଥିବାବେଳେ ଗୋଟିଏ ବି ଘରୋଇ ଇ-ବସ୍ ଚଳାଚଳ କରୁନଥିବା ଚିନ୍ତାର ବିଷୟ। ଏହା ଦର୍ଶାଉଛି ଯେ ସରକାରଙ୍କ ଉଦ୍ୟମ ସତ୍ତ୍ୱେ ଘରୋଇ କ୍ଷେତ୍ରରେ ଇଭି ଗ୍ରହଣ କରିବାରେ ବଡ଼ ବାଧା ରହିଛି।

## ଛତୁ ପରଟା

**ଆବଶ୍ୟକ ସାମଗ୍ରୀ :** ଅଟା, ଛତୁ, ଲୁଣ, ମଇଦା, ଜୁଆଣୀ, ଘିଅ, ଗୋଲମରିଚ ଗୁଣ୍ଡ, କଟା ପିଆଜ, କଟା କଞ୍ଚା ଲଙ୍କା, କଟା ଅଦା, ଲଙ୍କା ଗୁଣ୍ଡ, ଚାଟ ମସଲା, ଆମଚୁର ପାଉଡର, କଟା ଧନିଆ ଓ ତେଲ ।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ ଏକ ପାତ୍ରରେ ଅଟା, ଲୁଣ, ମଇଦା, ଜୁଆଣୀ ଓ ଘିଅ ନେଇ ଭଲ ଭାବେ ଗୋଳାନ୍ତୁ । ଏହାପରେ ଅଳ୍ପ ଅଳ୍ପ ପାଣି ଢାଳି ଅଟାକୁ ଦଳନ୍ତୁ । ଅଟା ଦଳି ସାରିବା ପରେ ନରମ ହେବା ପାଇଁ ଏହାକୁ ଏକ କପଡାରେ ଗୁଡାଇ କିଛି ସମୟ ରଖି ଦିଅନ୍ତୁ । ଏବେ ତାୱା ଗରମ କରି ତେଲ ପକାନ୍ତୁ । ତେଲ ଗରମ ହେବା ପରେ କଟା ଛତୁକୁ ପକାଇ ଅଳ୍ପ ଲୁଣ ଓ ଗୋଲମରିଚ ଗୁଣ୍ଡ ଦେଇ କିଛି ସମୟ ଭାଜନ୍ତୁ । ପରେ ଏଥିରେ କଟା ପିଆଜ, କଟା କଞ୍ଚା ଲଙ୍କା, କଟା ଅଦା, ଲଙ୍କା ଗୁଣ୍ଡ, ଚାଟ ମସଲା, ଆମଚୁର ପାଉଡର ଓ କଟା ଧନିଆ ପତ୍ର ପକାଇ ଭଲ ଭାବେ ଗୋଳାନ୍ତୁ । ମସଲା ପ୍ରସ୍ତୁତ ହୋଇଯିବା ପରେ ଏହାକୁ କାଢି ଥଣ୍ଡା କରନ୍ତୁ । ଏବେ ଚକଟା ଯାଇଥିବା ଅଟାକୁ ଗୁଳା କରନ୍ତୁ ଓ ଏହାକୁ ଅଳ୍ପ ବେଲି ଏହା ମଝିରେ ଛତୁ ପୁର ଦେଇ ପୁଣି ବନ୍ଦ କରିଦିଅନ୍ତୁ । ଏହାପରେ ଏଗୁଡିକୁ ରୁଟି ପରି ବେଲନ୍ତୁ ଏବଂ ଗରମ ତାୱାରେ ପକାଇ ଭଲ ଭାବେ ସେକନ୍ତୁ । ଦୁଇ ପଟ ଭଲ ଭାବେ ସେକି ହୋଇଗଲେ ତେଲ ପକାଇ ଏପଟ ସେପଟ କରନ୍ତୁ । ପ୍ରସ୍ତୁତ ହୋଇଗଲା ସୁଆଦିଆ 'ଛତୁ ପରଟା' । ଏହାକୁ ଚଟଣୀ, ସସ୍ କିମ୍ବା ଦହି ସହିତ ଗରମ ଗରମ ପରଷନ୍ତୁ ।



ଖବର

## ଝିଅର ନାଁ ରିଭିଲ କଲେ କିଆରା-ସିଦ୍ଧାର୍ଥ





କିଆରା ଆଡଭାନୀ ଏବଂ ସିଦ୍ଧାର୍ଥ ମଲହୋତ୍ରା ସେମାନଙ୍କ ଫ୍ୟାନ୍ସଙ୍କୁ ଖୁସି ଖବର ଦେଇଛନ୍ତି । ଅନେକ ଦିନରୁ ପ୍ରଶଂସକମାନେ ସେମାନଙ୍କ ଝିଅର ଝଲକ ପାଇଁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି ଏବେ ସେମାନଙ୍କ ଅପେକ୍ଷାର ଅନ୍ତ ଘଟିଛି । ଝିଅର ନାଁ ପ୍ରକାଶ କରିଛନ୍ତି । ଏଥି ସହ ସେମାନେ ଏକ ସୁନ୍ଦର ପୋଷ୍ଟ ସେୟାର କରିଛନ୍ତି । କିଆରା ସେୟାର କରିଥିବା ପୋଷ୍ଟରେ ସେ ଏବଂ ସିଦ୍ଧାର୍ଥ ପାଦ ଧରିଥିବାର ଦେଖିବାକୁ ମିଳିଛି। ପ୍ରେଗନେଣ୍ଟ ଥିବା ସମୟରେ ଅଭିନେତ୍ରୀ ଯେଉଁ ମୋଜାର ଫଟୋ ସେୟାର କରିଥିଲେ ତାଙ୍କ ଝିଅ ଏବେ ସେହି ମୋଜା ପିନ୍ଧିଥିବାର ଦେଖିବାକୁ ମିଳିଛି । କିଆରା ଫଟୋର କ୍ୟାପସନ ଦେଇଛନ୍ତି'' ଆମର ପ୍ରାର୍ଥନାରୁ ଏବଂ ଆଶୀର୍ବାଦରୁ ଆମର ରାଜକୁମାରୀ । ସାରାୟା ମଲହୋତ୍ରା ବୋଲି ନାଁ ପ୍ରକାଶ କରିଛନ୍ତି ।''ଏହା ପରେ ପ୍ରଶଂସକମାନେ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଯଦି କିଆରାଙ୍କ କ୍ୟାରିୟରକୁ ନେଇ କୁହାଯାଏ ତେବେ ତାଙ୍କୁ ଶେଷ ଥର ପାଇଁ ୱାର୍ ୨ରେ ଦେଖିବାକୁ ମିଳିଥିଲା । ତାଙ୍କ କନ୍ୟା ସନ୍ତାନ ଜନ୍ମ ହେବା ପରେ ସେ ମିଡିଆଠାରୁ ଦୂରେଇ ରହୁଛନ୍ତି।

## ଶରୀର ପାଇଁ ଖୁବ ଉପକାରୀ ଗୋଲମରିଚ



ଆମ ରୋଷେଇ ଘରେ ଥିବା ଏକ ମସଲା ହେଉଛି ଗୋଲ ମରିଚ। ଏହା ପାଟିକୁ ରାଗ ଲାଗୁଥିଲେ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଉପକାରୀ । ବିଶେଷଜ୍ଞଙ୍କ କହିବା ଅନୁସାରେ ଗୋଲମରିଚ ଖାଇଲେ ଆୟୁଷ ବଢିଥାଏ। ଗୋଲମରିଚରେ ଆଇରନ୍,ପୋଟାସିୟମ୍, ଫସଫରସ୍, ମାଙ୍ଗାନିଜ୍, ଜିଙ୍କ୍, କ୍ରୋମିୟମ୍, ଭିଟାମିନ୍-ଏ ଓ 'ସି'ଭଳି ଅନେକ ପୋଷକ ତତ୍ତ୍ୱ ରହିଛି, ଯାହା ଶରୀର ପାଇଁ ଖୁବ ଉପକାରୀ। ଗବେଷଣା ଅନୁସାରେ ଯେଉଁ ବ୍ୟକ୍ତି ନିଜ ଖାଦ୍ୟରେ ଗୋଲମରିଚକୁ ସାମିଲ କରନ୍ତି, ଅନ୍ୟମାନଙ୍କ ତୁଳନାରେ ସେମାନଙ୍କ ବୟସ ୮.୨ ବର୍ଷ ବଢିଯାଇଥାଏ । ଗୋଲମରିଚ ଦେହ ପାଇଁ ଭଲ, କିନ୍ତୁ ବିଶେଷଜ୍ଞଙ୍କ ମତରେ ଏହାକୁ ଗରମ କରି ଖାଇଲେ ଅଧିକ ସୁଫଳ ମିଳିଥାଏ । ଗୋଲମରିଚରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ କ୍ୟାନସର ଓ କାର୍ଡିଓଭାସ୍କୁଲାର ରୋଗ ସହିତ ଲଢେଇ କରିଥାଏ । ତେଣୁ ଆପଣଙ୍କ ହାର୍ଟ ସୁସ୍ଥ ରହିଥାଏ । ସେଥିପାଇଁ ପ୍ରତ୍ୟେକ ଦିନ ନିଜ ଡାଏଟରେ ଗୋଲମରିଚକୁ ସାମିଲ କରିବା ପାଇଁ ଆୟୁର୍ବେଦିକ ଡାକ୍ତର ପରାମର୍ଶ ଦେଇଥାନ୍ତି । ଯଦି ଭୋକ ଲାଗୁନାହିଁ,ତେବେ ଗୋଲମରିଚକୁ ଉଷୁମ ପାଣିରେ ପକାଇ ପିଇବା ଦ୍ୱାରା ଭୋକ ବଢିଥାଏ। ସେହିପରି ରକ୍ତସ୍ରାବ ସମୟରେ ହେଉଥିବା ଯନ୍ତ୍ରଣାକୁ ମ୍ କରିବା ପାଇଁ ଗୋଲମରିଚ ସବୁଠୁ ଭଲ । ଏହି ସମୟରେ ଗୋଲମରିଚ ଓ ସୁଣ୍ଠିକୁ ଉଷୁମ ପାଣି ସହିତ ପିଇଲେ ପେଟ ଯନ୍ତ୍ରଣା କମ୍ ହୋଇଥାଏ । ଗ୍ୟାସ, ଅଜୀର୍ଣ୍ଣ କିମ୍ବା କୋଷ୍ଠକାଠିନ୍ୟ ସମସ୍ୟାରୁ ମଧ୍ୟ ଗୋଲମରିଚ ମୁକ୍ତି ଦେଇଥାଏ । ଗୋଲମରିଚ ଶରୀରରେ ପାଚନ କ୍ରିୟାକୁ ସନ୍ତୁଳିତ ରଖିଥାଏ ।

## ପିଜୁଳି ପତ୍ର ଦ୍ୱାରା କେଶ ଚର୍ଯ୍ୟା



ଫଳମୂଳ ପ୍ରତିଦିନ ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ। ଆମ ଦେଶରେ ପିଜୁଳି ଫଳର ଆଦର ଅଧିକ ଥିବାବେଳେ ଏହାର ପତ୍ରରେ ମଧ୍ୟ ଔଷଧୀୟ ଗୁଣ ଭରପୂର। କେଶ ଝଡ଼ାରୁ ରକ୍ଷା ପାଇବାକୁ ଚାହୁଁଥିଲେ, ପିଜୁଳି ପତ୍ରରେ ଉପଚାର କଲେ ଲାଭ ମିଳିଥାଏ। ୧୫-୨୦ ଟି ପଜୁଳି ପତ୍ର ଆଣି ଭଲରେ ଧୋଇ ତାହାକୁ ୧ଲିଟର ପାଣିରେ ଫୁଟାଇବେ। ପରେ ଏହାକୁ ଛାଣି ଥଣ୍ଡା ହେବା ପାଇଁ ରଖିବେ। ଏହି ପିଜୁଳି ପତ୍ର ଫୁଟା ପାଣିକୁ ତୁଳାରେ ନେଇ କେଶ ମୂଳରେ ଲଗାଇବେ। ୨୦ ମିନିଟ୍ ପରେ ଶ୍ୟାମ୍ପୁ କରିବେ। କେଶ ଝଡ଼ା, ରୁପି ଇତ୍ୟାଦି ସମସ୍ୟାରୁ ଏହି ପାଣି ରକ୍ଷା କରେ । ସପ୍ତାହରେ ୨-୩ଥର ଏହିପରି ଉପାୟରେ କେଶର ଯତ୍ନ ନିଅନ୍ତୁ। କେଶ ସଂକ୍ରମଣ ହୋଇଥିଲେ ମଧ ତହା ଦୂର ହୋଇଯିବ। ଏହି ଫୁଟା ପାଣିକୁ ଫ୍ରିଜ୍‌ରେ ରଖି ବ୍ୟବହାର କରିବା ଅନୁଚିତ। ପିଜୁଳି ପତ୍ରକୁ ବାଟି ସେଥିରେ ଦହି ମିଶାଇ କେଶରେ ଲଗାନ୍ତୁ। ୧୦ ମିନିଟ୍ ପରେ ଧୋଇନେବେ। କେଶ ଘନତ୍ୱ ବଢ଼ାଇବାକୁ ଚାହୁଁଥିଲେ, ଏହା ଏକ ସରଳ ଉପାୟ। ପିଜୁଳି ପତ୍ର ଫୁଟା ପାଣି, ପତ୍ର ବଟା, ମହୁ ଅଳ୍ପ ମିଶାଇ ପ୍ୟାକ୍ କରି କେଶରେ ଲଗାଇଲେ କେଶ ରୁକ୍ଷତା ଦୂର ହେବା ସହ ଝଡ଼ିବା କମ୍ ହେଉଥିବା ପ୍ରକାଶ।



## ଶନିଙ୍କ ସାଢେସାତି ପ୍ରକୋପରୁ ବଂଚିବା ପାଇଁ କରନ୍ତୁ ଏହି ଉପାୟ



ଜ୍ୟୋତିଷଶାସ୍ତ୍ରରେ କୁହାଯାଇଛି ଯେ ଗ୍ରହମାନଙ୍କ ପ୍ରଭାବ ମାନବ ଜୀବନ ଉପରେ ପଡିଥାଏ। ମାନବ ଜୀବନରେ ଶନି ଗ୍ରହଙ୍କ ପ୍ରଭାବ ଗମ୍ଭୀର ଭାବରେ ପଡିଥାଏ। ଶନିଙ୍କୁ ନ୍ୟାୟ ଦେବତା ବୋଲି କୁହାଯାଏ। ମଣିଷ ବେଳେବେଳେ ଅଜାଣତରେ ପାପ କରିଦେଇଥାଏ ଯେଉଁଥିପାଇଁ ଶନି ସେହି ପାପର ଦଣ୍ଡ ଦେଇଥାନ୍ତି। ବେଳେବେଳେ ଲୋକେ ବୁଝିପାରନ୍ତିନି ଯେ ତାଙ୍କୁ କେଉଁ ପାପର ଦଣ୍ଡ ମିଳୁଛି ବା ସେ କେଉଁ କର୍ମର ଫଳ ଭୋଗୁଛନ୍ତି। ଏଥିପାଇଁ ଶନିଙ୍କ ସାଢେସାତୀର ଦୁଃଷ୍ପ୍ରଭାବରୁ ବଂଚିବା ପାଇଁ ଜ୍ୟୋତିଷଶାସ୍ତ୍ରରେ କିଛି ଉପାୟ ରହିଛି।

- ଶନି ସାଢେସାତୀ ଉପାୟ : ଶନି ସାଢେସାତୀଙ୍କ ଦୁଃଷ୍ପ୍ରଭାବରୁ ବଂଚିବା ପାଇଁ ପ୍ରତ୍ୟେକ ଶନିବାର ଦିନ କଳା ରଙ୍ଗର ବସ୍ତ୍ର ଉପରେ ବସି ଶନି ସ୍ତୋତ୍ର ଏବଂ ଶନି ଚାଳିଶା ପାଠ କରନ୍ତୁ। ଏହାପରେ ଶନିଦେବଙ୍କ ମନ୍ଦିର ଯାଇ ଆଳତି କରନ୍ତୁ।
- ଶନିବାର ସନ୍ଧ୍ୟାରେ କଳା କୁକୁରକୁ କଳା ଚଣା ଖୁଆନ୍ତୁ। ଯଦି ସମ୍ଭବ ହୁଏ ତାହେଲେ ଗରିବଙ୍କୁ ମଧ୍ୟ କଳା ଚଣା ଦାନ କରନ୍ତୁ।
- ଏକ କଳା ରଙ୍ଗର ମାଠିଆରେ ୨ କିଲୋ କଳା ଚଣା କିମ୍ବା କଳା ବିରି ପକାଇ ସେଠି ମାଠିଆକୁ ହାତରେ ଧରି ଶନିଦେବଙ୍କୁ ପ୍ରାର୍ଥନା କରନ୍ତୁ। ଏହାପରେ ଶନିଦେବଙ୍କ ମନ୍ତ୍ର ଜପ କରନ୍ତୁ ଏବଂ ସେହି ମାଠିଆକୁ କୌଣସି ଗରିବଙ୍କୁ ଦାନ କରିଦିଅନ୍ତୁ।
- ନିଜ ବାମ ଗୋଡରେ କଳା ସୂତା ବାନ୍ଧନ୍ତୁ। ପ୍ରତ୍ୟେକ ଶନିବାର ଦିନ କଳା ବସ୍ତ୍ର ଦାନ କରନ୍ତୁ। ଯଦି ସମ୍ଭବ ନ ହୁଏ ତାହେଲେ କଳା ରୁମାଲ ମଧ୍ୟ ଦାନ କରିପାରିବେ।
- ଏକ ଗିନାରେ ସୋରିଷ ତେଲ ନେଇ ସେଥିରେ ନିଜ ଛବି ଦେଖନ୍ତୁ। ଏହାପରେ ଶନି ମନ୍ଦିର ଯାଇ ଏହି ତେଲର ଦୀପ ଜଳାନ୍ତୁ। ଏହି ତେଲକୁ ଆପଣ ଦାନ ମଧ୍ୟ କରିପାରିବେ।
- ପ୍ରତିଦିନ ପକ୍ଷୀମାନଙ୍କୁ ୭ ପ୍ରକାର ଶସ୍ୟ ଖାଇବାକୁ ଦିଅନ୍ତୁ। ଯଦି ସମ୍ଭବ ହୁଏ ତାହେଲେ କୁଷ୍ଠ ରୋଗୀଙ୍କ ସେବା କରନ୍ତୁ। କୁଷ୍ଠ ରୋଗୀଙ୍କ ସେବା କଲେ ଖୁବ ଶୀଘ୍ର ଶନିଙ୍କ ସାଢେସାତୀ ପ୍ରକୋପରୁ ରକ୍ଷା ମିଳିଥାଏ ବୋଲି କୁହାଯାଏ।

## ଚ'ପତିରୁ ତିଆରି କରନ୍ତୁ ସ୍କ୍ରବ୍

ମହାମାରୀ କାରଣରୁ ଯୁବତୀ ଓ ମହିଳାମାନେ ପାର୍ଲର ଯିବାକୁ ବର୍ତ୍ତମାନ ସୁରକ୍ଷିତ ମଣୁନାହାନ୍ତି। ଘରୋଇ ଉପଚାର କରିବା ହିଁ ସବୁଠୁ ଉତ୍ତମ ଉପାୟ। କେମିକାଲ୍ ଭରପୂର ବଜାରରୁ ସ୍କ୍ରବ୍ କିଣିବା ପରିବର୍ତ୍ତେ ଘରେ ଅଳ୍ପ ସମୟରେ ସ୍କ୍ରବ୍ ତିଆରି କରିପାରିବେ। ଏହାକୁ ନିୟମିତ ଉପଯୋଗ କଲେ ମଧ୍ୟ ତ୍ୱଚା



ଉପରେ କୁପ୍ରଭାବ ପଡ଼େନାହିଁ। ଆବଶ୍ୟକ ସାମଗ୍ରୀମାନ ହେଲା ୨କପ୍ ଚିନି, ୪ ଚାମଚ ଚ' ଗୁଣ୍ଡ, ୧ଚାମଚ ନଡ଼ିଆ ତେଲ ଓ ଏୟାର୍-ଟାଇଟ୍ ଡବା। ପ୍ରଥମେ ଏକ ବଡ଼ ପାତ୍ର ନେଇ ସେଥିରେ ଚିନି ଓ ଚ'କୁ ଭଲରେ ମିଶାଇ ଦିଅନ୍ତୁ। ଏବେ ଭଲରେ ଗ୍ରାଇଣ୍ଡିଂ କରି ପାତ୍ରକୁ କାଢ଼ିନେବେ। ଅନ୍ୟ ଏକ ପାତ୍ରରେ ତେଲ ନେଇ ନଖଉଷୁମ କରି ରଖନ୍ତୁ। ଏବେ ସମସ୍ତ ସାମଗ୍ରୀକୁ ଭଲରେ ଗୋଟିଏ ପାତ୍ରରେ ମିଶାଇ ମିଶ୍ରଣ ଗାଢ଼ ହେବା ପର୍ଯ୍ୟନ୍ତ ଚାମରେ ମିଶାଇବେ। ଏବେ ସେହି ମିଶ୍ରଣକୁ ଏୟାର-ଟାଇଟ୍ ଡବାରେ ଭର୍ତ୍ତି କରି ୧ ସପ୍ତାହ ପର୍ଯ୍ୟନ୍ତ ବ୍ୟବହାର କରନ୍ତୁ। ସ୍ନାନ ପୂର୍ବରୁ ତ୍ୱଚା, ହାତ, ଗୋଡ଼ରେ ଲଗାଇ ମାଲିସ୍ କରି ପରେ ଉଷୁମ ପାଣିରେ ଧୋଇନେବେ। ଏହି ସ୍କ୍ରବ୍ ତ୍ୱଚାକୁ କୌଣସି କ୍ଷତି ପହଞ୍ଚାଇନଥାଏ ବରଂ ତ୍ୱଚାରେ ଏକ ଚମକ ଆସିଥାଏ।

# ରାଜ୍ୟସ୍ତରୀୟ ନିରନ୍ତର ପୁନର୍ବାସ ଶିକ୍ଷା କାର୍ଯ୍ୟକ୍ରମ




ଭୁବନେଶ୍ୱର, ୨୯।୧୧ (ମହାଭାରତ): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ରାଜ୍ୟ ସ୍ୱତନ୍ତ୍ର ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (ଏସ୍.ଆଇ.ଏସ୍.ଇ.ଆର)ର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ନିରନ୍ତର ପୁନର୍ବାସ ଶିକ୍ଷା (ସିଆରଇ) କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଲେ ଯେ ଶିଶୁମାନଙ୍କୁ ପ୍ରଥମରୁ ଉପଯୁକ୍ତ ଯତ୍ନ ଓ ଚିକିତ୍ସା ଦିଆଯାଇପାରିଲେ ସେମାନଙ୍କର ଭିନ୍ନକ୍ଷମତାକୁ ନିୟନ୍ତ୍ରଣ କରାଯାଇପାରିବ । ଚଳିତ ବର୍ଷର ଶୀର୍ଷକ 'ବହୁବିଧ ଭିନ୍ନକ୍ଷମତା ପାଇଁ ପ୍ରାରମ୍ଭିକ ହସ୍ତକ୍ଷେପର ଗୁରୁତ୍ୱ' ରହିଥିବାବେଳେ ଏହା ଆଜିର ସମୟର ପ୍ରାସଙ୍ଗିକତା ବୋଲି ମତ ରଖି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଲେ ଯେ ଭିନ୍ନକ୍ଷମମାନଙ୍କ ମଧ୍ୟରେ ଅନେକ ଅନ୍ତର୍ନିହିତ ପ୍ରତିଭା ରହିଛି। ରାଜ୍ୟ ସରକାର ସେମାନଙ୍କୁ ଗୁଣାତ୍ମକ ସେବା ଯୋଗାଇଦେବା ପାଇଁ ପ୍ରତିବଦ୍ଧ। ରାଜ୍ୟ ସରକାରଙ୍କ ଦ୍ୱାରା ଜିଲ୍ଲା ଓ ବ୍ଲକ୍ ସ୍ତରରେ ଭିନ୍ନକ୍ଷମ ପିଲାମାନଙ୍କ ଉପଚାର ପାଇଁ ଡି.ଡି.ଆରସି , ଆଇ.ଆଇ.ସି ଏବଂ ଅନ୍ୟାନ୍ୟ ସଂସ୍ଥା ମାଧ୍ୟମରେ ପୁନର୍ବାସ କେନ୍ଦ୍ର ଖୋଲାଯାଇଛି । ସେମାନଙ୍କ ପାଇଁ ବିଭିନ୍ନ ପ୍ରକାର ଉପଚାର, ସ୍ୱତନ୍ତ୍ର ଶିକ୍ଷା ଏବଂ ଶାରୀରିକ ଓ ମାନସିକ ଯତ୍ନକୁ ଗୋଟିଏ ସମନ୍ୱିତ ବ୍ୟବସ୍ଥା କରାଯାଇଛି।

ବିଭାଗୀୟ ନିର୍ଦ୍ଦେଶକ ଆଇ.ଏ.ଏସ ସୁଶ୍ରୀ ପାରୁଲ ପଟାୱରୀ କହିଲେ ଯେ ବିଭିନ୍ନ ପ୍ରକାର ଶାରୀରିକ ଭିନ୍ନକ୍ଷମତା ଥିବା ପିଲାମାନଙ୍କ ସହ ଅଟିଜିମ୍ ରେ ପୀଡ଼ିତ ଶିଶୁମାନଙ୍କୁ ସ୍ପିଚ୍ ଥେରାପି, ଅକୁପେସନାଲ ଥେରାପି ଦିଆଯାଇ ସେମାନଙ୍କ ସାମର୍ଥ୍ୟରେ ଉନ୍ନତି ଆଣିହେବ । ଉପଯୁକ୍ତ ଶାରୀରିକ ଓ ମାନସିକ ମାର୍ଗଦର୍ଶନ ସହ ସ୍ୱତନ୍ତ୍ର ଶିକ୍ଷା ସେମାନଙ୍କୁ ଭବିଷ୍ୟତରେ ଆତ୍ମନିର୍ଭର ହୋଇ ଜୀବନଯାପନ କରିବାରେ ସମର୍ଥ କରିପାରିବ। ଏଥିପାଇଁ ବାଲ୍ୟକାଳରୁ ଶିଶୁଟିର ଭିନ୍ନକ୍ଷମତାର ମୂଲ୍ୟାୟନ, ନିରନ୍ତର ଯୋଜନା, ଡାକ୍ତର ଏବଂ ବିଶେଷଜ୍ଞମାନଙ୍କ ମଧ୍ୟରେ ସମନ୍ୱୟ, ପରିବାରର ଯତ୍ନର ଆବଶ୍ୟକତା ରହିଛି। ଏଥିପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ନିରନ୍ତର ପ୍ରୟାସ ଜାରି ରହିଛି। ଶିଶୁମାନଙ୍କ ଶାରୀରିକ ଓ ମାନସିକ ଭିନ୍ନକ୍ଷମତାକୁ ଜାଣିବା ସହ ସେମାନଙ୍କୁ ପୁନର୍ବାସ କେନ୍ଦ୍ରରେ ଉପଯୁକ୍ତ ସହାୟତା ଦେବା ଉଦ୍ଦେଶ୍ୟରେ ଜିଲ୍ଲା ଓ ବ୍ଲକ୍ ସ୍ତରରେ ବ୍ୟବସ୍ଥା କରାଯାଇଛି। ସେଠାରେ ସେମାନଙ୍କୁ ଆବଶ୍ୟକତା ଅନୁଯାୟୀ ଉପଚାର ଦିଆଯିବା ସହ ବିଭିନ୍ନ ଜାତୀୟ ସ୍ତରର ପ୍ରତିଷ୍ଠାନର ସହଯୋଗରେ ଦକ୍ଷ ମାନବସମ୍ବଳଙ୍କୁ ନିୟୋଜିତ କରାଯାଉଛି। ଅଭିଭାବକମାନଙ୍କୁ ଏ ବାବଦରେ ଶିକ୍ଷିତ କରାଯିବା ସହ ଗୋଷ୍ଠୀଭିତିକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଆଜି ଦିନର ସି ଆର୍ ଇ ଅଧିବେଶନରେ ୧୫୦ ଜଣ ଅଂଶ ଗ୍ରହଣ କରିଥିଲେ। ସ୍ୱତନ୍ତ୍ର ଶାସନ ସଚିବ ସୁଶ୍ରୀ ରଜନୀ ଜାନି, ଡ. ସ୍ମୃତି ମହାପାତ୍ର ଓ ଜିତେନ୍ଦ୍ର ବିଶ୍ୱାଳ କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖିଥିବାବେଳେ ଅତିରିକ୍ତ ଶାସନ ସଚିବ ଭାସ୍କର ରଇତ, ଉପଶାସନ ସଚିବ ଦୀପକ ରାଉତରାୟ ଓ ସୋନିଆ ବେହେରାଙ୍କ ସମେତ ବିଭାଗୀୟ ଅଧିକାରୀ , ଏସ୍ଆଇଏସ୍ଇଆର ଏବଂ ଆର ସି ଜାଆଁଳା ର କର୍ମକର୍ତ୍ତା ଓ ପ୍ରଶିକ୍ଷାର୍ଥୀ ମାନେ ଉପସ୍ଥିତ ଥିଲେ।

# ଟ୍ରେନ୍ ଉପରେ ପଥର ଫିଙ୍ଗା ରୋକିବା ପାଇଁ ଜନସାଧାରଣଙ୍କ ସହଯୋଗ ଲୋଡ଼ିଲା ରେଳବାଇ

ଭୁବନେଶ୍ୱର, ୨୯।୧୧ (ମହାଭାରତ): ପୂର୍ବତଟ ରେଳପଥ ଜନସାଧାରଣଙ୍କୁ ଟ୍ରେନ୍ ଉପରେ ପଥର ଫିଙ୍ଗିବାର ବିପଜ୍ଜନକ ଏବଂ ବେଆଇନ ଅଭ୍ୟାସକୁ ରୋକିବାରେ ସାହାଯ୍ୟ କରିବାକୁ ଅନୁରୋଧ କରିଛି, ଯାହା ଯାତ୍ରୀ ସୁରକ୍ଷା ଏବଂ ରେଳ ସମ୍ପତ୍ତି ପାଇଁ ଏକ ନିରନ୍ତର ବିପଦ ଏପରି କାର୍ଯ୍ୟ କେବଳ ଯାତ୍ରୀ ଏବଂ କର୍ମଚାରୀଙ୍କୁ ଗମ୍ଭୀର ବିପଦରେ ପକାଇଥାଏ ନାହିଁ ବରଂ କୋଚ ଗୁଡ଼ିକୁ କ୍ଷତି ପହଞ୍ଚାଇଥାଏ, କାର୍ଯ୍ୟରେ ବିଳମ୍ବ କରିଥାଏ ଏବଂ ଯାତ୍ରା ସମୟରେ ଭୟ ଏବଂ ଅସୁବିଧା ସୃଷ୍ଟି କରିଥାଏ। ୨୦୨୫ ମସିହାରେ ପୂର୍ବତଟ ରେଳପଥର ରେଳ ସୁରକ୍ଷା ବଳ ଏପରି ମାମଲା ପଞ୍ଜୀକରଣ ଏବଂ ଚିହ୍ନଟ କରିବାରେ ବହୁତ ସକ୍ରିୟ ଅଛନ୍ତି। ବନ୍ଦେ ଭାରତ ରେକଗୁଡ଼ିକରେ ପଥର ଫିଙ୍ଗିବାର ମୋଟ ୨୨ଟି ଘଟଣା ରିପୋର୍ଟ ହୋଇଥିଲା, ଯେଉଁଥିରେ ୨୨ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ଅନ୍ୟ ଟ୍ରେନଗୁଡ଼ିକରେ ୫୯ଟି ଘଟଣା ରିପୋର୍ଟ ହୋଇଥିଲା, ଯେଉଁଥିରେ ୪୫ ଜଣଙ୍କୁ ଗିରଫ କରାଯାଇଛି।




ଏପରି ବିପଦର ମୁକାବିଲା ପାଇଁ, ରେଳ ସୁରକ୍ଷାବଳ ଦୁର୍ବଳ ସ୍ଥାନଗୁଡ଼ିକରେ, ବିଶେଷ କରି ଘନ ଜନବସତି ବିଶିଷ୍ଟ ଟ୍ରାକସାଇଡ୍ ଅଞ୍ଚଳରେ ପାଟ୍ରୋଲିଂକୁ ତୀବ୍ର କରିଛି। ଅପରାଧୀମାନଙ୍କୁ ନିବୃତ୍ତ କରିବା ଏବଂ ଶୀଘ୍ର କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ କରିବା ପାଇଁ ବର୍ଦ୍ଧିତ ସିସିଟିଭି ନିରୀକ୍ଷଣ, ଡ୍ରୋନ୍ ନିରୀକ୍ଷଣ ଏବଂ ଜିଆରପି, ଜିଲ୍ଲା ପୋଲିସ ଏବଂ ସ୍ଥାନୀୟ ପ୍ରଶାସନ ସହିତ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରାଯାଉଛି।

# ତାଳ ତେଲ ଉପରେ ଥିବା ଭ୍ରାନ୍ତ ଧାରଣା ଦୂର କରିଛନ୍ତି ଲୀମା ମହାଜନ

ଭୁବନେଶ୍ୱର, ୨୯।୧୧ (ମହାଭାରତ): ଖାଇବା ତେଲକୁ ନେଇ ଗ୍ରାହକଙ୍କ ଦ୍ୱନ୍ଦ୍ୱ ବୃଦ୍ଧି ଏବଂ ଅନଲାଇନ୍ ଭୁଲ ସୂଚନା ମଧ୍ୟରେ ମାଲେସିଆ ପାମ୍ ଅଏଲ୍ କାଉନସିଲ୍ (ଏମ୍‌ପିଓସି) ଏକ ନୂତନ ଛଅ ଭାଗର ପୋଡକାଷ୍ଟ ସିରିଜ୍ ଆରମ୍ଭ କରିଛି, ଯାହାର ଉଦ୍ଦେଶ୍ୟ ଭାରତୀୟ ପରିବାରଗୁଡ଼ିକୁ ସୂଚନାପୂର୍ଣ୍ଣ, ବିଜ୍ଞାନ ସମର୍ଥିତ ପସନ୍ଦ କରିବାରେ ସାହାଯ୍ୟ କରିବା । ଏହି ସିରିଜ୍ ଏମପିଓସିର ପୂର୍ବ ଡିଜିଟାଲ୍ ପଦକ୍ଷେପ ଉପରେ ଆଧାରିତ ଯାହା ମାଲେସିଆର ତାଳ ତେଲ ପଛରେ ଥିବା ପୁଷ୍ଟିକର ଖାଦ୍ୟ, ବିଜ୍ଞାନ ଏବଂ ସ୍ଥିରତାକୁ ସରଳ କରି ଲକ୍ଷ ଲକ୍ଷ ଭାରତୀୟ ଗ୍ରାହକଙ୍କ ନିକଟରେ ପହଂଚିଥିଲା। ସିରିଜର ପ୍ରଥମ ଦୁଇଟି ପୋଡକାଷ୍ଟ ଏପିସୋଡରେ ପୁଷ୍ଟିକର ବିଶେଷଜ୍ଞ ତଥା ନିର୍ମାତା ଲୀମା ମହାଜନ ଅତିଥି ଭାବରେ ଅଭିନୟ କରିଛନ୍ତି । ପୋଡକାଷ୍ଟ ସ୍ୱାସ୍ଥ୍ୟ, ଖାଦ୍ୟପେୟ ଚର୍ବି, ସ୍ଥିରତା ଏବଂ ବିଭ୍ରାନ୍ତିକର ମାର୍କେଟିଂ ଲେବଲ୍ ଉପରେ ପ୍ରମାଣ-ଆଧାରିତ ଅନ୍ତର୍ନିହିତ ସୂଚନା ସହିତ ସମ୍ପର୍କୀୟ ରୋଷେଇ ବାର୍ତାଳାପକୁ ମିଶ୍ରଣ କରେ । ପ୍ରତ୍ୟେକ ଏପିସୋଡ୍ ବ୍ୟାପକ ଭାବରେ ପ୍ରସାରିତ ପୁରାଣକୁ ଭାଙ୍ଗିଥାଏ ଏବଂ ଶ୍ରୋତାମାନଙ୍କୁ ଦୈନନ୍ଦିନ ରୋଷେଇ ପାଇଁ ସ୍ପଷ୍ଟ, ବ୍ୟବହାରିକ ପଦକ୍ଷେପ ପ୍ରଦାନ କରେ। ପ୍ରଥମ ଏପିସୋଡରେ, ଲିମା ବଡ ପ୍ରଶ୍ନକୁ ସରଳ କରନ୍ତି, କେଉଁ ତେଲ ପ୍ରକୃତରେ ସ୍ୱାସ୍ଥ୍ୟକର ? କୌଣସି ଗୋଟିଏ ତେଲକୁ ହଟାଇବା ଉପରେ ସନ୍ତୁଳନ ଏବଂ ସ୍ମାର୍ଟ ରନ୍ଧନ ଅଭ୍ୟାସ ଉପରେ ଗୁରୁତ୍ୱ ଦେଇ । ସେ ପାମ୍ ତେଲର ବିଜ୍ଞାନ-ସମର୍ଥିତ ଲାଭ ଏବଂ ଘରେ ତେଲ ଘୂର୍ଣ୍ଣନ କରିବାର ଗୁରୁତ୍ୱ ଉପରେ ସଂକ୍ଷେପରେ ସ୍ପର୍ଶ କରିଛନ୍ତି।

## ସହରାଞ୍ଚଳ ନୀତି ଆଲୋଚନାଚକ୍ର

# ଭବିଷ୍ୟତମୁଖୀ ସହର ବିକାଶ ପାଇଁ ଓଡ଼ିଶାର ଦୃଷ୍ଟିକୋଣ ଉପସ୍ଥାପିତ

ଭୁବନେଶ୍ୱର, ୨୯।୧୧ (ମହାଭାରତ): ବେଙ୍ଗାଲୁରୁରେ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ହ୍ୟୁମାନ ସେଟଲମେଂଟ ( ଆଇ ଆଇ ଏଚ୍ ଏସ୍) ଦ୍ୱାରା ଆୟୋଜିତ 'ସହରାଞ୍ଚଳ ନୀତି ସମ୍ପର୍କିତ ଆଲୋଚନା ଚକ୍ର ୨୦୨୫'ରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢ଼ୀ ଅଂଶଗ୍ରହଣ କରି ସହରମାନଙ୍କରେ ବସବାସ କରୁଥିବା ଲୋକମାନଙ୍କ ଜୀବନ ଧାରଣ ମାନରେ ଉନ୍ନତି, ସମ୍ମାନ ଓ ସୁରକ୍ଷା ରୂପରେଖ ପ୍ରସ୍ତୁତ କରିବା ଜରୁରୀ ବୋଲି ମତ ବ୍ୟକ୍ତ କରିଛନ୍ତି । ଏହା ଦେଶର ନଗର ବିକାଶ ନୀତି ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ ହେଉଥିବା ରୂପରେଖ ସମ୍ପର୍କିତ ଆଲୋଚନାର ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ବୋଲି ମଧ୍ୟ ଶ୍ରୀମତୀ ପାଢ଼ୀ ଅବହିତ କହିଛନ୍ତି ।

'ସହରାଞ୍ଚଳ ଭାରତରେ ଅଟକି ରହିଥିବା ସମ୍ପତିର ସଙ୍କଟ' ଶୀର୍ଷକ ଆଲୋଚନାରେ ଯୋଗଦେଇ ଶ୍ରୀମତୀ ପଢ଼ୀ କହିଥିଲେ ଯେ, ସହର ପରିକଳ୍ପନା ସ୍ଥିର, ବାତ୍ୟା ନିରୋଧୀ ଏବଂ ନାଗରିକ କେନ୍ଦ୍ରିକ ହେବା ଆବଶ୍ୟକ। ସହରମାନେ କେବଳ ଭୌତିକ ସଂରଚନା ନୁହେଁ — ଏହା ଏକ ସାମାଜିକ ଇକୋ ସିଷ୍ଟମ୍, ଆକାଂକ୍ଷା ଏବଂ ସୁଯୋଗର ସମାହାର। ଏଣୁ ଏଠାରେ ବସବାସ କରୁଥିବା ଲୋକଙ୍କ ଜୀବନ ଧାରଣ ମାନରେ ଉନ୍ନତି ଆଣିବା ଏବଂ ସେମାନଙ୍କ ସମ୍ମାନ ଓ ସୁରକ୍ଷା ନିମନ୍ତେ ରୂପରେଖ ପ୍ରସ୍ତୁତ କରିବା ଜରୁରି।

ଏହି ଗସ୍ତ ସମୟରେ ସେ, ଗ୍ରେଟର ବେଙ୍ଗାଲୁରୁ ଅଥରିଟିର ମୁଖ୍ୟ ଆୟୁକ୍ତଙ୍କ ସହ ଏକ ଟେକ୍ନିକାଲ ଆଲୋଚନା କରିଛନ୍ତି, ଯାହା ଦ୍ରୁତଗତିରେ ବଢୁଥିବା ସହରଗୁଡ଼ିକରେ ଶକ୍ତିଶାଳୀ ଶାସନ ଗଠନ ଓ ପ୍ରତିଷ୍ଠାନଗତ ସୁଦୃଢ଼ତା ନିର୍ମାଣ ଉପରେ କେନ୍ଦ୍ରିତ ଥିଲା। ଆଲୋଚନାରେ ସହରମାନଙ୍କୁ ଅର୍ଥନୈତିକ ଶକ୍ତିକେନ୍ଦ୍ର, ନବୀନତା ହବ୍ ଏବଂ ସମାନ ସୁଯୋଗ ଦେଇଥିବା ଅବସ୍ଥାମାନଙ୍କ ଭାବେ ଗଢ଼ିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ଓଡ଼ିଶାର ପ୍ରତିବଦ୍ଧତାକୁ ବ୍ୟକ୍ତ କରି ସେ କହିଥିଲେ ଯେ, ରାଜ୍ୟ ଟେକ୍ନୋଲୋଜି-ସମର୍ଥିତ, ଗୋଷ୍ଠୀ-ସହଭାଗୀ ଓ ସୁଧାରମୁଖୀ ନଗର ବିକାଶ ଦିଗରେ ଅଗ୍ରସର। ଯାହା ବିକାଶ ଓ ବାସ ଉପଯୋଗୀତାକୁ ସୁନିଶ୍ଚିତ କରେ। ଓଡ଼ିଶା ଲୋକମାନଙ୍କୁ ସଶକ୍ତ କରୁଥିବା, ସମ୍ଭାବନା ଏବଂ ସଯୋଗରେ ଭରପୂର ଭବିଷ୍ୟତମୁଖୀ ସହର ଗଢ଼ିବା ପାଇଁ ସଂକଳ୍ପବଦ୍ଧ।

# ଡିସେମ୍ବର ୪ରେ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେବ କଂଗ୍ରେସ

ଭୁବନେଶ୍ୱର, ୨୯।୧୧ (ମହାଭାରତ): ଚାଷୀର ସମସ୍ତ ବଳକା ଧାନ ସରକାର ସଂଗ୍ରହ କରନ୍ତୁ, ୫୫ ବର୍ଷପରେ ଚାଷୀ ଓ ଭାଗଚାଷୀଙ୍କୁ ୧୦ ହଜାର ଟଙ୍କା ମାସିକ ପେନସନ ବିଧେୟକ ଚଳିତ ବିଧାନସଭାରେ ଆଣନ୍ତୁ ଏବଂ ଫସଲବୀମାରେ ଥିବା ଅସଙ୍ଗତିକୁ ଦୂରକରି ଚାଷୀ ପରିବାରର ସ୍ୱାସ୍ଥ୍ୟବୀମା ଲାଗୁ ଆଦି ୩ ଦଫା ଦାବିରେ ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ଡିସେମ୍ବର-୪ ଗୁରୁବାର ଦିନ ପ୍ରତ୍ୟେକ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ । ଉପରୋକ୍ତ ଦାବିଗୁଡ଼ିକୁ ଯଥାଶୀଘ୍ର ପୂରଣ କରିବାର ପ୍ରତିଶ୍ରୁତି ଓ ପଦକ୍ଷେପ ନନେଲେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ଚେତାବନୀ ଦେଇଛି କଂଗ୍ରେସ।

କଂଗ୍ରେସ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ କିଷାନ ସେଲ ଅଧ୍ୟକ୍ଷ ଅଭୟ ସାହୁ କହିଛନ୍ତି ରାଜ୍ୟର ବିଜେପି ସରକାରଙ୍କର କଥା ପ୍ରବଳ କାମ ଦୁର୍ବଳ । ପ୍ରତିଦିନ ମନ୍ତ୍ରୀ ପରେ ମନ୍ତ୍ରୀ କହିଚାଲିଛନ୍ତି ମଣ୍ଡି ଆଜି ଖୋଲୁଛି ମଣ୍ଡି କାଲି ଖୋଲିବ । କିନ୍ତୁ ଆଜି ସୁଦ୍ଧା ମଣ୍ଡି ଖୋଲି ପାରିଲା ନାହିଁ । ଧାନଚାଷର ପ୍ରାଣ କେନ୍ଦ୍ର ବରଗଡ଼ ସମେତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ପ୍ରାୟ ୪୦ ରୁ ୫୦ ଭାଗ ଧାନ ଅମଳ ସରିଲାଣି । ଚାଷୀ ଏପର୍ଯ୍ୟନ୍ତ ଧାନ ମଣ୍ଡିରେ ପୈଠ କରିବାପାଇଁ ଅସମର୍ଥ । ମଣ୍ଡିତ ଖୋଲିପାରି ନାହିଁ ଅନ୍ୟ ପକ୍ଷରେ ସରକାର ଆଦର୍ଶ ମଣ୍ଡି ଖୋଲିବାରେ ଡିଣ୍ଡିମ ପିଟିଚାଲିଛନ୍ତି । ଆଜି ଗୋଟିଏ ନୂଆ ଭାଷଣ ଦେଇଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଧାନ । କେନ୍ଦ୍ର ସରକାର ୮ ଲକ୍ଷ ମେଟ୍ରିକ ଟନ ଧାନ ଓଡ଼ିଶାରୁ କିଣିବେ ବୋଲି ଘୋଷଣା କରିବାରୁ କେନ୍ଦ୍ରମନ୍ତ୍ରୀ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। ଯୁଦ୍ଧ କାଳୀନ ଭିତିରେ ମଣ୍ଡି ଖୋଲନ୍ତୁ ରାଜ୍ୟ ସରକାର ଧାନ ସଂଗ୍ରହ କରନ୍ତୁ । ମଣ୍ଡିରେ କଟ୍ଣୀ ଛଟଣୀ ଏଫଏକ୍ୟୁ ମାନ ନିର୍ଦ୍ଧାରଣ ସହିତ ସମସ୍ତ ଅବବ୍ୟସ୍ଥା ଦୂର କରନ୍ତୁ । ସମସ୍ତ ଅବବ୍ୟସ୍ଥା ଦୂରକରନ୍ତୁ । ଚଳିତବର୍ଷ କେନ୍ଦ୍ର ସରକାର କ୍ୟୁଂଟାଲ ପିଛା ବୃଦ୍ଧି କରିଥିବା ୬୯ଟଙ୍କା ବୋନସ ସହିତ ଚାଷୀଙ୍କୁ ପ୍ରାପ୍ୟ ଅର୍ଥ ପ୍ରଦାନ କରନ୍ତୁ । କୌଣସି ହଇରାଣ ଓ ହରକତକୁ ବରଦାସ୍ତ କରାଯିବ ନାହିଁ ବୋଲି ଅଧ୍ୟକ୍ଷ ଶ୍ରୀ ସାହୁ ସରକାରଙ୍କୁ ଚେତାବନୀ ଦେଇଥିଲେ। ଜାତୀୟ କଂଗ୍ରେସ କିଷାନ ସେଲ ସମ୍ପାଦକ ଅମୀୟ ପଟ୍ଟନାୟକ ଦାବୀ ଜଣାଇଥିଲେ।

# ୟୁଏସଡ଼ି ୪୮ ମିଲିୟନ ଏଫଟିଇ ନିଯୁକ୍ତି ସୃଷ୍ଟି କରିବ

ଭୁବନେଶ୍ୱର, ୨୯।୧୧ (ମହାଭାରତ): ଭାରତୟୁ ଏସଡ଼ି ୪.୧ ଟ୍ରିଲିୟନ (୩୬୦ ଲକ୍ଷ କୋଟି ଭାରତୀୟ ମୁଦ୍ରା)ର କ୍ରମବର୍ଦ୍ଧନଶୀଳ ସବୁଜ ପୁଞ୍ଜି ନିବେଶ ଏବଂ ୪୮ ମିଲିୟନ (୪.୮ କୋଟି)ର ପୂର୍ଣ୍ଣ-ଅବଧି ସମାନ୍ତର (ଏଫଟିଇ) ନିଯୁକ୍ତି ସୃଷ୍ଟି କରିପାରିବ ଯାହାକି କାଉନସିଲ ଅନ ଏନର୍ଜି, ଏନଭାର୍ନମେଂଟ ଆଣ୍ଡ ୱାଟର (ସିଇଇଡ଼ବ୍ଲୁ) ଦ୍ୱାରା ହୋଇଥିବା ଏକ ନୂତନ, ସ୍ୱାଧୀନ ସର୍ଭେ ମୁତାବକ ଅଟେ ଯାହାରକି ଆଜି ଶୁଭାରମ୍ଭ ହୋଇଛି। ପୁନର୍ବାର ଏହି ବିଶ୍ଳେଷଣ ସେହି ଜିନିଷର ଉପସ୍ଥାପନ କରିଛି ଯେପରିକି ଭାରତ ୨୦୪୭ରେ ୟୁଏସଡ଼ି ୧.୧ ଟ୍ରିଲିୟନ (୯୭.୭ ଲକ୍ଷ କୋଟି ଭାରତୀୟ ମୁଦ୍ରା) ବାର୍ଷିକ ସବୁଜ ମାର୍କେଟ ଉନ୍ମୁକ୍ତ କରିପାରିବ।ଏଭଳି ଏକ ପ୍ରଥମ-ଧରଣର ଜାତୀୟ ମୂଲ୍ୟ ନିର୍ଦ୍ଧାରଣକାରୀ ଚିହ୍ନଟ କରଣ ୩୬ଟି ସବୁଜ ମୂଲ୍ୟଯୁକ୍ତ ଚେନକୁ ଶକ୍ତି ପରିବର୍ତନୀୟ, ସଂଚାଳିତ ଅର୍ଥନୀତି ଏବଂ ଜୈବ-ଅର୍ଥନୈତିକ ତଥା ପ୍ରାକୃତିକ -ଆଧାରିତ ସମାଧାନ ଗୁଡ଼ିକର ଏକତ୍ରିତ ଭାବରେ ପ୍ରତିନିଧିତ୍ୱ କରିବା ସହିତ ଏକ ସବୁଜ ଅର୍ଥ ବ୍ୟବସ୍ଥାକୁ ସଂଜ୍ଞାକରଣ କରିବା ସହିତ ବିକଶିତ ଭାରତରେ ରହିଥିବା ଭାରତର ଜୟଯାତ୍ରା ପାଇଁ ସୁଯୋଗ ସୃଷ୍ଟି କରିପାରିଛି। ଏକ ସବୁଜ ଅର୍ଥନୀତି ପ୍ରାୟତଃ ସୌର ପ୍ୟାନେଲ ଏବଂ ବୈଦ୍ୟୁତିକ ଯାନ ଗୁଡ଼ିକରେ ସଂକୁଚିତ ଭାବରେ ଦେଖାଯାଇଥାଏ। ତଥାପି, କରାଯାଇଥିବା ଅଧ୍ୟୟନ ଏକ ବହୁ ଦୂରଗାମୀ ସୁଯୋଗ ଉପରେ ଆଲୋକପାତ କରିଥାଏ ଯାହାକି ଯଥାର୍ଥରେ ଜୈବ-ଆଧାରିତ ସାମଗ୍ରୀ, କୃଷି ଜଙ୍ଗଲ, ସବୁଜ ନିର୍ମାଣ, ଚଳମାନ ପର୍ଯ୍ୟଟନ, ସଂଚାଳିତ ଉତ୍ପାଦନକାରୀ, ବର୍ଜ୍ୟବସ୍ତୁ-ମୂଲ୍ୟ ପ୍ରଦାନକାରୀ ଶିଳ୍ପ ଏବଂ ପ୍ରକୃତି -ଆଧାରିତ ଜୀବନ ଜିବିକା ଇତ୍ୟାଦି ପ୍ରତ୍ୟେକ ଆସନ୍ତା ଦୁଇ ଦଶନ୍ଧି ମଧ୍ୟରେ ବିଲିୟନ-ଡ଼ଲାର କ୍ଷେତ୍ରରେ ନିଜର ମାନବୃଦ୍ଧି କରିବା ସହିତ ଉସ୍ର ସୁରକ୍ଷାକାରୀତା ତଥା ସ୍ଥିରତାକୁ ଆହୁରି ମଜବୁତ କରିପାରିବ। ଓଡ଼ିଶା ସେହି ପରିପ୍ରେକ୍ଷୀରେ ଯଦି ଏହାକୁ ସକ୍ରିୟ ଭାବରେ ଗ୍ରହଣ କରିବ ତେବେ ରାଜ୍ୟର ସବୁଜ ମୂଲ୍ୟଯୁକ୍ତ ଚେନର ମାନଦଣ୍ଡ ବୃଦ୍ଧି ପାଇବା ସହିତ ୨୦୨୩ ମସିହା ବେଳକୁ ଅନୁମାନିକ ୧୦ ଲକ୍ଷରୁ ଅଧିକ ଏଫଟିଇ ନିଯୁକ୍ତି ସୃଷ୍ଟି ହୋଇପାରିବ ଯାହାକି ଆନୁମାନିକ ୟୁଏସନି ୨୩.୭ ବିଲିୟନ (୨ ଲକ୍ଷ କୋଟି ଭାରତୀୟ ମୁଦ୍ରା)ର ରାଜ୍ୟ ଜିଡ଼ିପି ଯୋଗଦାନ ସହିତ ଏହା ସମୁଦାୟ ୟୁଏସଡ଼ି ୪୧.୮ ବିଲିୟନ (୩.୫ ଲକ୍ଷ କୋଟି ଭାରତୀୟ ମୁଦ୍ରା) ର ପୁଞ୍ଜି ବିନିଯୋଗକୁ ଆକର୍ଷିତ କରିପାରିବ।

# ହମାରା ବଚ୍‌ପନ ଟ୍ରଷ୍ଟ, ଡବ୍ଲୁଆର୍‌ଆଇ ଇଣ୍ଡିଆ ସହିତ ମିଳିତ

ଭୁବନେଶ୍ୱର, ୨୯।୧୧ (ମହାଭାରତ): ହମାରା ବଚ୍‌ପନ ଟ୍ରଷ୍ଟ, ଡବ୍ଲୁଆର୍‌ଆଇ ଇଣ୍ଡିଆ ସହିତ ମିଳିତ ଭାବରେ 'ଉଦ୍ଦୀପନ: ଦି ଫ୍ୟୁଚର ଇଜ୍ ଆୱାର୍ସ ! ଆଡୋଲେସେଂଟ୍ସ୍ କୋ-ଡିଜାଇନିଂ ସ୍ମାର୍ଟର ସିଟିଜ' ନାମରେ ଏକ ଉଲ୍ଲେଖନୀୟ ନାଗରିକ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ମେଫେୟାର କନ୍‌ଭେନ୍‌ସନରେ ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମ ଏହି ଧରଣର ପ୍ରଥମ ମଂଚ ହୋଇଥିଲା, ଯେଉଁଠାରେ କିଶୋରମାନେ ଯୁବ ଅନ୍ତର୍ଭୁକ୍ତିଭିତିକ ସହରାଂଚଳ ଭବିଷ୍ୟତ ନିମନ୍ତେ ସେମାନଙ୍କର ଚିନ୍ତାଧାରା ଓ ଦୂରଦୃଷ୍ଟି ବିନିମୟ କରିବାକୁ ସହରାଂଚଳ କର୍ତୃପକ୍ଷ, ନୀତି ନିର୍ଦ୍ଧାରକ ଏବଂ ଯୋଜନା ପ୍ରସ୍ତୁତକାରୀଙ୍କ ସହିତ ନିୟୋଜିତ ରହିଥିଲେ। ଶ୍ରୀମତୀ ଧରିତ୍ରୀ ପଟ୍ଟନାୟକ, ଫାଉଣ୍ଡର ଚେୟାରପର୍ସନ, ଏଚ୍‌ବିଟିଙ୍କ ଉଦ୍‌ବୋଧନରୁ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା ଏବଂ ସେଥିରେ ସେ ସଂଗଠନର ଦଶନ୍ଧି ଧରି ଲକ୍ଷ୍ୟ ଓ ମୂଲ୍ୟବୋଧଗୁଡ଼ିକ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ, "ହମାରା ବଚ୍‌ପନ ଟ୍ରଷ୍ଟ ନିରାପଦ, ସୁସ୍ଥ ଏବଂ ସମାବେଶୀ ପରିବେଶ ସୃଷ୍ଟି କରିବାକୁ ପ୍ରତିବଦ୍ଧ ରହିଛି ଯେଉଁଠାରେ ପିଲାମାନେ, କିଶୋର ଏବଂ ମହିଳାମାନେ ଇଜ୍ଜତର ସହିତ ବାସ କରିପାରିବେ। ବିଗତ ବର୍ଷଗୁଡ଼ିକରେ ଆମେ ଯୁବ ବର୍ଗଙ୍କୁ ସେମାନଙ୍କ ଜୀବନର ବାସ୍ତବତା ସମ୍ପର୍କରେ ପରିପ୍ରକାଶ କରିବା, ସ୍ଥାନୀୟ ଚାଲେଞ୍ଜଗୁଡ଼ିକ ଚିହ୍ନଟ କରିବା ଏବଂ ତୃଣମୂଳ ସ୍ତରରୁ ସହରାଂଚଳ ଏବଂ ଗ୍ରାମାଂଚଳ ଶାସନ ବ୍ୟବସ୍ଥାକୁ ପରିଭାଷିତ କରୁଥିବା ସମାଧାନଗୁଡ଼ିକ ମିଳିତ ଭାବରେ ସୃଷ୍ଟି କରିବା ଦିଗରେ ସଶକ୍ତ କରିଆସିଛୁ।"

# ବେଦାନ୍ତ ଆଇଓଓ ବାର୍ଷିକ ଖଣି ସୁରକ୍ଷା ସପ୍ତାହ

ଭୁବନେଶ୍ୱର, ୨୯।୧୧ (ମହାଭାରତ): ବେଦାନ୍ତ ସେସା ଗୋଆ - ଆଇରନ ଓର୍ ଓଡ଼ିଶା (ଆଇଓଓ) ପକ୍ଷରୁ ୪୩ତମ ବାର୍ଷିକ ଖଣି ସୁରକ୍ଷା ସପ୍ତାହ (ଏଏମଏସଡବ୍ଲୁ) ପାଳନ କାଯାଇଛି। କର୍ମକ୍ଷେତ୍ର ସୁରକ୍ଷାକୁ ପ୍ରୋତ୍ସାହିତ କରିବା ଏହାର ମୁଖ୍ୟ ଲକ୍ଷ୍ୟ ଥିଲା। 'ସୁରକ୍ଷା ହେଉଛି ଆମେ' ଅଭିଯାନ ଖଣି ସୁରକ୍ଷା ମହାନିର୍ଦ୍ଦେଶାଳୟ (ଡିଜିଏମଏସ) ଏବଂ ଓଡ଼ିଶାର ଖଣି ସୁରକ୍ଷା ସଂଘର ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଓଡ଼ିଶା ରାଜ୍ୟର କ୍ଷେତ୍ର-୧ ଏବଂ କ୍ଷେତ୍ର-୨ ଖଣିର ଖଣି କାର୍ଯ୍ୟରେ ସୁରକ୍ଷା ଅଭ୍ୟାସଗୁଡ଼ିକୁ ମାନଦଣ୍ଡ, ସମୀକ୍ଷା ଏବଂ ସୁଦୃଢ଼ କରିବା ସପ୍ତାହବ୍ୟାପୀ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା। "ବିକଶିତ ଭାରତ, ବିକଶିତ ଖାଦାନ" ଶୀର୍ଷକ ଉପରେ ଆଧାରିତ ଆଇଓଓର ଏହି ଅଭିଯାନରେ ଏହାର ଦୁଇଟି ପ୍ରମୁଖ ଖୋଲା ଲୁହା ପଥର ଖଣି - ନାଡ଼ିଡିହି ଲୁହା ପଥର ଖଣି ଏବଂ ନାଡ଼ିଡିହି ଲୁହା ଏବଂ ମାଙ୍ଗାନିଜ୍ ଖଣିରେ ପାଳନ କରାଯାଇଥିଲା। ବିଶିଷ୍ଟ ଅତିଥି ଏବଂ ଯାଂଚ୍ ଦଳଗୁଡ଼ିକ ବିସ୍ତୃତ ସୁରକ୍ଷା



ସମୀକ୍ଷା କରିଥିଲେ। ନାଡ଼ିଡିହି ଲୁହା ଖଣିରେ, ଏଚ୍. ପଟ୍ଟନାୟକ-ମାଇନିଂ (ସଂଯୋଜକ, ପତାବେଡା ଲୁହା ଖଣି, ମେସର୍ସ ଏମଜିଏମ) ଏବଂ ରଞ୍ଜିତ କୁମାର-ମାଇନିଂ (ସହ-ସଂଯୋଜକ, ସାନଇନ୍ଦପୁର ଲୁହା ଏବଂ ବକ୍ସାଇଟ୍ ଖଣି, ମେସର୍ସ ରୁଙ୍ଗଟା)ଙ୍କ ନେତୃତ୍ୱରେ, ଅଜୟ କୁମାର ଯାଦବ-ମେକାନିକାଲ୍ (ଲାଞ୍ଜିବେର୍ନା ଲାଇମଷ୍ଟୋନ୍ ଏବଂ ଡୋଲୋମାଇଟ୍ ଖଣି, ମେସର୍ସ ଡାଲମିଆ ସିମେଂଟ ଭାରତ ଲିମିଟେଡ୍, ମେସର୍ସ ଜେଏସଡବ୍ଲୁ)ଙ୍କ ଉପସ୍ଥିତିରେ ଯାଂଚ୍ କରାଯାଇଥିଲା। ନାଡ଼ିଡିହି ଲୁହା ଏବଂ ମାଙ୍ଗାନିଜ୍ ଖଣିରେ, ଦଳର ନେତୃତ୍ୱ ମହେନ୍ଦ୍ର କୁମାର ମହାନ୍ତି-ମାଇନିଂ (ମେସର୍ସ ଏମଜି ମହାନ୍ତିଙ୍କ ପାଟବେଡା ଲୁହା ଖଣିର ସଂଯୋଜକ) ଏବଂ ସଞ୍ଜୟ ପ୍ରଧାନ-ମାଇନିଂ (ମେସର୍ସ ଶିବ ସିମେଂଟର ସହ-ସଂଯୋଜକ, ଖଟକୁରବାହାଲ ଲାଇମଷ୍ଟୋନ ଏବଂ ଡୋଲୋମାଇଟ୍ ଖଣି) ନେଇଥିଲେ।

# ଧାର୍ଯ୍ୟ ଟାରିଫ ଠାରୁ ଟାଟା ଅଧିକ ଆଦାୟ କରୁଛି

ଭୁବନେଶ୍ୱର, ୨୯।୧୧ (ମହାଭାରତ): ଓଡିଶା ବିଦ୍ୟୁତ ସେବାରେ ନିୟୋଜିତ ଥିବା ଚାରୋଟି ବିତରଣ କମ୍ପାନୀ ଯଥା ଟିପିସିଓଡ଼ିଏଲ, ଟିପିଡବ୍ଲୁଓଡ଼ିଏଲ, ଟିପିଏସଓଡ଼ିଏଲ ଓ ଟିପିଏନଓଡ଼ିଏଲର ପରିଚାଳନା ଗତ ୫ ବର୍ଷଧରି ଟାଟା ପାୱାର କରୁଥିବା ବେଳେ ଏହାର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇ ଓଡିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ନିଜଆଡୁ ଏକ ମାମଲା ଆରମ୍ଭ କରିଥିଲେ। ଉକ୍ତ ମାମଲାଟି ଏବେ ଆୟୋଗଙ୍କ ବିଚାରଧିନ ଅଛି। ତେବେ ଆସନ୍ତା ନଭେମ୍ବର ୩୦ ମଧ୍ୟରେ ଓଡିଶା ବିଦ୍ୟୁତ କମ୍ପାନୀ ଗୁଡିକ ୨୦୨୬-୨୭ ବର୍ଷର ଟାରିଫ ନିର୍ଣ୍ଣୟ ପାଇଁ ନିଜ ନିଜର ବାର୍ଷିକ ରାଜସ୍ୱ ଆବଶ୍ୟକତା ଦରଖାସ୍ତ ଓଇଆରସିରେ ଦାଖଲ କରିବେ। ଜନଶୁଣାଣି ମାଧ୍ୟମରେ ଆୟୋଗ ସେଗୁଡିକୁ ଫଇସଲା ଟାରିଫ ଧାର୍ଯ୍ୟ କରିବେ। ଓଇଆରସି ଅଧିନିୟମ ଅନୁସାରେ ଆସନ୍ତାବର୍ଷ ୨୦୨୬-୨୭ ପାଇଁ ବିଦ୍ୟୁତ ମୂଲ୍ୟ ନିର୍ଣ୍ଣୟ ପୂର୍ବରୁ ଆୟୋଗ ବିଦ୍ୟୁତ କମ୍ପାନୀଗୁଡିକର କାର୍ଯ୍ୟଦକ୍ଷତା ସମୀକ୍ଷା କରି ଅଂଶୀଦାରମାନଙ୍କର ଅବଗତି ପାଇଁ ପ୍ରକାଶ କରିବେ। ଆୟୋଗ ଟାଟାର ୪ଟି ବିତରଣ କମ୍ପାନୀ ଓ ଗ୍ରୀଡକୋର କାର୍ଯ୍ୟଦକ୍ଷତା ସମୀକ୍ଷା ରିପୋର୍ଟ ଗତ ସପ୍ତାହରେ ପ୍ରକାଶ କରି ଥିବାବେଳେ ଓପିଟିସିଏଲ, ଏସଏଲଡ଼ିସି, ଓଏଚପିସି ଓ ଓପିଜିସିର ଏପର୍ଯ୍ୟନ୍ତ ପ୍ରକାଶ କରିନାହାନ୍ତି।

ଆସନ୍ତା ବର୍ଷ ପାଇଁ ଟାରିଫ ନିର୍ଣ୍ଣୟ ପ୍ରକ୍ରିୟାରେ ପୂର୍ବବର୍ଷର କାର୍ଯ୍ୟଦକ୍ଷତା ସମୀକ୍ଷା ରିପୋର୍ଟ ଏକ ଗୁରୁତ୍ୱପୂର୍ଣ ଭୂମିକା ଗ୍ରହଣ କରେ। ଆୟୋଗ ପ୍ରକାଶ କରିଥିବା ସମୀକ୍ଷା ରିପୋର୍ଟ ଅନୁସାରେ ୨୦୨୪-୨୫ ପାଇଁ ୩୦୭୯୫ ନିୟୁତ ୟୁନିଟ ବିଦ୍ୟୁତକୁ ୟୁନିଟ ପିଛା ହାରାହାରି ଟାରିଫ ୫ ଟଙ୍କା ୬୭ ପଇସା ହିସାବରେ ବିକ୍ରୟ କରି ୧୭୪୬୧ କୋଟିଟଙ୍କା ରାଜସ୍ୱ ଅଦାୟ କରିବା ପାଇଁ ଟାଟାକୁ ମଞ୍ଜୁର କରିଥିଲେ। କିନ୍ତୁ ଟାଟା ୨୯୫୭୯ ନିୟୁତ ୟୁନିଟ ଉପଭୋକ୍ତାଙ୍କୁ ବିକ୍ରିକରି ୟୁନିଟ ପିଛା ହାରାହାରି ୬ ଟଙ୍କା ୩ ପଇସା ହିସାବରେ ୧୭୮୩୬ କୋଟି ଟଙ୍କା ଅଦାୟ କରିଛନ୍ତି ଯାହା ଆୟୋଗ ଅନୁମୋଦନ କରିଥିବା ହାରାହାରି ଟାରିଫ ଠାରୁ ୩୬ ପଇସା ଅଧିକ। ସେହିପରି ବୈଷୟିକ ଓ ବାଣିଜ୍ୟ କ୍ଷତି ହ୍ରାସ ଲକ୍ଷ୍ୟକୁ ୧୮.୭୯% ଅନୁମୋଦନ କରିଥିବାବେଳେ ଟାଟା ଉତ୍ତମ କାର୍ଯ୍ୟଦକ୍ଷତା ପଦର୍ଶନ କରି କ୍ଷତିକୁ ୧୬.୭୦%କୁ କମାଇ ଦେଇଛି। ଉପଭୋକ୍ତାଙ୍କ ମିଟର ସ୍ଥାପନ କ୍ଷେତ୍ରରେ ଟାଟା ୯୯% ସଫଳ ହୋଇଥିବା ବେଳେ ସ୍ମାର୍ଟ ମିଟର ସ୍ଥାପନ ମାତ୍ର ୧୩% ହୋଇଛି। ଅର୍ଥାତ ୧୨ ଲକ୍ଷ ୬୭ ହଜାର ଉପଭୋକ୍ତା ସ୍ମାର୍ଟ ମିଟର ବସାଇଛନ୍ତି। ଫିଡର ଓ ଟ୍ରାନ୍ସଫର୍ମର ମିଟରିଙ୍ଗ କାର୍ଯ୍ୟରେ ଟାଟାର ପ୍ରଦର୍ଶନ ଦୁର୍ବଳ ରହିଛି। ଓଡିଶା ବିଦ୍ୟୁତ ସେବାରେ ନିୟୋଜିତ ସମୁଦାୟ ୨୬୫୯ଟି (୧୪୭୩୩ ଏମଭିଏ) ପାୱାର ଟ୍ରାନ୍ସଫର୍ମର ମଧ୍ୟରୁ ମାତ୍ର ୧୬୩୦ଟିକୁ (୬୧%) ମିଟରିଙ୍ଗ ହୋଇଛି। ସେହିପରି ୯୭୮ଟି ୩୩କେଭି ଫିଡର ମଧ୍ୟରୁ ମାତ୍ର ୭୫% ଅର୍ଥାତ ୭୩୮ଟି ମିଟରିଙ୍ଗ ହୋଇଛି। ବିଦ୍ୟୁତ ସେବାରେ ନିୟୋଜିତ ଥିବା ସମୁଦାୟ ୩ ଲକ୍ଷ ବିତରଣ ଟ୍ରାନ୍ସଫର୍ମର ମଧ୍ୟରୁ ପ୍ରାୟ ୨ ଲକ୍ଷ ଟ୍ରାନ୍ସଫର୍ମର କ୍ଷମତା ୬୩ କେଭିଏରୁ କମ ଥିବାରୁ ଆୟୋଗ ନାପସନ୍ଦ କରି ସେଗୁଡିକୁ ୧୦୦ କେଭିଏ କିମ୍ବା ତଦୁର୍ଦ୍ଧ କ୍ଷମତାକୁ ବୃଦ୍ଧି କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଉପଭୋକ୍ତା ସୂଚିକରଣ ଓ ଜିଆଇଏସ ମ୍ୟାପିଙ୍ଗ କାର୍ଯ୍ୟରେ ଟାଟା ପ୍ରାୟ ଶତ ପ୍ରତିଶତ ସଫଳ ହୋଇଥିବାବେଳେ ବିତରଣ ଟ୍ରାନ୍ସଫର୍ମର ମିଟରିଙ୍ଗ ମାତ୍ର ୧୯.୪୦% ହୋଇଛି। ବିଦ୍ୟୁତ ବ୍ୟାହତ ସମସ୍ୟା ଉତ୍ତର ଓଡିଶାରେ (ଟିପିଏନଓଡ଼ିଏଲ) ସବୁଠାରୁ ଅଧିକ ହୋଇଛି। ୨୦୨୪-୨୫ ବର୍ଷରେ ଓଡିଶାର ବିଦ୍ୟୁତ ବ୍ୟାହତ ସମସ୍ୟା ମାସକୁ ହାରାହାରି ୩୧ ଥର ଓ ୨୩ ଘଣ୍ଟା ହୋଇଥିବା ବେଳେ ଉତ୍ତର ଓଡିଶାରେ ୪୪ ଥର ଓ ୨୭ ଘଣ୍ଟା ହୋଇଛି। ବିଦ୍ୟୁତ ଦୁର୍ଘଟଣାରେ ମୋଟ ୧୭୪ଟି ଜୀବନ ଯାଇଛି। ସେଥିରୁ ୮୬ ଜଣ ମଣିଷ ହୋଇଥିବାବେଳେ ୮୮ ଜଣ ପଶୁ। ଗ୍ରୀଡକୋର କାର୍ଯ୍ୟଦକ୍ଷତା ସମୀକ୍ଷା ରିପୋର୍ଟ ଅନୁସାରେ ୨୦୨୪-୨୫ରେ ଗ୍ରୀଡକୋ ୪୨୪୮୭ ନିୟୁତ ୟୁନିଟ ବ୍ୟବସାୟ କରି ୧୪୫୧୧ କୋଟି ଟଙ୍କା ଆୟ କରିଥିବା ବେଳେ ସମୁଦାୟ ବ୍ୟୟ କରିଛି ୧୪୧୬୩ କୋଟିଟଙ୍କାୟ ଅର୍ଥାତ ବିଦ୍ୟୁତ ବ୍ୟବସାୟରୁ ଗ୍ରୀଡକୋ ୩୪୭ କୋଟି ଟଙ୍କା ଲାଭ କରିଛି। ଟାଟା ବିତରଣ କମ୍ପାନୀଗୁଡ଼ିକୁ ଗ୍ରୀଡକୋ ୟୁନିଟ ପିଛା ୩ ଟଙ୍କା ୩୬ ପଇସା ହିସାବରେ ୩୫୧୦୪ ନିୟୁତ ୟୁନିଟ ବିକ୍ରୟ କରିଥିବା ବେଳେ ଖୋଲା ବଜାରରେ ୟୁନିଟ ପିଛା ୪ ଟଙ୍କା ୩୪ ପଇସା ହିସାବରେ ୬୨୮୨ ୟୁନିଟ ବିକ୍ରୟ କରିଛି ଓ ଅବଶିଷ୍ଟ ୧୧୦୧ ୟୁନିଟ ପରିବହନ କ୍ଷତି ହୋଇଛି।

# କିମ୍ସରେ ଡିଜିଟାଲ୍ ପାଥୋଲୋଜି ସ୍କାନର୍

ଭୁବନେଶ୍ୱର, ୨୯।୧୧ (ମହାଭାରତ): ଦ୍ରୁତ ଓ ଠିକ୍ ରୋଗ ନିର୍ଣ୍ଣୟ ପାଇଁ କିମ୍‌ସରେ ଓଡ଼ିଶାର ପ୍ରଥମ ଅତ୍ୟାଧୁନିକ ଡିଜିଟାଲ୍ ପାଥୋଲୋଜି ସ୍କାନର କାର୍ଯ୍ୟ ଆରମ୍ଭ କରିଛି। କିମସ ପାଥୋଲୋଜି ବିଭାଗରେ ଅତ୍ୟାଧୁନିକ ଏସ୍‌ଜି୬୦ ଡିଜିଟାଲ୍ ପାଥୋଲୋଜି ସ୍କାନରକୁ କାର୍ଯ୍ୟକ୍ଷମ କରାଯାଇଛି। ଠିକ୍ ରୋଗ ନିଦାନ କ୍ଷେତ୍ରରେ ଏହା ଏକ ବଡ଼ ସଫଳତା ବୋଲି କୁହାଯାଉଛି। କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଡ ଅଚ୍ୟୁତ ସାମନ୍ତ ଆଜି ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ସ୍କାନର ସମସ୍ତ ପ୍ରକାର ରୋଗ ନିଦାନ ନିର୍ଭୁଲ ଭାବେ ନିର୍ଣ୍ଣୟ କରିପାରିବ। ଦ୍ରୁତ ଡିଜିଟାଇଜେସନ୍ ଓ ସ୍ୱୟଂଚାଳିତ ସ୍ଲାଇଡ୍ ବିଶ୍ଳେଷଣ ମାଧ୍ୟମରେ କର୍କଟ ଭଳି ଗୁରୁତର ରୋଗର ଚିହ୍ନଟ ପାଇଁ ସମୟ ହ୍ରାସ କରିବା ସହ ରୋଗୀଙ୍କ ପାଇଁ ଚିକିତ୍ସାକୁ ଆହୁରି ସରଳ ଓ ସୁଗମ କରିବ। ଏଥିରେ କମ୍ପ୍ୟୁଟର ସ୍କ୍ରିନ୍ କିମ୍ବା ମୋବାଇଲ୍ ଡିଭାଇସରେ ଦେଖାଯାଇପାରୁଥିବା ଉଚ୍ଚ ରିଜୋଲ୍ୟୁସନ୍ ଡିଜିଟାଲ୍ ପ୍ରତିଛବି ଓ ସ୍କାନିଂ ଡିଭାଇସ୍ ସହିତ ଗ୍ଲାସ୍ ସ୍ଲାଇଡ୍ କ୍ୟାପଚର କରାଯିବା ସମୟରେ ଡିଜିଟାଲ୍ ସ୍ଲାଇଡ୍ ସୃଷ୍ଟି କରାଯାଏ। ସ୍ୱତନ୍ତ୍ର ଡିଜିଟାଲ୍ ପାଥୋଲୋଜି ସଫ୍‌ଟୱେର ବ୍ୟବହାର କରି ନେଟୱାର୍କରେ ଡିଜିଟାଲ୍ ସ୍ଲାଇଡ୍ ସେୟାର କରିବାର ସୁବିଧା ରହିଛି। ଏହା ସ୍ନାତକ, ସ୍ନାତକୋତ୍ତର ଶିକ୍ଷା ଓ ବାହ୍ୟ ଗୁଣବତ୍ତା ଆଶ୍ୱାସନା ପାଇଁ ହିଷ୍ଟୋପାଥୋଲୋଜି ଶିକ୍ଷାର ପୂର୍ଣ୍ଣ ସ୍ପେକ୍ଟ୍ରମ୍ ନିଯୁକ୍ତ କରି ଡାକ୍ତରୀ ଛାତ୍ରମାନଙ୍କ ପାଇଁ ମଧ୍ୟ ସହାୟକ



ହେବ। ଏହି ସ୍କାନର ମେସିନ୍‌ରେ ମଧ୍ୟ ଡାଇଗ୍ନୋଷ୍ଟିକ୍ ସେବାର କୃତ୍ରିମ ବୁଦ୍ଧିମତା (ଏଆଇ)ବ୍ୟବହାରର ବ୍ୟବସ୍ଥା ରହିଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିମସ ପରାମର୍ଶଦାତା ଡା ଆର ଏନ ସାମନ୍ତ, କିମ୍‌ସ ପାଥୋଲୋଜି ବିଭାଗୀୟ ମୁଖ୍ୟ ପ୍ରଫେସର ରଞ୍ଜନା ଗିରି ଏବଂ କିମ୍‌ସର ଅନ୍ୟ ବରିଷ୍ଠ ଡାକ୍ତର ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଅନୁପ୍ରବେଶ ଲାଗି ପ୍ରୟାସ

୨୦୨୦ ମେ'ରେ ପୂର୍ବ ଲଦାଖର ଗଲୱାନ ଉପତ୍ୟକାରେ ଭାରତ ଓ ଚୀନ ସେନା ମୁହାଁମୁହିଁ ହେବା ପରେ ଉଭୟ ପକ୍ଷ ମଧ୍ୟରେ ଏକ ପ୍ରକାର ଖଣ୍ଡଯୁଦ୍ଧ ହୋଇଥିଲା। ଏଥିରେ ଉଭୟ ପକ୍ଷର ଅନେକ ମୃତାହତ ହୋଇଥିଲେ। ପରେ ଏଲଏସିର ଅନ୍ୟ କେତେକ ସ୍ଥାନରେ ମଧ୍ୟ ଚୀନ ସେନା ଭାରତୀୟ ସୀମାରେ ଅନୁପ୍ରବେଶ କରିବାକୁ ଉଦ୍ୟମ କରିବା ବେଳେ ଦୁଇ ପକ୍ଷ ମଧ୍ୟରେ ସଂଘର୍ଷ ହୋଇଛି। କହିବା ବାହୁଲ୍ୟ ଯେ, ଏଲଏସି ହେଉଛି ବିଶ୍ୱର ସବୁଠାରୁ ଦୀର୍ଘତମ ଦ୍ୱିପାକ୍ଷିକ ଭୌଗଳିକ ସୀମାରେଖା। ଏହା ମଧ୍ୟ ବିଶ୍ୱର ସବୁଠାରୁ ବିପଜ୍ଜନକ ଏବଂ ଆନ୍ତ ସୀମା। ପାକିସ୍ତାନ ସହିତ ସୀମାରେଖା ବା ଏଲଓସି ଏବଂ ଚୀନ ସହିତ ସୀମାରେଖା ଏଲଏସି ଅତି ନିକଟତର ଏବଂ ଉଭୟ ସୀମାରେଖା ଭାରତ ପାଇଁ ପ୍ରତିରକ୍ଷା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଭାରତକୁ ବିପୁଳ ଅର୍ଥ ବ୍ୟୟ କରିବାକୁ ପଡୁଛି। ଏହା ଭାରତର ସୁରକ୍ଷା ଏବଂ ନିରାପତ୍ତା ସହ ଜଡ଼ିତ। ଏହାକୁ ଅଣଦେଖା କରାଯାଇପାରିବ ନାହିଁ। ଗତ ୪ ବର୍ଷ ହେବ ଭାରତ ସରକାର ଚୀନ ସହ ବରାବର କୂଟନୈତିକ ଏବଂ ସାମରିକ ସ୍ତରରେ ଆଲୋଚନା ଜାରି ରଖିଛନ୍ତି। ଏହା ଫଳରେ ଉଭୟ ପକ୍ଷ ମଧ୍ୟରେ ଏକ ବୁଝାମଣା ହୋଇଛି ଏବଂ ୨୦୨୦ର ସ୍ଥିତି ବଜାୟ ରଖିବାକୁ ସ୍ଥିର କରାଯାଇଛି। ବୁଝାମଣା ଅନୁଯାୟୀ ଏଲଏସିରେ ପୁଣି ଭାରତୀୟ ସେନା ପାଟ୍ରୋଲିଂ କରିବେ। କିନ୍ତୁ ଚୀନର ପ୍ରତିଶ୍ରୁତି ସବୁ ବେଳେ ପାଣିର ଗାର ହୋଇଛି। ଚୀନ ପାଇଁ ବନ୍ଧୁତା କେବଳ ଲାଭକ୍ଷତିର ହିସାବ ଉପରେ ଆଧାରିତ। ମୋଦି ଓ ଜିନ ପିଙ୍ଗଙ୍କ ମଧ୍ୟରେ ଆଲୋଚନା ପୂର୍ବରୁ ଦୁଇ ପକ୍ଷ ମଧ୍ୟରେ ଏକ ବୁଝାମଣା ହୋଇଛି। ବୁଝାମଣା ଅନୁଯାୟୀ ଏଲଏସିରେ ପୁଣି ପୂର୍ବପରି ପାଟ୍ରୋଲିଂ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। କିନ୍ତୁ ସମୟ କହିବ ଚୀନ ଏହି ବୁଝାମଣାକୁ କେତେଦୂର କାର୍ଯ୍ୟକାରୀ କରିବ ବା ଗ୍ରହଣ କରିବ। କାରଣ ଭାରତ ସହ ଚୀନର ସୀମା ବିବାଦ ଅନେକ ଦଶନ୍ଧି ପୁରୁଣା। ଅରୁଣାଚଳ ପ୍ରଦେଶରୁ ଆରମ୍ଭ କରି ଲଦାଖ ପର୍ଯ୍ୟନ୍ତ ଏହି ବିବାଦ ପରିବ୍ୟାପ୍ତ। ଭାରତର ଅରୁଣାଚଳ ପ୍ରଦେଶକୁ ଚୀନ ସର୍ବଦା ନିଜର ଅଞ୍ଚଳ ଭାବେ ଦାବି କରି ଆସୁଛି। ପ୍ରତିବର୍ଷ ଚୀନ ସରକାରଙ୍କ ପକ୍ଷରୁ ଜାରି ହେଉଥିବା ମାନଚିତ୍ରରେ ଅରୁଣାଚଳକୁ ନିଜର ଅଞ୍ଚଳ ଭାବେ ଚୀନ ଚିତ୍ରଣ କରି ଆସୁଛି। ପ୍ରତିବର୍ଷ ଭାରତ ଏହାର ପ୍ରତିବାଦ କରି ଆସୁଛି। କିନ୍ତୁ ସ୍ଥିତିରେ ପରିବର୍ତ୍ତନ ଆସୁନି କିମ୍ବା ଚୀନ ଭାରତର ପ୍ରତିବାଦକୁ ଗ୍ରହଣ କରୁନାହିଁ। ୧୯୬୧ରେ ଭାରତ-ଚୀନ ଯୁଦ୍ଧରେ ଅରୁଣାଚଳ ପ୍ରଦେଶର ଏକ ବଡ଼ ଅଞ୍ଚଳ ଚୀନ ଦଖଲକୁ ଚାଲିଯାଇଛି। ଏହାବ୍ୟତିତ କାଶ୍ମୀର ଏବଂ ଲଦାଖର ଅନେକ ଅଞ୍ଚଳକୁ ମଧ୍ୟ ଚୀନ ଜବର ଦଖଲ କରିଛି। ୧୯୬୧ରେ ଭାରତର ସାମରିକ ଶକ୍ତି ଚୀନର ମୁକାବିଲା ପାଇଁ ପର୍ଯ୍ୟାପ୍ତ ନଥିଲା। ତେଣୁ ଭାରତ ଚୀନଠାରୁ ଏସବୁ ଅଞ୍ଚଳ ଛଡ଼ାଇ ଆଣିପାରିଲା ନାହିଁ। ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହରୁଙ୍କ ଭୁଲ ନୀତି ଯୋଗୁ ଭାରତକୁ ବହୁ ମୂଲ୍ୟ ଦେବାକୁ ପଡ଼ିଲା। ପରବର୍ତ୍ତୀ ସମୟରେ ଚୀନ ବାରମ୍ବାର ଲଦାଖ ଓ ଅରୁଣାଚଳ ପ୍ରଦେଶରେ ଅନୁପ୍ରବେଶ କରିବା ଲାଗି ପ୍ରୟାସ କରିଛି। ଅନେକ ଥର ଭାରତ ଓ ଚୀନ ସେନା ଏଥିଲାଗି ଏଲଏସିରେ ମୁହାଁ ମୁହିଁ ହୋଇଛନ୍ତି। ତିନି ବର୍ଷ ତଳେ ଲଦାଖର ଗଲୱାନ ଉପତ୍ୟକାରେ ଚୀନ ସେନା ଭାରତୀୟ ଅଞ୍ଚଳରେ ଅନୁପ୍ରବେଶ ଲାଗି ଉଦ୍ୟମ କରିବା ଫଳରେ ଉଭୟ ସେନା ମଧ୍ୟରେ ସଂଘର୍ଷ ସୃଷ୍ଟି ହୋଇଥିଲା ଏବଂ ଭାରତୀୟ ସେନାର ଅନେକ ଏଥିରେ ପ୍ରାଣ ହରାଇଥିଲେ। ଅରୁଣାଚଳ ପ୍ରଦେଶରେ ମଧ୍ୟ ଭାରତ ଓ ଚୀନ ସେନା ବାରମ୍ବାର ମୁହିଁ ମୁହିଁ ହୋଇଛନ୍ତି।

# ଜଣେ ମହାନ ଆତ୍ମାର ଜନ୍ମ ସମ୍ପର୍କରେ

**॥ ଅନୀତା ପଟ୍ଟନାୟକ ॥**

> *ରାଜାଙ୍କ କଥାଶୁଣି ଓଟରେ ବସି ବିଜ୍ଞଲୋକମାନେ ଚାଲିଲେ ଓ ଆଲୋକକୁ ଅନୁସରଣ କରି ପହଞ୍ଚି ଦେଖିଲେ ଶିଶୁଟିକୁ ଉଜ୍ଜ୍ୱଳ ଆଲୋକ ଆଚ୍ଛାଦିତ କରିଛି। ଭିତରକୁ ଯାଇ ମେରୀ ଓ ଶିଶୁର ପାଦ ପାଖରେ ପୂଜା ପ୍ରାର୍ଥନା କଲେ। ଉପହାର ଅର୍ପଣ କଲେ ଗୋଟିଏ ଛୋଟ ପେଡ଼ିରେ ସୁନା ମୋହର ଓ ଗୋଟିଏ ଚିତ୍ର ଖୋଦେଇ ବାକ୍ସରେ କିଛି ସୁଗନ୍ଧିତ ଗୁଣ୍ଡ ଧୂପ ଓ ଦେହରେ ଲଗାଇବା ପାଇଁ ଗୁଗଳ ତେଲ ଏକ ଛୋଟପାତ୍ରରେ ଦେଲେ। ବିଜ୍ଞଲୋକମାନେ ଈଶ୍ୱରଙ୍କ ଠାରୁ ସତର୍କ ବାଣୀ ପାଇଲେ ଯେପରି ସେମାନେ ରାଜା ହେରେଡଙ୍କ ପାଖକୁ ନଯାଆନ୍ତି।*

ହାଯାଏ କର୍ତ୍ତବ୍ୟକୁ ସଠିକ ଭାବେ ନକଲେ ଫଳାଫଳ ଭଲ ହୁଏନାହିଁ। ସମସ୍ତଙ୍କୁ ଭଲଫଳ ଦରକାର। ସେଥିପାଇଁ କର୍ତ୍ତବ୍ୟ ଓ କର୍ମ ଭଲ ହେବା ଦରକାର। କର୍ତ୍ତବ୍ୟ ପାଇଁ ଭକ୍ତି, ଦାନ ଓ ଶୃଙ୍ଖଳା ଦରକାର। କେତେକ ନିୟମର ଧାରା ମାନିବାକୁ ଶୃଙ୍ଖଳା କୁହାଯାଏ। କର୍ମ କରିବାର ଅଦମ୍ୟ ଉତ୍ସାହ ସହିତ ଶୃଙ୍ଖଳା ଦରକାର। କର୍ମ ଯାହା ଉଦ୍ଦେଶ୍ୟରେ କରାଯାଉଛି ସେଥିପ୍ରତି ଭକ୍ତି ଥିବା ଦରକାର। ତେଣୁ କୁହାଯାଏ ଶ୍ରଦ୍ଧା ରହିତ ପ୍ରେମ ପ୍ରମାଦପୂର୍ଣ୍ଣ ଓ ଶ୍ରଦ୍ଧା ସହିତ କର୍ମ ବାଞ୍ଛନୀୟ।

ଡିସେମ୍ବର ମାସ ଆସିଲେ ପୁଷ୍ପାଞ୍ଜଳୀ ଭାରି ଖୁସି ହୁଏ। ବିଭିନ୍ନ ପ୍ରକାରର ଦାମୀ ଦାମୀ ଶୀତ ପୋଷାକ ତାର ବାପା ତାକୁ କିଣି ଦିଅନ୍ତି ଘରକୁ ଛୁଟିରେ ଅନେକ ଲୋକ ଆସନ୍ତି। ସେମାନେ କହନ୍ତି ଯୀଶୁଖ୍ରୀଷ୍ଟଙ୍କର ଜନ୍ମଦିନ ପାଇଁ ଡିସେମ୍ବରଟିକୁ ଖ୍ରୀଷ୍ଟମାସ କୁହାଯାଏ। ପୁଷ୍ପାଞ୍ଜଳୀ ଦେଖେ ସେ ମାସରେ ଲୋକେ ବଡ଼ଦିନ ସଙ୍ଗୀତ ଗାନ କରନ୍ତି। ଯୀଶୁଙ୍କ ଜନ୍ମକୁ ଆଧାର କରି ନାଟକ କରନ୍ତି। ନାନା ପ୍ରକାର ସାଜସଜ୍ଜା ହୁଏ। ଉପହାର, ଅଭିନନ୍ଦନ, କାର୍ଡ଼ର ଆଦାନ ପ୍ରଦାନ ପ୍ରଭୃତି ହୁଏ। ପିଠାପଣା ଓ ମିଠାଇର ଭୋଜି ହୁଏ।

ପୁଷ୍ପାଞ୍ଜଳୀ ଦିନେ ବାପାଙ୍କୁ ପଚାରିଲା ଏକ୍ସମାସ ଶବ୍ଦର ଅର୍ଥ କ'ଣ ? ବାପା କହିଲେ କଣ ସେଥିରୁ ପାଇବୁ କେକ୍ କାଟ ଖାଇବା। ମା'ଙ୍କୁ ପଚାରିବାରୁ ସେ କହିଲେ ମୁଁ ଜାଣିନି। ପୁଷ୍ପାଞ୍ଜଳୀ ବନ୍ଧୁ ଯୋଶେଫ ତାକୁ କହିଲା ମାସ୍ ହେଉଛି ଗୀର୍ଜାରେ ଅନୁଷ୍ଠିତ ହେଉଥିବା ବିଶେଷ ଧରଣର ପ୍ରାର୍ଥନା କାର୍ଯ୍ୟକ୍ରମ 'ଏକ୍ସ' ଶବ୍ଦର ଅର୍ଥ ଗ୍ରୀସରେ ଯୀଶୁଙ୍କ ନାମର ପ୍ରଥମ ଅକ୍ଷର। ଗ୍ରୀରେ 'ଏକ୍ସ'ଟି ଗୋଟିଏ ପବିତ୍ର ଚିହ୍ନ ରୂପେ ବ୍ୟବହୃତ ହୁଏ। ଯୋଶେଫ ବଡ଼ଦିନର ତାତ୍ପର୍ଯ୍ୟ ବୁଝାଇବାକୁ ଯାଇ ପୁଷ୍ପାଞ୍ଜଳୀକୁ କହିଲା ଯୀଶୁଙ୍କର ଜନ୍ମତିଥିକୁ ଆମେ ହୃଦୟର ସହ ପାଳନ କରିବା ଦରକାର। ଏହାର ଅର୍ଥ ଯୀଶୁ ଦେଖାଇଥିବା ଆଦର୍ଶ ମାନଙ୍କ ମଧ୍ୟରୁ ଗୋଟିଏ ଦୁଇଟିକୁ ଅଭ୍ୟାସ କରିବା ଦ୍ୱାରା ତାହା ପାଳିତ ହୋଇପାରିଥାଏ। ଯୀଶୁଙ୍କ ଜୀବନ ହେଉଛି ନିଃସ୍ୱାର୍ଥପର ପ୍ରେମପୂର୍ଣ୍ଣ ସେବାର ଏକ କାହାଣୀ। ଲୋକଙ୍କ ସୁଖଦୁଃଖରେ ଭାଗୀ ହୋଇ ଭାଇ ଭାଇ ପରି ବଞ୍ଚିବାକୁ ସେ ଶିକ୍ଷା ଦେଇଥିଲେ। ଯୀଶୁ ଲୋକମାନଙ୍କ ହୃଦୟରେ ବିଶ୍ୱାସ, ଦୟା, ପ୍ରେମ, ସହନଶୀଳତା ଆଦି ଗୁଣମାନ ସଞ୍ଚାର କରିଥିଲେ। ପୁଷ୍ପାଞ୍ଜଳୀ ଯୋଶେଫକୁ ପଚାରିଲା ଯୀଶୁ କଣ ବୁଦ୍ଧଙ୍କ ପରିଥିଲେ ? ଯୋଶେଫ କହିଲା ହଁ ସେ ସୁଖ, ସ୍ୱାଚ୍ଛନ୍ଦ୍ୟ, ନିରାପତ୍ତା ଭୋଗ ଉପଭୋଗ ଲୋକଙ୍କ ଶତୃତାକୁ ସେ ସାହାସର ସହ ସମ୍ମୁଖୀନ ହୋଇଥିଲେ। କୌଣସି ଚାପରେ ପଡ଼ି ସେ ଆଦର୍ଶକୁ ଛାଡ଼ିନଥିଲେ, ଅହଂକାରକୁ ଦମନ କରିବାରେ ସେ ସକ୍ଷମ ଥିଲେ।

ପୁଷ୍ପାଞ୍ଜଳୀ କହିଲା ମୁଁ ଯୋଶେଫ ଏଥର ବୁଝିଗଲି ଯେଉଁ ମାନଙ୍କର ପାଖରେ ଭଲ ବା ଦିବ୍ୟ ଗୁଣ ଥାଏ ତାହାକୁ ଆମେ ଶ୍ରଦ୍ଧା ଓ ସମ୍ମାନ କରିଥାଉ ସେଥିପାଇଁ ବଡ଼ଦିନ ଛୁଟି ହୋଇଥାଏ। ପୁଷ୍ପାଞ୍ଜଳୀ ଘରକୁ ଫେରି ଯୋଶେଫ କହିଥିବା କଥା ତାର ମାଆଙ୍କୁ କହିବାରୁ ମାଆ ଆଉ ଦୁଇପଦ ଯୋଡ଼ି କହିଲେ ଯୀଶୁଙ୍କର ମାଆଙ୍କ ନାମ ମେରି ଓ ପିତା ନାମ ଯୋଶେଫ। ମେରୀ ଲୋକଙ୍କ ହୃଦୟ ସହ ତୁଳନୀୟ ଓ ଯୀଶୁ ହୃଦୟରେ ଜାତ ହେଉଥିବା ସନ୍ତୋଷ ବା ଆନନ୍ଦ ସହ ତୁଳନୀୟ। ସେଥିପାଇଁ ତୁ ଚିତ୍ରରେ ମେରୀ ସର୍ବଦା ଯୀଶୁଙ୍କୁ କୋଳରେ ଧରିଥିବା ଦେଖିବାକୁ ପାଇବୁ। ଯୀଶୁଙ୍କ ପ୍ରଦତ୍ତ ସଦଗୁଣକୁ ଅଭ୍ୟାସ କରି ଆନନ୍ଦ ଓ ସୁଖ ଲଭିବା ହେଉଛି ତାଙ୍କ ଜନ୍ମ ଦିବସ ପାଳନର ପ୍ରକୃତ ଅର୍ଥ।

ପୁଷ୍ପାଞ୍ଜଳୀ ତାର ବାପାଙ୍କୁ ଯୀଶୁଙ୍କ ଜନ୍ମ କାହାଣୀ କହିବାକୁ କହିଲା। ବାପା କହିଲେ ଯୀଶୁ ଜନ୍ମ ହେବା ପୂର୍ବରୁ ସିଜାର ଅଗଷ୍ଟସ ଆଦେଶ ଜାରି କଲେ ଯେ ରୋମ ରାଜ୍ୟର ସବୁ ଲୋକ ତାଙ୍କ ପୂର୍ବପୁରୁଷ ରହିଥିବା ନିଜ ନିଜ ନଗରକୁ ଯାଇ କର ଦାଖଲ କରିବେ। ତେଣୁ ଯୋଶେଫ ଓ ମେରୀ ନାଜରେଖ ସହରର ଗାଲିଲି ଠାରୁ ବେଥଲହେମ କୁହାଯାଉଥିବା ଡେଭିଡ ସହରର ଜୁଡ଼ାକୁ ବାହାରିଲେ। ଯୋଶେଫ ରାଜା ଡେଭିଡଙ୍କ ବଂଶଧର ଥିଲେ। ମେରୀ ସନ୍ତାନ ସମ୍ଭବା ଥିବାରୁ ଗୋଟିଏ ଗଧ ଉପରେ ବସି ଯାତ୍ରା କଲେ ଓ ଯୋଶେଫ ଚାଲି ଚାଲି ଗଲେ। ବାଟରେ ପଡୁଥିବା ବିଶ୍ରମ ଗୃହ ଲୋକଙ୍କ ଦ୍ୱାରା ପୁରି ଯାଇଥିଲା। ମେରୀ ଓ ଯୋଶେଫ ବିଶ୍ରାମସ୍ଥଳୀ ଖୋଜି ଖୋଜି ବିଫଳ ହେଲେ। ଜଣେ ସରେଇ ରକ୍ଷକ ମେରୀଙ୍କ କ୍ଳାନ୍ତ ମୁଖ ଦେଖି ଦୟାପରବଶ ହୋଇ ସରେଇ ଘର ପଛ ପାଖରେ ଥିବା ଗୋଟିଏ ଘୋଡ଼ା ଶାଳରେ ବ୍ୟବସ୍ଥା କରିଦେଲେ। ମେରୀ ଓ ଯୋଶେଫ କୃତଜ୍ଞତାର ସହ ସେଠାରେ ଆଶ୍ରୟ ନେଲେ ଓ ସେ ଦିନ ରାତିରେ ମେରି ଗର୍ଭସ୍ଥ ଶିଶୁଟିକୁ ଜନ୍ମ ଦେଲେ। ଲୁଗାରେ ଶିଶୁଟିକୁ ଭଲରୂପେ ଗୁଡ଼ାଇ ଦେଇ ସୁରକ୍ଷିତ ନରମ ଘାସରେ ଶଯ୍ୟା ତିଆରି କରି ଘୋଡ଼ା ଖାଇବା କୁଣ୍ଡରେ ଶୁଆଇ ଦେଲେ। ସେ ଦିନ ରାତିରେ ବେଥଲହମ ସହର ସୀମା ବାହାରେ ଦଳେ ମେଷ ପାଳକ ନିଆଁ ଜଳାଇ ତାର ଚାରିପଟେ ବସି ମେଷ ପଲକୁ ଜଗିଥିଲେ। ସେମାନେ ଏକ ଦିବ୍ୟ ଦୃଶ୍ୟ ଦେଖିବାର ସୁଯୋଗ ପାଇଲେ। ହଠାତ ଜଣେ ଦେବଦୂତ ସେମାନଙ୍କ ଆଗରେ ଉଭା ହେଲେ ପ୍ରଭୁଙ୍କ ମହିମାରୁ ଚର୍ତୁଦିଗ ଉଜ୍ଜ୍ୱଳ ଦିଶିଲା। ମେଷ ପାଳକମାନେ ଡରିଯାଇ ପରସ୍ପରକୁ ଜାବୁଡ଼ି ଧରିଲେ। ଦେବଦୂତ କିନ୍ତୁ ସେମାନଙ୍କୁ ନଡରିବାକୁ କହିଲେ। ଦେବଦୂତ କହିଲେ ମୁଁ ତୁମ ପାଇଁ ଶୁଭ ଖବର ଆଣିଛି। ଆଜି ଡେଭିଡ଼ ସହରରେ ଲୋକଙ୍କ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁ ଜନ୍ମ ଗ୍ରହଣ କରିଛନ୍ତି। ସେ କନାରେ ଗୁଡ଼ା ହୋଇ ଘୋଡ଼ା ଖାଇବା କୁଣ୍ଡରେ ଶୋଇଥିବ। ତୁମେମାନେ ଦେଖି ପାରିବ। ହଠାତ୍ ଦଳେ ଦେବଦୂତ ଈଶ୍ୱରଙ୍କୁ ସ୍ତୁତି କରି ସେଠାରେ ପହଞ୍ଚିଲେ ସେମାନେ କହୁଥାନ୍ତି ଈଶ୍ୱରଙ୍କର ଜୟ ହେଉ ଲୋକ ମାନଙ୍କର ଶାନ୍ତି ଓ ମଙ୍ଗଳ ହେଉ। ମେଷପାଳ ମାନେ ସେଠାରୁ ଦୌଡ଼ିଲେ। ବହୁ କଷ୍ଟରେ ଘୋଡ଼ାଶାଳଟିକୁ ପାଇଲେ। ସେଠାରେ ମେରୀ ଯୋଶେଫ ଓ କୁଣ୍ଡରେ ଶୋଇଥିବା ଶିଶୁକୁ ଦେଖିଲେ। ମେଷପାଳକ ମାନେ ଭକ୍ତିରେ ଆଣ୍ଠୁମାଡ଼ି ବସିଲେ ଓ ଦେବଦୂତ ମାନଙ୍କ କଥା ମେରୀ ଓ ଯୋଶେଫଙ୍କ ଆଗରେ ବଖାଣିଲେ। ଭଗବାନଙ୍କର ଦିବ୍ୟ ଲୀଳାରେ ଆଶ୍ଚର୍ଯ୍ୟ ହୋଇ ପ୍ରଶଂସା କରି ତାଙ୍କର ମହିମା ପ୍ରଶସ୍ତି ଗାନ କରି ଚାଲି ଆସିଲେ।

ବେଥଲହାମରେ ଯୀଶୁ ଯେଉଁ ଦିନ ଜନ୍ମ ଲାଭ କରିଥିଲେ ସେଠିକାର ରାଜା ହେରେଡଙ୍କ ପାଖରେ ଦଳେ ଜ୍ଞାନୀ (ଜ୍ୟୋତିଷ) ଲୋକ ଆସି ପହଞ୍ଚିଲେ। ସେମାନେ ଜେରୁଜରମର ପ୍ରଧାନ ସହରକୁ ଯାଉଥିଲେ। ଯେଉଁ ଆକାଶରେ ପୂର୍ବରୁ କିଛି ନଥିଲା ସେଠାରେ ସେମାନେ ଏକ ଉଜ୍ଜ୍ୱଳ ଆଲୋକ ସେମାନେ ଦେଖିଥିଲେ। ତେଣୁ ସେମାନେ ପଚାରି ପଚାରି ଆସିଲେ ଯିହୁଦୀ ମାନଙ୍କର ଯିଏ ରାଜା ସେ କେଉଁଠି ଜନ୍ମ ଗ୍ରହଣ କରିଛନ୍ତି। ଆମେ ତାଙ୍କର ଉଜ୍ଜ୍ୱଳ ଆଲୋକକୁ ପୂର୍ବ ଦିଗରେ ଦେଖିଲୁ ଓ ତାଙ୍କୁ ପୂଜା କରିବାକୁ ଆସିଛୁ। ରାଜା ହେରେଡ ବଡ଼ ଅଡୁଆରେ ପଡ଼ିଗଲେ ସେ ମୁଖ୍ୟ ପୁରୋହିତ ଓ ଅମାତ୍ୟ ମାନଙ୍କୁ ଡାକି ଯୀଶୁ କେଉଁଠାରେ ଜନ୍ମ ଗ୍ରହଣ କରିବେ ପଚାରିଲେ ସେମାନେ କହିଲେ ଜୁଡ଼ାର ବେଥେଲହାମ ଠାରେ। ରାଜା ହେରଡ଼ଙ୍କ ମନରେ ଶାନ୍ତି ରହିଲା ନାହିଁ। ପଦବୀ ହରାଇବା ଭୟରେ ମନେ ମନେ ଖୁବ ରାଗିଲେ ଓ ଭାବିଲେ ଏ ପିଲାଟି କିଏ ? ଯାହା ପାଇଁ ଏତେ ବିଜ୍ଞଲୋକ ପୂର୍ବ ଦିଗରୁ ଆସି ପହଞ୍ଚିଛ ବିଜ୍ଞ ଲୋକଙ୍କୁ ଡାକି ସେ ଗୋପନରେ କହିଲେ ବେଥଲହାମ ଯାଅ, କଷ୍ଟହେଉ ପଛେ ଶିଶୁକୁ ଖୋଜ ଓ ତାକୁ ପାଇସାରି ମତେ ଖବର ଦିଅ ମୁଁ ତାକୁ ପୂଜା କରିବି।

ରାଜାଙ୍କ କଥାଶୁଣି ଓଟରେ ବସି ବିଜ୍ଞଲୋକମାନେ ଚାଲିଲେ ଓ ଆଲୋକକୁ ଅନୁସରଣ କରି ପହଞ୍ଚି ଦେଖିଲେ ଶିଶୁଟିକୁ ଉଜ୍ଜ୍ୱଳ ଆଲୋକ ଆଚ୍ଛାଦିତ କରିଛି। ଭିତରକୁ ଯାଇ ମେରୀ ଓ ଶିଶୁର ପାଦ ପାଖରେ ପୂଜା ପ୍ରାର୍ଥନା କଲେ। ଉପହାର ଅର୍ପଣ କଲେ ଗୋଟିଏ ଛୋଟ ପେଡ଼ିରେ ସୁନା ମୋହର ଓ ଗୋଟିଏ ଚିତ୍ର ଖୋଦେଇ ବାକ୍ସରେ କିଛି ସୁଗନ୍ଧିତ ଗୁଣ୍ଡ ଧୂପ ଓ ଦେହରେ ଲଗାଇବା ପାଇଁ ଗୁଗଳ ତେଲ ଏକ ଛୋଟପାତ୍ରରେ ଦେଲେ। ବିଜ୍ଞଲୋକମାନେ ଈଶ୍ୱରଙ୍କ ଠାରୁ ସତର୍କ ବାଣୀ ପାଇଲେ ଯେପରି ସେମାନେ ରାଜା ହେରେଡଙ୍କ ପାଖକୁ ନଯାଆନ୍ତି। ତେଣୁ ସେମାନେ ନିଜ ରାଜ୍ୟକୁ ଫେରିଗଲେ। ଜୋଶେଫ ସ୍ୱପ୍ନରେ ଦେଖିଲେ ଦେବଦୂତ ଉଭା ହୋଇ କହୁଛନ୍ତି ଉଠି ପଡ଼ ଏ ଛୋଟ ଶିଶୁ ଓ ମାକୁ ନେଇ ଇଜିପ୍ଟ ପଳାଇ ଯାଅ ମୁଁ ଖବର ନଦେବା ପର୍ଯ୍ୟନ୍ତ ସେଠାରେ ରହ କାରଣ ହେରଡ଼ ରାଜା ଶିଶୁକୁ ମାରଦେବ। ଯୋଶେଫ ନିଦରୁ ଉଠି ମେରିଙ୍କ ଆଗରେ ସ୍ୱପ୍ନ କଥା କହିଲେ ଓ ତତ୍କ୍ଷଣାତ ଜିନିଷପତ୍ର ଧରି ଯାତ୍ରା ପାଇଁ ପ୍ରସ୍ତୁତ ହେଲେ। ଶିଶୁ ଉଷୁମ କନାରେ ଗୁଡ଼ାଇ ଦେହରେ ଜାକି ଧରି ଗୋଟିଏ ଗଧପିଠିରେ ବସି ରାତି ଥାଉ ଥାଉ ନିର୍ଜନ ଜଙ୍ଗଲ ରାସ୍ତା ଦେଇ ଇଜିପ୍ଟରେ ପହଞ୍ଚିଲେ।

ହେରେଡ ଜାଣିଲେ ବିଜ୍ଞ ଲୋକମାନେ ଚାଲାକି କରିଛନ୍ତି ସେ ଗର୍ଜନ କରି କହିଲେ, ଶିଶୁକୁ ମୋ ସିଂହାସନ ଦଖଲ କରିବାକୁ ଦେବିନାହିଁ ଓ ବେଥଲହାମ ଓ ତାର ଆଖପାଖ ଅଞ୍ଚଳରେ ଦୁଇ ବର୍ଷ ଓ ତା ତଳକୁ କମ ବର୍ଷର ପିଲାଙ୍କୁ ମାରିବାକୁ ଆଦେଶ ଦେଲେ। କିଛି ଦିନ ପରେ ରାଜା ହେରେଡ଼ ମରିଯିବା ପରେ ଇଜିପ୍ଟରେ ଦେବଦୂତ ସ୍ୱପ୍ନରେ କହିଲେ ତୁମେ ବର୍ତ୍ତମାନ ଶିଶୁ ଓ ମା ସହ ଇସ୍ରାଏଲ ଚାଲିଯାଅ। ସେହି ଅନୁସାରେ ସେମାନେ ବଣ ଜଙ୍ଗଲ ମରୁଭୂମି ଦେଇ ଇସ୍ରାଏଲ ଗଲେ ଓ ଶିଶୁ ନିରାପଦ ଜାଣି ସେମାନେ ଖୁସି ହେଲେ। ସେମାନେ ପୁନଶ୍ଚ ନାଜାରେଖ ନଗରୀ ଗାଲିଲୀସ୍ଥିତ ନିଜ ଘରେ ବାସ କରିବାକୁ ଫେରି ଆସିଲେ। ପୁଷ୍ପାଞ୍ଜଳୀ କହିଲା ବାପା କୃଷ୍ଣଙ୍କ ଜନ୍ମ ପରି ରାଜା ହେରେଡ଼ କ'ଣ କଂସ ଥିଲା ? ହେଲେ ତାର ମରିବା ଓ କଂସର ମରିବା ଅଲଗା।

ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, ସେକ୍ଟର-୧୦, କଟକ, ଦୂରଭାଷ : ୯୬୯୨୯୮୦୦୨୬

# ଯୋଗ୍ୟତାର ମାପକାଠି: କେତେ ସଠିକ୍ କମିବ ପିଲାଙ୍କ ମାନସିକ ଚାପ

**॥ ଅଧ୍ୟାପକ ଗୋପବନ୍ଧୁ ॥**

ରାଷ୍ଟ୍ର ପରିଚାଳନାରେ ଯୋଗ୍ୟ ବ୍ୟକ୍ତିଙ୍କ ଆବଶ୍ୟକତା ଯଥେଷ୍ଟ ରହିଛି । ବିଭିନ୍ନ କ୍ଷେତ୍ରରେ ଯୋଗ୍ୟ ବ୍ୟକ୍ତିଙ୍କ ଚୟନ ପାଇଁ ରାଷ୍ଟ୍ର ମାନଦଣ୍ଡ ତିଆରି କରିଥାଏ । ଆମ ଦେଶରେ ମଧ୍ୟ ବିଭିନ୍ନ ପଦପଦବୀଙ୍କ ପାଇଁ ଯୋଗ୍ୟ ବ୍ୟକ୍ତିଙ୍କ ଚୟନ ହୁଏ। ଶିକ୍ଷା କ୍ଷେତ୍ରରେ ଏଡମିଶନ୍ ପାଇଁ ଯୋଗ୍ୟଙ୍କ ଚୟନ ହୁଏଯ ଯେଉଁମାନେ ଚୟନରେ ଅଗ୍ରଣୀ ହୁଅନ୍ତି ତାଙ୍କୁ ମେଧାବୀ କୁହାଯାଏ । ଚାକିରୀ କ୍ଷେତ୍ରରେ ମଧ୍ୟ ଯୋଗ୍ୟ ବ୍ୟକ୍ତିଙ୍କ ଚୟନ ହୁଏଯ ଯେଉଁମାନେ ଦେଶର ପ୍ରଶାସନିକ ବୈଷୟିକ, କାରିଗରୀ, ଚିକିତ୍ସା, ନ୍ୟାୟପାଳିକା ପ୍ରଭୃତି ଦାୟିତ୍ୱ ତୁଲାନ୍ତି । ସେ ଚାକିରୀ ହେଉ କି ଶିକ୍ଷା ହେଉ, ଦେଶର ନାଗରିକ ଚାହାଁନ୍ତି ଯେ ଯେଉଁମାନେ ଯୋଗ୍ୟ ଓ ରାଷ୍ଟ୍ର ଗଠନରେ ପାରଦର୍ଶୀ ସେମାନେ ମନୋନୀତ ହୁଅନ୍ତୁ । ଏହି ପ୍ରକାର ବ୍ୟକ୍ତିମାନଙ୍କ ଚୟନ ପାଇଁ ଯେଉଁ ମାନଦଣ୍ଡ ତିଆରି ହୁଏ ତାହା ସଠିକ ହେବା ଆବଶ୍ୟକ । ଯେଉଁ ମାନଦଣ୍ଡ ଦ୍ୱାରା ପ୍ରକୃତ ଜ୍ଞାନୀ, ରାଷ୍ଟ୍ରବାଦୀ, ମାନବବାଦୀ, ସ୍ୱଚ୍ଛୋଟ, କର୍ମଠ, ପ୍ରଗତିବାଦୀ ଓ ସମାଜ ପ୍ରତି ସମର୍ପିତ ବ୍ୟକ୍ତିମାନେ ମନୋନୀତ ହୋଇପାରିବେ ।

କିନ୍ତୁ ବେଳେ ବେଳେ ମନେହୁଏ ଆମ ଦେଶରେ ମେଧାବୀ ବା ଯୋଗ୍ୟ ବ୍ୟକ୍ତି ଚୟନ କ୍ଷେତ୍ରରେ ସଠିକ ମାନଦଣ୍ଡ ନାହିଁ। ଯେଉଁ ସମସ୍ତ ବିଷୟକୁ ମାନଦଣ୍ଡ ରୂପେ ଗ୍ରହଣ କରାଯାଇଛି, ତାହା ଦ୍ୱାରା ସଠିକ ବ୍ୟକ୍ତିମାନେ ମନୋନୀତ ହୋଇପାରୁ ନାହାଁନ୍ତି ବୋଲି କେତେକେ ଅଭିଯୋଗ କରନ୍ତି। ସଠିକ ବ୍ୟକ୍ତିମାନେ ଯଦି ସମସ୍ତ କ୍ଷେତ୍ରରେ ମନୋନୀତ ହେଉଥାନ୍ତେ, ତେବେ ଦେଶର ଶାସନ ଓ ପ୍ରଶାସନରେ ଏତେ ଭ୍ରଷ୍ଟାଚାର ଓ ଅପାରଗତା ଦେଖାଦେଉ ନଥାନ୍ତା ।କୌଣସି କାମ ପାଇଁ ଉତ୍କୋଚ ଦେବା ପାଇଁ ପଡୁ ନଥାନ୍ତା । ଗୋଟିଏ ଟେବୁଲରୁ ଆଉ ଗୋଟିଏ ଟେବୁଲକୁ ଫାଇଲ ଯିବା ପାଇଁ ମାସମାସ ସମୟ ଲାଗୁ ନଥାନ୍ତା । ରାସ୍ତା ତିଆରି ହେବାର ୬ ମାସ ନପୁରୁଣୁ ତାହା ନଷ୍ଟ ହୋଇଯାଉ ନଥାନ୍ତା । ତିଆରି ନସରୁଣୁ ପୋଲ ଭୁଶୁଡି ପଡୁ ନଥାନ୍ତା। ଭୁଲ ଇଞ୍ଜେକସନ୍ ଓ ଭୁଲ ରକ୍ତ ପ୍ରଦାନ ଯୋଗୁଁ ରୋଗୀ ମରୁ ନଥାନ୍ତେ । ଶିକ୍ଷା କ୍ଷେତ୍ରରେ ଦେଶ ଏତେ ପଛରେ ପଡ଼ି ନଥାନ୍ତା । ଭୋକିଲା ସୂଚକାଙ୍କରେ ଭାରତ ୧୧୧ ତମ ସ୍ଥାନରେ ନଥାନ୍ତାୟ ଯୋଗ୍ୟତାର ମାପକାଠିରେ ଉତ୍ତୀର୍ଣ୍ଣ ହୋଇଥିବା ମେଧାବୀମାନେ ଉତ୍କୋଚ ନେଇ ଧରାପଡୁ ନଥାନ୍ତେ । ଏମାନେ ଦେଶର ଗୁପ୍ତ ତଥ୍ୟକୁ ବିକ୍ରୀକରୁ ନଥାନ୍ତେ । ନ୍ୟାୟପାଳିକାରେ କୋଟି କୋଟି କେଶ ଫୈସଲା ନହୋଇ ବର୍ଷ ବର୍ଷଧରି ପଡିରହୁ ନଥାନ୍ତା । ଦେଶରେ ହଜାର ହଜାର କୋଟି ଟଙ୍କାର ଦୁର୍ନୀତି ହେଉ ନଥାନ୍ତା । ଏସମସ୍ତ ବିଷୟ ଦୈନିକ ଖବରକାଗଜରେ ଦେଖିଲା ପରେ ମନେହୁଏ ନାହିଁ ଯେ ଦେଶ ଯୋଗ୍ୟ ଲୋକଙ୍କ ହାତରେ ଅଛି ।

ଦେଶରେ ଯେଉଁ ଯୋଗ୍ୟତାର ମାନଦଣ୍ଡ ନିର୍ଣ୍ଣୟ ହୋଇଛି, ତାହା ପର୍ଯ୍ୟାପ୍ତ ପରି ମନେହୁଏ ନାହିଁ । ଶିକ୍ଷା କ୍ଷେତ୍ରରେ ସେହିମାନେ ଯୋଗ୍ୟ ଯେଉଁମାନେ ଅଧିକ ମନେରଖି ପାରନ୍ତି ଓ ଏହାକୁ ଠିକଭାବେ ଲେଖିପାରନ୍ତି । ଅର୍ଥାତ ଶିକ୍ଷାରେ ଘୋଷିବା ଓ ଲେଖିବା ଯୋଗ୍ୟତାର ମାନଦଣ୍ଡ । ଏଥିରେ ସୃଜନଶୀଳତା ଓ ଉତ୍କୃଷ୍ଟ ନୂତନତାର ଅନ୍ୱେଷଣ ମୂଖ୍ୟ ମାନଦଣ୍ଡ ଭାବେ ଗୃହିତ ହୁଏ ନାହିଁ । ପରୀକ୍ଷା ପରେ ଛାତ୍ରଛାତ୍ରୀ ମାନଙ୍କୁ ଯେଉଁ ଯୋଗ୍ୟତାର ପ୍ରମାଣପତ୍ର ମିଳେ ତାହା କେବଳ ତାର ସ୍ମୃତିର ମାନକ ହୋଇଥାଏ । ଏହା ତାର ମାନସିକତାର ଓ ପ୍ରୟୋଗାତ୍ମକ ଦକ୍ଷତାର ପ୍ରକୃତ ପରିମାପକ ନୁହେଁ । ସେହିପରି ବିଭିନ୍ନ ଚାକିରୀ ପାଇଁ ଯେଉଁ ପରୀକ୍ଷା ଓ ଏହାର ମାନଦଣ୍ଡ ଗ୍ରହଣ କରାଯାଏ ତାହା ମଧ୍ୟ ସମ୍ପୂର୍ଣ୍ଣ ମାନକ ରୁପେ ବିବେଚିତ ହୁଏ ନାହିଁ । ଏଥିରେ ମଧ୍ୟ ଘୋଷିବା ଓ ଲେଖିବା ଉପରେ ପ୍ରାଧାନ୍ୟ ଦିଅଯାଏ । ସାକ୍ଷାତକାର ପରୀକ୍ଷାରେ ମଧ୍ୟ ଜଣକର ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ ସମ୍ପୂର୍ଣ୍ଣଭାବେ ପରିସ୍ଫୁଟ ହେଲାପରି ମନେହୁଏ ନହିଁ । ଚାକିରୀ ଚୟନ କ୍ଷେତ୍ରରେ ଜଣକର ସଚ୍ଚୋଟତା, ମାନବିକତା, ନୈତିକତା, ରାଷ୍ଟ୍ରୀୟ ଭାବନା, ବୈଜ୍ଞାନିକ ଚେତନା, ସୃଜନଶୀଳତା, ବିଭିନ୍ନ କ୍ଷେତ୍ରରେ ପ୍ରୟୋଗାତ୍ମକ ଜ୍ଞାନ ଇତ୍ୟାଦିକୁ ଗୁରୁତ୍ୱ ଦିଆଯାଏ ନାହିଁ । ଫଳରେ ଯେଉଁମାନେ ଚାକିରୀ କ୍ଷେତ୍ରକୁ ପଶି ଆସନ୍ତି ସେମାନେ ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରନ୍ତି ନାହିଁ ।

ଅନେକ ସମୟରେ ଯୋଗ୍ୟତାର ଆଲୋଚନା ସମୟରେ ସୁପାରିଶ ଓ ପୂର୍ବଧାରଣାକୁ ବିଚାରର ପରିସରଭୁକ୍ତ କରଯାଏ ନାହିଁ। ଏବେବି ଅନେକଙ୍କ ଧାରଣା ଯେ ଯୋଗ୍ୟତା ଜାତି ଆଧାରରେ ଆସେୟ । ସମାଜର ତଥାକଥିତ ଉଚ୍ଚ ଜାତିର ଲୋକମାନେ ଜନ୍ମଗତ ଭାବେ ଯୋଗ୍ୟ । ଅନ୍ୟମାନେ ଅଯୋଗ୍ୟ । ଏ ପ୍ରକାର ଅବଧାରଣା ହଜାର ହଜାର ବର୍ଷଧରି ରହିଆସିଛି । ସମାଜ ତଳ ସ୍ତରର ଲୋକମାନଙ୍କ ଯୋଗ୍ୟତାକୁ ଏଯାଏଁ ସ୍ୱୀକାର କରିପାରି ନାହିଁ । ଯେଉଁମାନେ ବି ଯୋଗ୍ୟ ବାହାରିଛନ୍ତି ତାଙ୍କ ଯୋଗ୍ୟତାକୁ ନଷ୍ଟ କରିଦେବାର ବ୍ୟବସ୍ଥା ମଧ୍ୟ ହୋଇଛି । ରାମାୟଣରେ ସମ୍ବୁକ ଓ ମହାଭାରତରେ ଏକଲବ୍ୟ ଏହାର ଉଦାହରଣ । ମେଧାବୀ ବା ଯୋଗ୍ୟ ବ୍ୟକ୍ତି ଚୟନ କ୍ଷେତ୍ରରେ ଏ ମାନସିକତା ଏବେବି ରହିଛି । ଯୋଗ୍ୟତା ଚୟନ କ୍ଷେତ୍ରରେ ସୁପାରୀଶ ଓ ଭାଇଭତିଜାବାଦ ପ୍ରବଳ ମାତ୍ରାରେ ରହିଛି । ଯେଉଁମାନେ ପ୍ରଶ୍ନପତ୍ର ତିଆରି କରିବେ, ଯେଉଁମାନେ ଖାତା ଦେଖିବେ, ଯେଉଁମାନେ ସାକ୍ଷାତକାର ପରୀକ୍ଷାରେ ପରୀକ୍ଷକ ଭାବେ ବସିବେ, ଯେଉଁମାନେ ମେରିଟ ତାଲିକା ପ୍ରସ୍ତୁତ କରିବେ ତାଙ୍କ ସମ୍ପର୍କୀୟ ମାନେ ଅନେକ ସମୟରେ ଅନୁକମ୍ପା ପାଇବାର ମଧ୍ୟ ଅଭିଯୋଗ ଆସେ ।

ଯୋଗ୍ୟତା ଚୟନ କ୍ଷେତ୍ରରେ ସଂରକ୍ଷଣ ମୁଖ୍ୟ ପ୍ରତିବନ୍ଧକ ବୋଲି ଅନେକେ ଅଭିଯୋଗ କରିଆସିଛନ୍ତି । ଏମାନେ ଅଳ୍ପ ନମ୍ବର ରଖି ଶିକ୍ଷାନୁଷ୍ଠାନରେ ଆଡମିଶନ ଓ ଚାକିରିରେ ନିଯୁକ୍ତି ପାଉଥିବା ଅଭିଯୋଗ ହୁଏ । କିନ୍ତୁ ବେସରକାରୀ ଅନୁଷ୍ଠାନରେ ଧନୀ ବର୍ଗର ପିଲାମାନେ ଆହୁରି କମ ନମ୍ବର ରଖି ଡୋନେସନ ଦେଇ ଆଡମିଶନ ହେଲେ କିମ୍ବା ସୁପାରିଶ ମାଧ୍ୟମରେ ନିଯୁକ୍ତି ପାଇଲେ ତାହା ଯୋଗ୍ୟତା ହାନି ଘଟାଏ ବୋଲି ଅଭିଯୋଗ ହୁଏ ନାହିଁ । ଯେଉଁ ସଂରକ୍ଷିତ ବର୍ଗର ପିଲାମାନଙ୍କୁ ଅଯୋଗ୍ୟ ବୋଲି ଅଭିଯୋଗ କରାଯାଏ ସେମାନେ ମନେରଖିବା ଓ ଲେଖିବା କ୍ଷେତ୍ରରେ ଦୁର୍ବଳ ହୋଇଥାଇ ପାରନ୍ତିୟ କାରଣ ଜଣେ ସମସ୍ତ ସୁବିଧା ପାଇ ପ୍ରାରମ୍ଭରୁ ଇଂରାଜୀ ମାଧ୍ୟମ ସ୍କୁଲରୁ ଶିକ୍ଷାଲାଭ କରିଥିବା ପିଲା ଇଂରାଜୀରେ ଭଲ ଲେଖିବା ଓ କହିବା ସ୍ୱାଭାବିକ । କିନ୍ତୁ ଜଣେ ପିଲାଦିନୁ ଅଭାବ ଅନାଟନ ମଧ୍ୟରେ ଗାଁ ସ୍କୁଲରେ ଦୁଇ ତିନୋଟି ଭାଷା ଶିଖିବା ପରେ ଇଂରାଜୀ ଭାଷା ଶିଖିଥିଲେ ସେ ଏଥିରେ ଏତେ ପାରଙ୍ଗମ ହୋଇପାରିବ ନହିଁ । ଏପରି କ୍ଷେତ୍ରରେ ସେ ମାଧବୀ ବା ଯୋଗ୍ୟ ନୁହେଁ ବୋଲି କହିବା ଉଚିତ୍ ହେବ ନାହିଁ।

ତୁଳନାତ୍ମକଭାବେ ବିଚାର କଲେ ସଂରକ୍ଷିତ ବର୍ଗରୁ ଯେଉଁମାନେ ଆସନ୍ତି ସେମାନେ କର୍ମଠ, ସଚ୍ଚୋଟ, ମାନବବାଦୀ, ରାଷ୍ଟ୍ରବାଦୀ ଓ ନୈତିକତାବାଦୀ ମଧ୍ୟ । ଏମାନେ କୃଷି କାର୍ଯ୍ୟରେ ପାରଙ୍ଗମ, ନିଜ କୌଳିକ ବୃତ୍ତିରେ ପାରଙ୍ଗମ, ରାସ୍ତା ତିଆରି ଓ ଘର ତିଆରିରେ ପାରଙ୍ଗମ, ଲୁହାକାମ, କାଠକାମ, ମାଟିକାମ ଇତ୍ୟାଦିରେ ପାରଙ୍ଗମ। କିନ୍ତୁ ଏମାନଙ୍କ ଏ ଯୋଗ୍ୟତାକୁ ମେଧାବୀ ଚୟନର ମାନଦଣ୍ଡ ରୂପେ ଗ୍ରହଣ କରାଯାଏ ନାହିଁ । ମହା ନଗରୀରେ ବଢିଥିବା ଜଣେ ପରୀକ୍ଷାର୍ଥୀ ଯେକି ଧାନଗଛ କେବେ ଦେଖିନାହିଁ, ସେ ବହିପଢି ମନେ ରଖି ଏହାକୁ ସୁନ୍ଦରଭାବେ ଖାତାରେ ଲେଖିଦେଇ ପାରେ, କିନ୍ତୁ ଯେଉଁ ପିଲା ଜୀବନସାରା ବାପାଙ୍କୁ ଧାନ ଚାଷରେ ସାହାଯ୍ୟ କରି ଆସିଛି ସେ ଏହାକୁ ଠିକଭାବେ ଲେଖି ନପାରେ, କିନ୍ତୁ ଏଠାରେ ଚାଷୀଘର ପିଲାଟି ହିଁ ଅଧିକ ମେଧାବୀ ରୂପେ ପରିଗଣିତ ହେବା ଉଚିତ । ଯୋଗ୍ୟତା ସମ୍ବନ୍ଧରେ ବିଶିଷ୍ଟ ସମାଜବାଦୀ ନେତା ରାମମନୋହର ଲୋହିୟା ଦେଇଥିବା ଉକ୍ତିଟି ଯଥାର୍ଥ । ସେ କହିଥିଲେ ଜଣେ ପ୍ରାଚୁର୍ଯ୍ୟ ଓ ସମସ୍ତ ସୁବିଧା ମଧ୍ୟରେ ବଢ଼ିଥିବା ପିଲା ଶତକଡା ୮୦ ନମ୍ବର ରଖିବା ଯାହା, ଜଣେ ଅଭାବ ଅନାଟନ ଓ ଅସୁବିଧା ମଧ୍ୟରେ ବଢ଼ିଥିବା ଗାଉଁଲି ପିଲା ଶତକଡ଼ା ୪୦ ନମ୍ବର ରଖିବା ତାହା । ତେଣୁ ସଂରକ୍ଷିତ ବର୍ଗର ପିଲାମାନଙ୍କୁ କଦାପି ଅଯୋଗ୍ୟ ବୋଲି କୁହାଯାଇ ପାରିବ ନାହିଁ।

**॥ ଅଲେଖ ଚନ୍ଦ୍ର ସାମଲ ॥**

ପରୀକ୍ଷା ସମୟରେ ପିଲାଙ୍କ ମନରେ ଭୟ ଏକ ସ୍ୱାଭାବିକ କଥା। ଭଲ ପାଠ ପଢୁଥିବା ପିଲା ହୁଅନ୍ତୁ ଅବା କମ ପାଠ ପଢୁଥିବା ପିଲା, ସମସ୍ତଙ୍କ ମନରେ ପରୀକ୍ଷା ପାଖେଇଲେ ଏକ ଅଜଣା ଭୟ ସୃଷ୍ଟି ହୋଇଥାଏ। ଅନେକ ପିଲା ମଧ୍ୟ ମାନସିକ ସନ୍ତୁଳନ ହରାଇ ଦିଅନ୍ତି। ଏହାପଛର ଆଉ ଏକ ବଡ଼ କାରଣ ହେଉଛି ବାପା-ମାଆ, ପରିବାର କ'ଣ କହିବେ ? କାରଣ ଆଜିକାଲି ପାଠ ପଢ଼ାକୁ ନେଇ ଛାତ୍ରଛାତ୍ରୀଙ୍କ ଅପେକ୍ଷା ଅଭିଭାବକମାନେ ଅଧିକ ଚିନ୍ତାରେ। ସେମାନେ ଘରେ ଏପରି ଏକ ମାହୋଲ ତିଆରି କରୁଛନ୍ତି ଯାହାର ପ୍ରଭାବ ସିଧାସଳଖ ପଡୁଛି ପିଲାଙ୍କ ମାନସିକ ସ୍ତରରେ। ଶିକ୍ଷା ବ୍ୟବସ୍ଥାରେ ମଧ୍ୟ ଏ ନେଇ ନିୟମିତ ପରିବର୍ତ୍ତନ ଅଣାଯାଉଛି। ପାଠ୍ୟକ୍ରମ ବୋଝ କମ ସହ ପ୍ରଶ୍ନପତ୍ରକୁ ମଧ୍ୟ ଆହୁରି ସହଜ ଓ ସରଳ କରାଯାଉଛି। ଏହା ସତ୍ତ୍ୱେ ଛାତ୍ରଛାତ୍ରୀଙ୍କ ଉପରେ ମନୋବିଜ୍ଞାନିକ ଚାପ ହ୍ରାସରେ ମିଳିପାରିନାହିଁ ସେଭଳି ସଫଳତା। ଯାହାକୁ ଦୃଷ୍ଟିରେ ରଖି ନୂଆ ଶିକ୍ଷାନୀତି ଅନ୍ତର୍ଗତ ଏହା ଘୋଷଣା କରାଯାଇଛି ଯେ, ବୋର୍ଡ଼ ପରୀକ୍ଷା ଏବେ ହେବ ଦୁଇଟି ପର୍ଯ୍ୟାୟରେ। ଅର୍ଥାତ୍ ବର୍ଷକୁ ଦୁଇଥର ଛାତ୍ରଛାତ୍ରୀ ଦେଇପାରିବେ ଏହି ପରୀକ୍ଷା।

ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପରୀକ୍ଷାକୁ ନେଇ ନୂଆ ରୂପରେଖ ସହ ପାଠ୍ୟକ୍ରମରେ ମଧ୍ୟ ପରିବର୍ତ୍ତନ ଆଣିବାର ଘୋଷଣା କରାଯାଇଛି। ଏହାଦ୍ୱାରା ଛାତ୍ରଛାତ୍ରୀଙ୍କ ଉପରେ ଚାପ କମ ହେବାର ଆଶା କରାଯାଉଛି। ବୋର୍ଡ଼ ପରୀକ୍ଷା ଦୁଇଥର ହେବା ଦ୍ୱାରା ଛାତ୍ରଛାତ୍ରୀଙ୍କୁ ନିଜ ପ୍ରଦର୍ଶନରେ ସୁଧାର ଆଣିବାର ମୌକା ମିଳିବ। ଦୁଇ ପର୍ଯ୍ୟାୟ କାରଣରୁ ପିଲାଙ୍କ ଉପରେ ପରୀକ୍ଷା ପ୍ରସ୍ତୁତି ଚାପ କମିବ। ପ୍ରଥମ ପ୍ରର୍ଯ୍ୟାୟରେ ସେମାନେ ପାଠ୍ୟକ୍ରମର ଯେଉଁ ବିଷୟ ଉପରେ ପରୀକ୍ଷା ଦେଇଥିବେ ଦ୍ୱିତୀୟ ପର୍ଯ୍ୟାୟରେ ସେହି ବିଷୟର ପ୍ରଶ୍ନ ପଡ଼ିବ ନାହିଁ। ଯେଉଁ ପରୀକ୍ଷାରେ ଅଧିକ ମାର୍କ ଥିବ, ସେହି ମାର୍କ ମୋଟ ମୂଲ୍ୟାୟନରେ ସାମିଲ ହେବ। ପୂର୍ବରୁ ସ୍କୁଲ ପ୍ରଦର୍ଶନକୁ ନେଇ ମୂଲ୍ୟାଙ୍କନ ମଧ୍ୟ ସାମିଲ ହୋଇଥିଲା ମୋଟ ମାର୍କରେ। ତେଣୁ ପିଲାଙ୍କ ଭୟ ଦୂର ପାଇଁ ଚାଲିଛି ନିୟମିତ ଉଦ୍ୟମ। ସେହିଭଳି ପିଲାଙ୍କ କୌଶଳ ବିକାଶ ଉପରେ ମଧ୍ୟ ଜୋର ଦିଆଯାଉଛି। ସବୁ ପିଲା ଯେ ପାଠ ପ୍ରତି ରୁଚି ରଖନ୍ତି ତା ଭାବିବା ଭୁଲ। ନୂଆ ଶିକ୍ଷା ବ୍ୟବସ୍ଥାରେ ଏହାକୁ ଗୁରୁତ୍ୱ ଦିଆଯାଇଛି। ଏବେ ପିଲାଙ୍କ ନିକଟରେ ବିକଳ୍ପ ରହିଛି ସେମାନେ ନିଜ ପସନ୍ଦର ପାଠ୍ୟକ୍ରମ ଚୟନ କରିପାରିବେ।

ଶିକ୍ଷା ମନ୍ତ୍ରଣାଳୟ ଯେଉଁସବୁ ବ୍ୟବସ୍ଥା ଆପଣାଉଛି ତାହା ସ୍ୱାଗତଯୋଗ୍ୟ। ହେଲେ ଖାଲି ପାଠ୍ୟକ୍ରମ କିମ୍ବା ଦୁଇଟି ବୋର୍ଡ଼ ପରୀକ୍ଷା କରିଦେଲେ ଯେ ପିଲାଙ୍କ ମନରୁ ଭୟ ଦୂର ହୋଇଯିବ ତାହା ଭାବିବା ଭୁଲ। ଭୟ ସେତେବେଳେ ଦୂର ହେବ ଯେତେବେଳେ ବାପା ମା ଏବଂ ପରିବାରରୁ ସେମାନେ ପାଇବେ ସମର୍ଥନ। ଆଜିର ସମୟରେ ପିଲାଙ୍କ ଠାରୁ ଅଧିକ ଚିନ୍ତାରେ ବାପାମା। ପିଲା ଆଗରେ ସେମାନେ ସବୁବେଳେ ଏହି ଚର୍ଚ୍ଚା କରୁଛନ୍ତି ତା ପୁଅ ଏତେ ମାର୍କ ରଖିଲା, ତା ଝିଅ ଏତେ ମାର୍କ ରଖିଲା। ଏହା ପିଲାର ମୁଣ୍ଡରେ ଏକ ନକରାତ୍ମକ ପ୍ରଭାବ ମଧ୍ୟ ପକାଉଛି। ପରିବାରର ଆଶା, ଭୁଲ କଲେ କିମ୍ବା ଖରାପ କଲେ ବାପାମାଙ୍କ ଭୟ ତାଙ୍କୁ ଚିନ୍ତାରେ ପକାଉଛି। ଏହା ସତ ଯେ ପିଲାଙ୍କ ଉପରେ ବାପାମାଙ୍କର ବେଶ ଆଶା ରହିଥାଏ। ଏହା ରହିବା ମଧ୍ୟ ସ୍ୱାଭାବିକ। ତେବେ ପିଲାର ରୁଚି, ଆଗ୍ରହ ଏବଂ ସମସ୍ୟାକୁ ବୁଝିବା ଦରକାର। ତିନି/ଚାରିଟା ଟ୍ୟୁସନ ଛାଡ଼ିଦେଲେ ଯେ ଆମେ ଆମ ଦାୟିତ୍ୱ ପୂରଣ କଲୁ ତା ଭାବିବା ଭୁଲ। ତେଣୁ ପରିବାରରୁ ହିଁ ପ୍ରଥମେ ପିଲା ମନରେ ସୃଷ୍ଟି ହେଉଥିବା ଭୟକୁ ଦୂର କରିବା ଦରକାର। ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଅଣାଯାଉଛି। ପରିବାରରୁ ବି ପିଲା ସମର୍ଥନ ଓ ସହଯୋଗ ପାଇଲେ ନିଶ୍ଚିତ ପରୀକ୍ଷାକୁ ନେଇ ରହୁଥିବା ଭୟ ଦୂର ହୋଇପାରିବ ଛାତ୍ରଛାତ୍ରୀଙ୍କର।

ପୂର୍ବତନ ଡିଏଫ୍‌ଓ (କେନ୍ଦୁଲିଫ୍) ଜୟପୁର ଡିଭିଜନ, ଦୂରଭାଷ : ୯୪୩୭୨୫୭୧୨୩



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଆସିକା ବ୍ଲକଓ ସିଡିପିଓ କାର୍ଯ୍ୟାଳୟ କାଦୁଅ ଫିଙ୍ଗା ଫିଙ୍ଗି ଜାତୀୟ ପତାକା ଝୁଲିଲା ଝରକାର



ଆସିକା, (ମହାଭାରତ) : ଆମ ଭାରତୀୟ ଜାତୀୟ ପତାକା ହେଉଛି ଆମ ଗର୍ବ ଓ ଗୌରବ।ଏହାକୁ ଯଦି ଅସମ୍ମାନ ହୁଏ ତେବେ ଏଥି ପାଇଁ ଦଣ୍ଡ ବିଧାନର ବ୍ୟବସ୍ଥା ମଧ ରହିଛି।ଏହା ସତ୍ୱେ ଆସିକା ପଞ୍ଚାୟତ ସମିତି ପୁରାତନ ସଭା ଗୃହ ମଧରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଏହି ସଭାଗୃହ ମଧରେ ଡଷ୍ଟବିନ, ଚଟାଣରେ ଝରକା ରେ ଏଣେ ତେଣେ ବିକ୍ଷିପ୍ତ ହୋଇଛି ପଡ଼ିରହିଛି କୁଢ଼ କୁଢ଼ ଜାତୀୟ ପତାକା।ଏସମ୍ପର୍କରେ ଆସିକା ବ୍ଲକ ରେ ପଚାରି ବୁଝିବା ପରେ ବ୍ଲକ ପକ୍ଷରୁ ଏହା ଆମର ନୁହେଁ ସିଡିପିଓ ଅଫିସର ଅଟେ ଯାହାକି ପ୍ରତ୍ୟେକ ବର୍ଷ ଅଗଷ୍ଟ ମାସ ରେ ସ୍ୱାଧୀନତା ଦିବସ ପୂର୍ବରୁ ସରକାର ଙ୍କ ପକ୍ଷରୁ ବିଭିନ୍ନ ପଞ୍ଚାୟତର ସମସ୍ତଙ୍କ ଘର ମାନଙ୍କ ରେ ହର ଘର ତିରଙ୍ଗା କାର୍ଯ୍ୟକ୍ରମ ନିମନ୍ତେ ବ୍ୟବହାର ହୋଇଥାଏ ତେଣୁ ଏହା ସିଡିପିଓ କାର୍ଯ୍ୟାଳୟ ବ୍ଲକ ପ୍ରକଳ୍ପ ସଂଯୋଜକ ରକ୍ଷଣା ବେକ୍ଷଣରେ ରହିବା କଥା କିନ୍ତୁ ବ୍ଲକ ପ୍ରକଳ୍ପ ସଂଯୋଜକ ଏହା ମୋର କାର୍ଯ୍ୟ ନୁହଁ ତାହା ବ୍ଲକ ପରିସରରେ ଥିବା ଯୋଗୁଁ ଉକ୍ତ ପତାକା ବ୍ଲକର ଅଟେ। ଏହି ପରି କାଦୁଅ ଫିଙ୍ଗା ଫିଙ୍ଗି ମଧରେ ଆମ ଦେଶର ମର୍ଯ୍ୟାଦା,ଗୌରବ ଆମ ଦେଶର ସମ୍ମାନ ଜାତୀୟ ପତାକା ବ୍ଲକ ଝରକାର ଝୁଲୁଥିବା ଦେଖିବାକୁ ମିଳିଛି ଯାହାକି ଏକ ଅକ୍ଷମଣିୟ ଅପରାଧ ଅଟେ। ଯାହା ହେଉନା କାହିଁକି ସେ ବ୍ଲକ,ସିଡିପିଓ, ତହସିଲ ବା ଦେଶର ଯେ କୌଣସି ସ୍ଥାନ ହେଉ ଆମ ଜାତୀୟ ପତାକା କୁ ସମ୍ମାନ ଦେବା ଆମର ପ୍ରଥମ କର୍ତ୍ତବ୍ୟ ତେଣୁ ଏହି ପରି ଅମାନୁଷିକ, ଅକ୍ଷମଣୀୟ କାର୍ଯ୍ୟ ଯେଉଁ କୌଣସି ଅଧିକାରୀ କରିଛନ୍ତି ତାହାର ତଦନ୍ତ କରି ତାଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସସମ୍ମାନର ସହିତ ଉକ୍ତ ଅବହେଳିତ ଜାତୀୟ ପତାକା ଗୁଡ଼ିକୁ ଉଚିତ ସ୍ଥାନରେ ରଖିବା ପାଇଁ ଆସିକା ବୁଦ୍ଧିଜୀବୀ ମହଲରେ ଦାବୀ ହେଉଛି।

# କେନ୍ଦୁଝର ସହରରେ ବାୟୁ ପ୍ରଦୂଷଣ ବୃଦ୍ଧି

କେନ୍ଦୁଝର, (ମହାଭାରତ) : କେନ୍ଦୁଝର ସହରରେ ଦିନକୁ ଦିନ ବାୟୁ ପ୍ରଦୂଷଣ ବଢିବା ଚିନ୍ତାର କାରଣ ହୋଇଛି । ବାୟୁ ଓ ଜଳ ପ୍ରଦୂଷଣ ରୋକିବା ପାଇଁ କେନ୍ଦୁଝରଗଡ ପୌରପାଳିକା ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇ ଜଳ ଓ ବାୟୁ ପ୍ରଦୂଷଣ କିପରି କମ କରାଯାଇପାରିବ ସେ ନେଇ ଆଲୋଚନା ହୋଇଥିଲା । ଆକ୍ସନ ପ୍ଲାନରେ ୩ଟି ରୋଡ ସୁଇପିଂ ମେସିନ ମେସିନ,ବିଭିନ୍ନ ସ୍ଥାନରେ ଇଭି ଚାର୍ଜିଂ ପଏଣ୍ଟ ପ୍ରତିଷ୍ଠା,ପରିବେଶ ସୁରକ୍ଷା ଏବଂ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମରେ ଲୋକଙ୍କୁ ସଚେତନ କରିବା, କେନ୍ଦୁଝର ସହରର ପୁରୁଣା ସହର ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବାୟୁ ପ୍ରଦୂଷଣ ଏବଂ ଅନ୍ୟ ୮ଟି ପାରାମିଟର ସମ୍ପର୍କିତ ସୂଚନା ପାଇବା ପାଇଁ ଡିଜିଟାଲ ଡିସପ୍ଲେ ବୋର୍ଡ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏହି ସମୀକ୍ଷା ବୈଠକରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଂଚଳିକ ଅଧିକାରୀ ଇଂ ପ୍ରଶାନ୍ତ କର,କେନ୍ଦୁଝରଗଡ ପୌରପାଳିକାର ନିର୍ବାହୀ ଅଧିକାରୀ ଲଳିତ କୁମାର ନାଏକ,ମ୍ୟୁନସିପାଲଟି ଇଞ୍ଜିନିୟର ଇଂ ଭକ୍ତବନ୍ଧୁ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ । ଖରାପ ରାସ୍ତାଘାଟ,ରାସ୍ତା ଠିକ୍ ଭାବରେ ସଫେଇ ନହେବା,ଗାଡି ଚଳାଚଳ ବେଳେ ଧୂଳି ଉଡିବା,ଅଳିଆ ଆବର୍ଜନାକୁ ପୋଡି ଦିଆଯିବା ଯୋଗୁଁ ବାୟୁ ପ୍ରଦୂଷଣ ବୃଦ୍ଧି ପାଉଛି ବୋଲି କୁହାଯାଉଛି । କେନ୍ଦୁଝର ସହରରେ ଗତ ୪ ଦିନ ହେବ ପିଏମ-୧୦ ଏକ୍ୟୁଆଇ ବଢିବା ଚିନ୍ତାର କାରଣ ହୋଇଛି । ୨୪ ତାରିଖରେ ପିଏମ ୧୦ ଏକ୍ୟୁଆଇ ହାରାହାରି ୧୫୮ ରହିଥିବାବେଳେ ୨୫ ତାରିଖରେ ଏକ୍ୟୁଆଇ ହାରାହାରି ୧୬୦ ରହିଥିଲା । ୨୬ ତାରିଖରେ ଏକ୍ୟୁଆଇ ହାରାହାରି ୧୪୨ ଥିବାବେଳେ ୨୭ ତାରିଖରେ ଏକ୍ୟୁଆଇ ହାରାହାରି ୧୨୯ ରହିଛି । ଦିନ ସମୟରେ ମଧ୍ୟାହ୍ନ ୧୧ଟାରୁ ୨ ଟା ମଧ୍ୟରେ ଏବଂ ସନ୍ଧ୍ୟା ସମୟରେ ପିଏମ ୧୦ ଏକ୍ୟୁଆଇ ୨୦୦ ରୁ ଅଧିକ ରହୁଛି । ଲଗାତର ଚତୁର୍ଥ ଦିନ ପାଇଁ କେନ୍ଦୁଝର ସହରରେ ବାୟୁର ମାନ ଖରାପ ସ୍ଥିତିରେ ଅଛି । ଏହି ମାନର ବାୟୁ ସଂସ୍ପର୍ଶରେ ଆସିଲେ ଶ୍ୱାସକ୍ରିୟା ଜନିତ ରୋଗ ହେବାର ଆଶଙ୍କା ରହିଛି । ଶ୍ୱାସ ଓ ହୃଦରୋଗୀଙ୍କ ପାଇଁ ଏହା ଅତି ବିପଦଜନକ ହୋଇଥିଲାବେଳେ ସାଧାରଣ ଲୋକେ ଏହି ଖରାପ ବାୟୁ ପାଇଁ ରୋଗରେ ପଡିବା ନିଶ୍ଚିତ । ବାୟୁରେ ଏହି ଅତି କ୍ଷୁଦ୍ର କଣିକାଗୁଡିକୁ ପ୍ରଶ୍ୱାସରେ ନେବା ଫଳରେ ହୃତପିଣ୍ଡ ଓ ଫୁସଫୁସ୍ ?କୁ ପ୍ରଭାବିତ କରିଥାଏ ବୋଲି କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଭେଷଜ ବିଶେଷଜ୍ଞ ଡାକ୍ତର କମର ମହମ୍ମଦ କହିଛନ୍ତି । ଏହି ବାୟୁ ସଂସ୍ପର୍ଶରେ ଆସିଲେ ଶ୍ୱାସଜନିତ ବିଭିନ୍ନ ରୋଗ ହେବା ସହ ଫୁସଫୁସ୍ ସଂକ୍ରମଣ,ଥଣ୍ଡା,କାଶ,ଜ୍ୱର ଆଦି ହୋଇପାରେ । ବହୁଦିନ ଏମିତି ଅବସ୍ଥା ରହିଲେ ନିମୋନିଆ ହେବାର ମଧ ଆଶଙ୍କା ରହିଛି । ଏଣୁ ଘରୁ ବାହାରିଲେ ମାସ୍କ ପିନ୍ଧିବାକୁ ସେ ପରାମର୍ଶ ଦେଇଛନ୍ତି । ବାୟୁର ମାନ ଖରାପ ଥିବାରୁ ବୟସ୍କ ଲୋକ ଏବଂ ଶିଶୁ ଏଥିରେ ଅଧିକ ଆକ୍ରାନ୍ତ ହେଉଛନ୍ତି । କେନ୍ଦୁଝର ସହରରେ କାରଖାନା ବର୍ଜ୍ୟବସ୍ତୁ ଏଣେ ତେଣେ ପଡୁଥିବାରୁ କଳାଗୁଣ୍ଡ ଉଡି ବାୟୁ ପ୍ରଦୂଷଣ ସୃଷ୍ଟି କରୁଛି । ଏ ଦିଗରେ ପୌର ପ୍ରଶାସନ ପଦକ୍ଷେପ ନେବା ଜରୁରୀ । ଏ ନେଇ କେନ୍ଦୁଝରଗଡ ପୌରପାଳିକାର ଅଧକ୍ଷା ନିକୁ ସାହୁ କହିଛନ୍ତି ସହରରେ ବାୟୁ ପ୍ରଦୂଷଣ କମାଇବା ପାଇଁ ପଦକ୍ଷେପ ନିଆଯାଉଛି । ରାଜ୍ୟ ସ୍ୱଚ୍ଛ ବାୟୁ ଯୋଜନାରେ କେନ୍ଦୁଝର ସହରକୁ ସାମିଲ କରାଯାଇଛି । ଏହି ଯୋଜନା ୫ ବର୍ଷ ପାଇଁ କାର୍ଯ୍ୟକାରୀ ହେବ । ଏହି କାର୍ଯ୍ୟକ୍ରମ ଜରିଆରେ ବାୟୁ ଗଣବତ୍ତା ମନିଟରିଂ କରାଯାଇ ବାୟୁ ପ୍ରଦୂଷଣ ମାତ୍ରା ୩୦ ପ୍ରତିଶତ କମାଇବା ଲକ୍ଷ୍ୟ ରଖାଯାଇଛି । ସହରରେ ବସବାସ କରୁଥିବା ଲୋକମାନେ କିପରି ସ୍ୱଚ୍ଛ ବାୟୁ ପାଇପାରିବେ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଂଚଳିକ ଅଧିକାରୀ ଇଂ ପ୍ରଶାନ୍ତ କର କହିଛନ୍ତି । ଏହି ଯୋଜନାରେ ସହରସ୍ତରୀୟ କାର୍ଯ୍ୟ ଯୋଜନାର ବିକାଶ କରିବା,ରାସ୍ତା ପରିଷ୍କାର ପାଇଁ ଯନ୍ତ୍ର ବ୍ୟବହାର କରିବା ଏବଂ ନୂତନ ରାସ୍ତା ନିର୍ମାଣ କରିବା,ମନିଟରିଂ ଭିତ୍ତିଭୂମିକୁ ସୁଦୃଢ କରିବା,କଠିନ ବର୍ଜ୍ୟବସ୍ତୁ ପରିଚାଳନା, ସହର ମଧ୍ୟରେ ଥିବା ଡମ୍ପିଂୟାର୍ଡ ହଟାଇବା, ସହର ଭିତରେ ବ୍ୟାପକ ବୃକ୍ଷରୋପଣ,ପଲିଥିନ ବ୍ୟବହାର ରୋକିବା,ମାଟି କପର ବହୁଳ ବ୍ୟବହାର ଏବଂ ବର୍ଜ୍ୟବସ୍ତୁ ପୋଡିବା ରୋକିବା ଆଦି କାର୍ଯ୍ୟକ୍ରମ ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ ଅଧିନରେ ପ୍ରମୁଖ କାର୍ଯ୍ୟକଳାପ ମଧ୍ୟରେ ଅନ୍ତର୍ଭୁକ୍ତ ଅଛି ।

## ଗଞ୍ଜେଇ ଗଛ ନଷ୍ଟ ହେଲା

କେନ୍ଦୁଝର, (ମହାଭାରତ): କେନ୍ଦୁଝର ବନଖଣ୍ଡ ଭୂୟାଁଜୁଆଙ୍ଗ ପୀଢ ରେଞ୍ଜ କାଞ୍ଜିପାଣି ସେକ୍ସନ ଟାଙ୍ଗରପଡା ଜଙ୍ଗଲରେ ବେଆଇନ ଭାବେ ଏକର ଏକର ଜଙ୍ଗଲ ଜମିରେ ଗଞ୍ଜେଇ ଚାଷ ହୋଇଥିବା ନେଇ ସୂଚନା ମିଳିବା ପରେ ଡିଏଫ୍ଓ ଧନରାଜ ଏଚ୍ଡି ଙ୍କ ନିଦ୍ଦେର୍ଶରେ ବନବିଭାଗ,ପୋଲିସ ଏବଂ ଅବକାରୀ ବିଭାଗ ମିଳତ ଭାବେ ଚଢାଉ କରି ଅମଳ ହେବା ପୂର୍ବରୁ ୧୨ହଜାର ଗଛ ନଷ୍ଟ କରିଛନ୍ତି । ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୨କୋଟି ଟଙ୍କା ମୂଲ୍ୟ ହେବ ବୋଲି ଜଣାପଡିଛି । ଶନିବାର ସକାଳୁ ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜର ନୟନକାନ୍ତ ସାହୁ,କାଞ୍ଜିପାଣି ଫରେଷ୍ଟର ସାବିତ୍ରୀ ସାହୁ,ଫରେଷ୍ଟ ଗାର୍ଡ ଯୋଗେନ୍ଦ୍ର ନାୟକ,ଫରେଷ୍ଟ ଗାର୍ଡ ଚନ୍ଦ୍ରକାନ୍ତ ମହାନ୍ତ,ସ୍କ୍ୱାର୍ଡ କର୍ମଚାରୀ,କାଞ୍ଜିପାଣି ଥାନା ଅଧିକାରୀ ଉଦୟବୀର କୁଲ୍ଲୁ,ହାବିଲଦାର କେଦାରନାଥ ସେଠୀ,କନେଷ୍ଟବଲ ସୁଦର୍ଶନ ଦେହୁରୀ,ଉପେନ୍ଦ୍ର ନାୟକ,ଅବକାରୀ ବିଭାଗର ସବ୍ ଇନ୍ସପେକ୍ଟର ରୋହିତ ନାୟକ ପ୍ରମୁଖ ଚଢାଉରେ ସାମିଲ ଥିଲେ ।

# ପ୍ରାଣୀ ସମ୍ପଦ ସୁରକ୍ଷା କର୍ମଶାଳା ଅନୁଷ୍ଠିତ




ଦଶପଲ୍ଲା, (ମହାଭାରତ): ଗ୍ରାମୀଣ କୃଷି ଓ କୃଷକ ମାନଙ୍କ ସାମାଜିକ ତଥା ଅର୍ଥନୈତିକ ସମୃଦ୍ଧି ପାଇଁ ପ୍ରାଣୀ ସମ୍ପଦର ସେବା,ଯତ୍ନ ଓ ସୁରକ୍ଷା ଅତି ଗୁରୁତ୍ୱପୂର୍ଣ୍ଣ ।ସରକାରଙ୍କ ପ୍ରାଣୀ ସମ୍ପଦ ବିଭାଗ ଅଧିନରେ ଗ୍ରାମୀଣ ଗରିବ ଚାଷୀ ମାନଙ୍କ ଉନ୍ନତି ପାଇଁ ଛେଳି ଚାଷ, ଘାସ ଚାଷ, କୁକୁଡ଼ା ଚାଷ, ଆଯୋଲା ଚାଷ, ଛତୁ ଚାଷ,ଛେଳି ଗୁହାଳ ନିର୍ମାଣ ଇତ୍ୟାଦି ସବୁ କ୍ଷେତ୍ରରେ ସରକାରୀ ରିହାତି ଓ ସହାୟତା ରହିଛି। ଏସବୁ ଯୋଜନା କାର୍ଯ୍ୟକାରୀ ହେଉଥିଲେ ମଧ ତଳ ସ୍ତରର ଲୋକ ମାନଙ୍କ ନିକଟରେ ଏହାର ସୁଫଳ ସଠିକ୍ ଭାବେ ପହଞ୍ଚି ପାରୁ ନାହିଁ। ଏସବୁ ଯୋଜନାର ସଠିକ୍ କାର୍ଯ୍ୟକାରିତା ପାଇଁ ଓ ଏହାକୁ ଲୋକାଭିମୁଖୀ କରାଇବା ପାଇଁ ପ୍ରକଳ୍ପ ଅଧିକାର ଓ ଅଧିକାର ମିତ୍ରଙ୍କ ଦାୟିତ୍ୱ ଓ ଭୂମିକା ଯଥେଷ୍ଟ ଅଛି। ପ୍ରକଳ୍ପ ଅଧିକାର, ଦଶପଲ୍ଲା ତରଫରୁ ଏ ପ୍ରସଙ୍ଗରେ ଏକ ଦିବସୀୟ କୃଷି ଓ ପ୍ରାଣୀ ସମ୍ପଦ ସୁରକ୍ଷା କର୍ମଶାଳା ଆଜି ଅନୁଷ୍ଠିତ ହୋଇଯାଇଛି। ଦଶପଲ୍ଲାସ୍ଥିତ ପ୍ରାଣୀ ଚିକିତ୍ସାଳୟର ଡ଼ାକ୍ତର ସିଦ୍ଧାନ୍ତ ଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସଂଯୋଜନା କରିଥିଲେ ପ୍ରକଳ୍ପ ପରିଚାଳକ ପ୍ରଭାତ କୁମାର ସାହୁ ।ଏଥି ସହିତ ଦଶପଲ୍ଲା ର ଦଶଟି ଗ୍ରାମ ପଞ୍ଚାୟତରେ କାର୍ଯ୍ୟ କରୁଥିବା ସମସ୍ତ ଅଧିକାର ମିତ୍ର ଏଥିରେ ଯୋଗଦାନ କରି ନିଜ ନିଜ ଅଞ୍ଚଳରେ ଥିବା ଗରିବ ଚାଷୀ ମାନଙ୍କର ବିଭିନ୍ନ ସମସ୍ୟା ଉପସ୍ଥାପନା କରିଥିଲେ। କୃଷି ଓ କୃଷକ ତଥା ମହିଳା ମାନଙ୍କ ସାମାଜିକ ଅର୍ଥନୈତିକ ପ୍ରଗତି ପାଇଁ ପ୍ରାଣୀ ସମ୍ପଦ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନା ବିଷୟରେ ଅବହେଳିତ ଆଦିବାସୀ ଅଧୁଷିତ ଅଞ୍ଚଳର ଲୋକମାନଙ୍କୁ ସଚେତନ କରାଇବା, ବିଭାଗୀୟ ଅଧିକାରୀ ଓ ହିତାଧିକାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଓ ସଂଯୋଗ ସ୍ଥାପନ କରିବା କ୍ଷେତ୍ରରେ ଅଧିକାର ମିତ୍ରଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଡ଼ାକ୍ତର ସାହୁ କହିଥିଲେ। ପ୍ରକଳ୍ପ ଅଧିକାର ଓ ପ୍ରାଣୀ ସମ୍ପଦ ବିଭାଗର ମିଳିତ ଉଦ୍ୟମରେ ଆଗ୍ରହୀ ଓ ଉପଯୁକ୍ତ ହିତାଧିକାରୀଙ୍କୁ ଚିହ୍ନଟ କରି ସରକାରୀ ସୁବିଧା କିପରି ସେମାନେ ପାଇ ପାରିବେ ସେଥିପାଇଁ ଅଧିକାର ମିତ୍ର ସହଯୋଗ କରିବା ପାଇଁ ଡ଼ାକ୍ତର ସାହୁ ଆହ୍ୱାନ ଦେଇଥିଲେ ଓ ଶେଷରେ ଅଧିକାର ମିତ୍ର ପ୍ରଦୀପ କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବିଷମ କଟକରେ ପ୍ରଥମ ଥର ପାଇଁ ବ୍ୟାପକ ଗଞ୍ଜେଇ ଚାଷ ନଷ୍ଟ

ବିଷମ କଟକ, (ମହାଭାରତ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ ଅନ୍ତର୍ଗତ ବେଥିଆପଡ଼ା ପଞ୍ଚାୟତର ରେଲାକୁପା ମୌଜା ଅଧୀନରେ ଥିବା ଏକ ଜଙ୍ଗଲରେ ଆଜି ସକାଳେ ଏକ ବଡ଼ ଧରଣର ଗଞ୍ଜେଇ ଚାଷ ଉପରେ ଚଢ଼ାଉ କରାଯାଇଛି। ବିଷମ କଟକ ବ୍ଲକ୍ ଇତିହାସରେ ଏହା ପ୍ରଥମ ଘଟଣା ହୋଇଥିବା ସୂଚନା ମିଳିଛି। ଅବକାରୀ ବିଭାଗର ସୂଚନା ଅନୁଯାୟୀ, ଆଜି ସକାଳ ପ୍ରାୟ ୮ ଘଣ୍ଟା ସମୟରେ



ଏହି ଅଭିଯାନ ଆରମ୍ଭ କରାଯାଇଥିଲା। ବିଷମ କଟକ ଅବକାରୀ ଥାନା ଅଧିକାରୀଙ୍କ ନେତୃତ୍ୱରେ ଗୁଣୁପୁର ରେଞ୍ଜ୍ ଅବକାରୀ ବିଭାଗର ସମସ୍ତ କର୍ମଚାରୀ ମିଳିତ ଭାବେ ଚଢ଼ାଉ କରିଥିଲେ। ରେଲାକୁପା ମୌଜା ଅନ୍ତର୍ଗତ ଜଙ୍ଗଲରେ ହୋଇଥିବା ଏହି ବେଆଇନ ଚାଷରୁ ପ୍ରାୟ ୪୦୦ ରୁ ୫୦୦ ଗଞ୍ଜେଇ ଗଛ ନଷ୍ଟ କରାଯାଇଥିଲା। ଗଛଗୁଡ଼ିକୁ ଉପାଡ଼ି ଦିଆଯାଇ ନିଆଁ ଲଗାଇ ପୋଡ଼ି ଦିଆଯାଇଥିଲା। ଏ ସମ୍ପର୍କରେ ବିଷମ କଟକ ଅବକାରୀ ଥାନା ଅଧିକାରୀ ସୂଚନା ଦେଇ କହିଛନ୍ତି ଯେ ନଷ୍ଟ କରାଯାଇଥିବା ଏହି ଗଞ୍ଜେଇ ଗଛର ଆନୁମାନିକ ବଜାର ମୂଲ୍ୟ ପାଞ୍ଚ ଲକ୍ଷ ଟଙ୍କାରୁ ଅଧିକ ହେବ। ଏହି ବ୍ୟାପକ ଚଢ଼ାଉ ଦ୍ୱାରା ବିଷମ କଟକ ଅଞ୍ଚଳରେ ଚାଲିଥିବା ବେଆଇନ ଗଞ୍ଜେଇ ଚାଷ ଉପରେ ଏକ ବଡ଼ ଧରଣର ପ୍ରହାର ଦିଆଯାଇଛି। ଏହି ଘଟଣା ପରେ ଅବକାରୀ ବିଭାଗ ଅନ୍ୟାନ୍ୟ ସମ୍ଭାବ୍ୟ ଚାଷ ଜାଗା ଉପରେ ନଜର ରଖିଛି ବୋଲି ଜଣାପଡ଼ିଛି। ତେବେ ଏହି ବେଆଇନ ଚାଷ କିଏ କରୁଥିଲା, ସେ ନେଇ ତଦନ୍ତ ଜାରି ରହିଛି।

## ପୋଖରୀ ପୁନରୁଦ୍ଧାର ନାମରେ ପାଞ୍ଚ ଲକ୍ଷ ହଡପ ଅଭିଯୋଗ

କେନ୍ଦୁଝର, (ମହାଭାରତ) : କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ଡିମ୍ବୋ ପଞ୍ଚାୟତର ଡିମ୍ବୋ ଗ୍ରାମରେ ଥିବା ନାଏକ ପୋଖରୀ ପୁନରୁଦ୍ଧାର ନାମରେ ୨୦୨୩-୨୪ ଆର୍ଥିକ ବର୍ଷର ଅନୁଦାନରେ ପଞ୍ଚଦଶ ଅର୍ଥ କମିଶନ ଯୋଜନାରେ ପାଞ୍ଚଲକ୍ଷ ଟଙ୍କା ବ୍ୟୟ ଯୋଜନା ଅଟକଳରେ ବିଭାଗୀୟ ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ହୋଇଥିଲା। ଏବେ ୨୦୨୫ ମସିହା ଶେଷ ହେବାକୁ ଥିବା ବେଳେ ଏହି ପୋଖରୀର ପୁନରୁଦ୍ଧାର ହେବା ଦୂରର କଥା ଆଜି ଯାଏ କୌଣସି କାର୍ଯ୍ୟ ହୋଇ ନାହିଁ। ତତ୍କାଳୀନ ଡିମ୍ବୋ ପଞ୍ଚାୟତର ପିଇଓଙ୍କ ନାମରେ ଏହି କାର୍ଯ୍ୟାଦେଶ ଥିବା ବେଳେ ଏହି କାର୍ଯ୍ୟ ନକରାଯାଇ ସମ୍ପୂର୍ଣ୍ଣ ଅର୍ଥ ଦୁର୍ନୀତି ଅଭିଯୋଗ ହୋଇଛି ବୋଲି ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଏହି ପୋଖରୀ ଆଡ଼ିରେ ଲାଗିଥିବା ସୂଚନା ଫଳକ ଆଧାରରେ ଏବେ ପର୍ଯ୍ୟନ୍ତ ନାଏକ ପୋଖରୀରେ କୌଣସି କାର୍ଯ୍ୟ ହୋଇ ନଥିବା ସ୍ଥାନୀୟ ଲୋକେ କହିଛନ୍ତି। ତେବେ ଏହି ପୋଖରୀ ପୁନରୁଦ୍ଧାର ନାମରେ ୫ଲକ୍ଷ ଚଳୁ ହୋଇଛି ନା ଅନ୍ୟ କେଉଁ ଆଡେ ଖର୍ଚ୍ଚ ହୋଇଛି ତାହାର ତଦନ୍ତ କଲେ ପ୍ରକୃତ ତଥ୍ୟ ସାମନାକୁ ଆସି ପାରନ୍ତା।

## ରଷିକୂଲ୍ୟା ନଦୀରେ ପଡ଼ି ବୃଦ୍ଧ ମୃତ

ଆସିକା, (ମହାଭାରତ) : ଆସିକା ଏନ ଏ ସି ଅନ୍ତର୍ଗତ ସୁନାମ୍ବ ରଥଦାଣ୍ଡ ସାହି ନିବାସୀ ଏ. ପ୍ରକାଶ କୁମାର ଆଚାରୀ (୬୫)ନଦୀରେ ଗୋଡ଼ ଖସି ମୃତ୍ୟୁ ବରଣ କରିଛନ୍ତି । ପ୍ରକାଶ ଥାଉକି ଆଜି ସକାଳେ ଭାସ୍କର ନିଜ ପିତା ଙ୍କ ଶ୍ରାଦ୍ଧ ଘରେ ବୈଦିକ ରୀତି ନୀତିରେ କରିବା ପରେ ଶ୍ରାଦ୍ଧ ପିଣ୍ଡକୁ ବିସର୍ଜନ କରିବା ପାଇଁ ଘର ବାରି ପଟେ ପ୍ରବାହିତ ରଷିକୂଲ୍ୟା ନଦୀ କୁ ଯାଇଥିଲେ । ନଦୀ ପାହଛ ତଳକୁ ଓଲ୍ଲାଇଲା ସମୟରେ ଅସାବଧାନତା ଯୋଗୁଁ ତାଙ୍କ ଗୋଡ଼ ଖସି ପାଣିରେ ବୁଡି ଯାଇଥିଲେ ଘରକୁ ଫେରିବା ରେ ବିଳମ୍ବ ହେବାରୁ ପରିବାର ଲୋକେ ନଦୀକୁ ଯାଇ ସେଠାରେ ବହୁ ସମୟ ଖୋଜା ଖୋଜି କରିବା ପରେ ଭାସ୍କର ନଦୀ ମଧ୍ୟରେ ବୁଡି ଥିବାର ଦେଖିବାକୁ ପାଇଥିଲେ। ତୁରନ୍ତ ଆସିକା ଅଗ୍ନିଶମ ବିଭାଗ କୁ ଖବର ଦେଇଥିଲେ । ଆସିକା ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ଭାସ୍କରକୁ ନଦୀରୁ ଉଦ୍ଧାର କରି ଆସିକା ମେଡିକାଲ ନେଇଥିଲେ କ୍ଷ ସେଠାରେ କାର୍ଯ୍ୟରତ ଡାକ୍ତର ତାଙ୍କ ମୃତ୍ୟୁ ଘୋଷଣା କରିଥିଲେ । ଖବର ପାଇ ଆସିକା ପୋଲିସ ଘଟଣା ସ୍ଥଳରେ ପହଂଚି ଏକ ଅପମୃତ୍ୟ ମାମଲା ରୁଜୁ କରିଛି ଶ୍ରାଦ୍ଧ ପିଣ୍ଡ ବିସର୍ଜନ କରି ଭାସ୍କର ଶବ ହୋଇଥିବା ଶୁଣି ସାହି ଏବଂ ଅଂଚଳ ରେ ଶୋକର ଛାୟା ଖେଳି ଯାଇଛି ।

## ଅଙ୍ଗନୱାଡି ସେଣ୍ଟର ଗୁଡିକର ଦୟନୀୟ ଅବସ୍ଥା— ତୁରନ୍ତ ମରାମତି ସହ ରୋଷେୟା ପଦବୀ ପୂରଣ ପାଇଁ ବିଧାନସଭାରେ ବିଧାୟକ ପବିତ୍ର ସାଉଁନ୍ତାଙ୍କ ଦୃଢ଼ ମତ



ଲକ୍ଷ୍ମୀପୁର, (ମହାଭାରତ): ରାଜ୍ୟର ବିଭିନ୍ନ ସ୍ଥାନରେ ଅବସ୍ଥିତ ଅଙ୍ଗନୱାଡି ସେଣ୍ଟର ଗୁଡିକ ଦୟନୀୟ ଏବଂ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ବିଷୟକୁ ଆଜି ବିଧାନସଭାରେ ଉପସ୍ଥାପନ କରି ଗୁରୁତ୍ୱ ଦେଲେ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ବିଧାୟକ ଶ୍ରୀଯୁକ୍ତ ପବିତ୍ର ସାଉଁନ୍ତା । ଅନେକ ଅଙ୍ଗନବାଡି କେନ୍ଦ୍ରରେ କୁନି କୁନି ଛାତ୍ରଛାତ୍ରୀ ନିରାପଦ ଭାବେ ପଢିବାକୁ ବସିପାରୁନାହାନ୍ତି। ବର୍ଷାରେ ଛାତ ଆଡୁ ପାଣି ଗୋଳୁଛି, କାନ୍ଥରେ ଫାଟ୍, ତଥା ଶୌଚାଳୟ ଓ ପାଣି ବ୍ୟବସ୍ଥା ପର୍ଯ୍ୟାପ୍ତ ନାହିଁ। ଏହି ଅବସ୍ଥାରେ ଶିଶୁ ଶିକ୍ଷା ଓ ପୋଷଣ ଯୋଜନା କାମ କରିବା ଯଥାର୍ଥ ନୁହେଁ ବୋଲି ବିଧାନସଭା ରେ ଆଲୋଚନା କରିବା ସମୟରେ ସେ କହିଥିଲେ। ଏହା ସହିତ, ଅନେକ ସେଣ୍ଟର ରେ ରୋଷେୟା ପଦବୀ ଖାଲି ରହିଥିବାରୁ ମଧ୍ୟାହ୍ନ ଭୋଜନ ଯୋଜନା ପ୍ରଭାବିତ ହେଉଥିବା କଥାକୁ ମଧ ସେ ଉଠାଇଲେ। ତୁରନ୍ତ ଖାଲି ପଡିଥିବା ପଦବୀ ପୂରଣ ପାଇଁ ସେ ଦାବି କଲେ। ତାଙ୍କ ମତରେ ସେ ଅଧିକ ଗୁରୁତ୍ୱ ଦେଇଛନ୍ତି, ବର୍ତ୍ତମାନ ରୋଷେୟା ନିଯୁକ୍ତି ପାଇଁ ହେଉଥିବା +୨ ଶିକ୍ଷାଗତ ଯୋଗ୍ୟତାକୁ କମେଇ ଦଶମ ଶ୍ରେଣୀ କରାଯାଉ, ଯାହାଦ୍ୱାରା ଗ୍ରାମୀଣ ଅଞ୍ଚଳର ଯୋଗ୍ୟ ମହିଳାମାନେ ନିଯୁକ୍ତି ସୁଯୋଗ ପାଇପାରିବେ ଓ ଯୋଜନାର କାମ ସୁଚାରୁରୂପେ ପରିଚାଳିତ ହେବ। ଉକ୍ତ ବିଷୟଟି ଉପରେ ମାନ୍ୟବର ଉପ ମୁଖ୍ୟମନ୍ତ୍ରୀଙ୍କୁ ତୁରନ୍ତ ହସ୍ତକ୍ଷେପ କରି ପ୍ରୟୋଜନୀୟ ପଦକ୍ଷେପ ନେବା ପାଇଁ ବିଧାୟକ ପବିତ୍ର ସାଉଁନ୍ତା ବିନମ୍ର ଅନୁରୋଧ କରିଛନ୍ତି।

## ଅସହାୟଙ୍କୁ ସାହାଯ୍ୟର ହାତ ବଢ଼ାଇଲା'ଛୋଟ ଏକ ପ୍ରୟାସ'



ହିନ୍ଦୋଳ, (ମହାଭାରତ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ଛୋଟ ଏକ ପ୍ରୟାସ' ର ବିଭିନ୍ନ ସମାଜସେବା କାର୍ଯ୍ୟକ୍ରମ ପାଇଁ ଅନେକ ଅସହାୟ ଙ୍କ ଦୁଃଖ ଦୂର ହୋଇପାରିଛି। କେତେବେଳେ ନିଃସହାୟ ପାଇଁ ବାସଗୃହ ନିର୍ମାଣ ତ କେତେବେଳେ ଖାଦ୍ୟପନୀୟ ବ୍ୟବସ୍ଥା,କେତେବେଳେ ସ୍ୱାସ୍ଥ୍ୟ ସେବା ତ କେତେବେଳେ ରକ୍ତଦାନ ଏହିପରି ଅନେକ ସାମାଜିକ କାର୍ଯ୍ୟକ୍ରମ କରି ଗରିବ ନିଃସହାୟ ଙ୍କ ସୁଖ ଦୁଃଖ ରେ ଆସି ଛିଡା ହୋଇପଡୁଛନ୍ତି ଏହି ସଂଗଠନ ର ସଦସ୍ୟ ଗଣ ।ତେବେ ଜନସାଧାରଣ ବି କରୁଛନ୍ତି ଉଚ୍ଚ ପ୍ରଶଂସା। ଆଜି ଜଣେ ଅସହାୟ ବୃଦ୍ଧା ମହିଳାଙ୍କୁ ଏକ ବୃଦ୍ଧାଶ୍ରମରେ ଥଇଥାନ ବ୍ୟବସ୍ଥା କରି ତାଙ୍କ ବଂଚିବାର ରାହା ଦେଖାଇ ଏହିପରି ଏକ ମହତ କାର୍ଯ୍ୟ କରିଛନ୍ତି ଏହି ସଂଗଠନ।ଖବରରୁ ପ୍ରକାଶ ହିନ୍ଦୋଳ ଏନଏସି ୱାର୍ଡନଂ ୧୨ ବନମାଳିପୁର ଗ୍ରାମରେ ଦୀର୍ଘ ବର୍ଷ ଧରି ସମ୍ପର୍କୀୟଙ୍କ ଘରେ ଅସ୍ଥାୟୀ ଭାବରେ ଆଶ୍ରୟ ନେଇଥିବା ଅସହାୟା ବୃଦ୍ଧା ପ୍ରମିଳା ସାହୁ (୭୭)ଙ୍କ ଦୁଃଖ ଶୁଣି ହିନ୍ଦୋଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଛୋଟ ଏକ ପ୍ରୟାସ ' ପକ୍ଷରୁ ପ୍ରମିଳାଙ୍କ ସମ୍ମତିକ୍ରମେ ତାଙ୍କୁ ଅନୁଗୋଳ ସ୍ଥିତ ମାନବ ସେବା ଶ୍ରମ ଡ଼ଃ ଚିନ୍ମୟୀ ଦିଦି ଙ୍କ ଅଧୀନରେ ରଖାଇବାର ସୁବ୍ୟବସ୍ଥା ଆଜି କରାଯାଇଥିଲା। ଏହି କାର୍ଯ୍ୟକ୍ରମ ସମୟରେ ସ୍ୱମାଜସେବୀ ତଥା ସାମ୍ବାଦିକ ପ୍ରଦ୍ୟୁମ୍ନ ବେହେରା, ଅବସରପ୍ରାପ୍ତ ଶିକ୍ଷକ ଶ୍ରୀପତି ସାହୁ, ବସନ୍ତ ମହାପାତ୍ରଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

## ମଣ୍ଡଳସ୍ତରୀୟ ଦିବ୍ୟାଙ୍ଗ ପ୍ରତିଭା ଅନ୍ୱେଷଣ କାଯ୍ୟକ୍ରମ




କୃଷ୍ଣପ୍ରସାଦ, (ମହାଭାରତ) : ସମଗ୍ର ଶିକ୍ଷା, ପୁରୀ ଜିଲ୍ଲା ଆନୁକୂଲ୍ୟରେ ମଣ୍ଡଳସ୍ତରୀୟ ଦିବ୍ୟାଙ୍ଗ ପ୍ରତିଭା ଅନ୍ୱେଷଣ-୨୦୨୫ କୃଷ୍ଣପ୍ରସାଦ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି।

# ରାସ୍ତାରେ ପଡିଛି କୁଢ଼ କୁଢ଼ ସରକାରୀ ଔଷଧ



କେନ୍ଦୁଝର, (ମହାଭାରତ) : କେନ୍ଦୁଝରର ରାସ୍ତା କଡ଼ରେ କୁଢ଼ କୁଢ଼ ସରକାରୀ ଔଷଧ ପଡିଛି। ରାସ୍ତା କଡ଼ରେ ପଡିଥିବା ଏହି ସବୁ ଔଷଧ ମାନଙ୍କରେ ଓଡ଼ିଶା ସରକାରୀ ଯୋଗାଣ ବିକ୍ରୟ ପାଇଁ ନୁହେଁ ବୋଲି ଉଲ୍ଲେଖ ରହିଛି । ଯାହାକୁ ନେଇ ବୁଦ୍ଧିଜୀବୀ ଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । ରୋଗୀଙ୍କୁ ମାଗଣାରେ ଔଷଧ ଯୋଗାଇ ଦେବାକୁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ହେଲେ କିଛି ଦାୟିତ୍ୱହୀନ ଅଧିକାରୀଙ୍କ ପାଇଁ ସେ ସବୁ ଔଷଧ ରୋଗୀଙ୍କୁ ଦିଆ ନ ଯାଇ ରାସ୍ତା କଡ଼ରେ ଫୋପାଡ଼ି ଦିଆଯାଉଛି । ଏ ଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ପୁରୁଣା ସହର ନିକଟ ଦେଇ ଯାଇଥିବା ୨୦ ନମ୍ବର ଜାତୀୟ ରାଜପଥ ର ସିଦ୍ଧମଠ ସର୍ଭିସ ରାସ୍ତା କଡ଼ରେ, ଯେଉଁଠି ଫୋପାଡି ଦିଆଯାଇଛି ପୁଳା ପୁଳା ମିଆଦ ଶେଷ ଔଷଧ । ଏହି ଔଷଧ ସବୁର ନାଁ ଓ ଲାଗିଥିବା ଲେବୁଲ ବା ଲେଖା ସବୁକୁ ଲିଭାଇ ଦେବାକୁ ଚେଷ୍ଟା କରାଯାଇଛି । ଯେଉଁ କିଛି କିଛି ଔଷଧ ରେ ଲେଖା ରହିଯାଇଛି, ସେଥିରେ ସ୍ପଷ୍ଟ ଭାବରେ ଲେଖାଯାଇଛି ଉତ୍ପାଦନ ତାରିଖ ୨୦୧୪ ଏବଂ ମିଆଦ ଶେଷ ତାରିଖ ୨୦୧୬ ମସିହା ରହିଛି । ତେବେ ଏଠାରେ ପ୍ରଶ୍ନ ଉଠେ ଏହି ଔଷଧ ସବୁ କେଉଁ ଚିକିତ୍ସାଳୟ କୁ ଯୋଗାଇ ଦିଆଯାଇଥିଲା ଓ ତାହାକୁ ରୋଗୀ ମାନଙ୍କୁ ବିତରଣ କରା ନ ଯାଇ ଦୀର୍ଘ ୯ ବର୍ଷ ଧରି ପକାଇ ରଖି ରଖି ଶେଷରେ କାହିଁକି ଫୋପାଡା ଗଲା । ଆହୁରି ମଧ ଏହି ଔଷଧ ସବୁ ସମୟସୀମା ସମାପ୍ତ ହୋଇଗଲା ପରେ ତାହା ବ୍ୟବହାର ଅନୁପଯୁକ୍ତ ହୋଇ ଯିବା ସହ ସଂପୂର୍ଣ୍ଣ ବିଶାକ୍ତ ହୋଇଯାଇ ଥାଏ । ତେଣୁ ଏହାକୁ ରାସ୍ତା କଡ଼ରେ ଫୋପାଡି ଦେବା ଫଳରେ ଏହାକୁ ଯଦି କୌଣସି ଶିଶୁ , ମାନସିକ ଅନଗ୍ରସର ବ୍ୟକ୍ତି ବା ଗୃହପାଳିତ ପଶୁ ପକ୍ଷୀ ଖାଇ ମୃତ୍ୟୁ ମୁଖ୍ୟରେ ପଡନ୍ତି ସେଥିପାଇଁ କିଏ ଦାୟୀ ରହିବ । ଅନ୍ୟପଟେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବା ରୋଗୀ ମାନଙ୍କୁ ଡାକ୍ତର ଲେଖୁଥିବା ସମସ୍ତ ମାଗଣା ଔଷଧ ମିଳୁ ନଥିବା ବେଳେ ରାସ୍ତା କଡ଼ରେ କୁଢ଼ କୁଢ଼ ଔଷଧ ଫୋପଡ଼ା ଯିବା ସମସ୍ତ ଙ୍କୁ ଆଶ୍ଚର୍ଯ୍ୟ ଚକିତ କରିବା ସହ ଏହାର ତଦନ୍ତ କରି ଦୋଷୀ ବିରୁଦ୍ଧ ରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବୀ ହୋଇଛି । ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିନୋଦ ବିହାରୀ ମିଶ୍ରଙ୍କୁ ପଚାରିବାରୁ ବିଏମଡବ୍ଲୁ ନାମକ ସଂସ୍ଥା ଜିଲା ମୁଖ୍ୟ ଚିକିତ୍ସାଳୟରୁ ଏହି ସବୁ ମିଆଦ ଶେଷ ଔଷଧ ନେଇ ସଠିକ ପ୍ରଣାଳୀରେ ନଷ୍ଟ କରିବା କଥା ଯଦି କରି ନାହିଁ ଆମେ ତା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବୁ ବୋଲି କହିଛନ୍ତି ।

## ପର୍ଯ୍ୟଟନ ମାନଚିତ୍ରରେ ପରିଚୟ ଖୋଜୁଛି ଚିରସ୍ରୋତା ଗୋବରଗୋଲା ଜଳପ୍ରପାତ



ଜୁନାଗଡ଼,(ମହାଭାରତ): ପ୍ରାକୃତିକ ସମ୍ପଦ ଓ ପ୍ରାଚୁର୍ଯ୍ୟରେ ଭରପୂର କଳାହାଣ୍ଡି କେଉଁ ଆବହମାନ କାଳରୁ ପାରମ୍ପରିକ ଭାବେ ପ୍ରକୃତିରାଣୀର ଉପାସନା କରିଆସୁଥିବା ଦେଖିବାକୁ ମିଳେ । ବର୍ତ୍ତମାନ ମଧ୍ୟ ସେହି ଆଦିମ ଜନଜାତି ସହର ସଭ୍ୟତାର ଆଧୁନିକତାରେ ବିଭୋର ନ ହୋଇ ଘଞ୍ଚଜଙ୍ଗଲର ସବୁଜିମା ଭିତରେ ପ୍ରକୃତିକୁ କୋଳେଇ ବିଭୋର ହୋଇ ଉଠେ ଅନେକ ବର୍ଷ ପୂର୍ବେ ଏହି ମାଟିକୁ 'ଆଟବିକ' ବୋଲି କୁହାଯାଉଥିଲା । 'ଆଟବିକ'ର ଅର୍ଥ ହେଉଛି ଦୁର୍ଗମ ପଥ ବଣ ପାହାଡ଼ ନଦୀ ଝରଣା ଘେରା ଥିବା ଏକ ଭୂଖଣ୍ଡ । ଆଜି ଶହେ ଦଶନ୍ଧି ପରେ ଆଟବିକରୁ ଇନ୍ଦ୍ରବନ, ଇନ୍ଦ୍ରବନରୁ ମହାକାନ୍ତାର, ମହାକାନ୍ତାରରୁ କାରୁଣ୍ଡ ରାଜ୍ୟ ଓ କାରୁଣ୍ଡରୁ ଆଧୁନିକ କଳାହାଣ୍ଡି ଭାବେ ବେଶ୍ ପରିଚିତ। କଳା ସ୍ଥାପତ୍ୟ, ଆଦିବାସୀ ସଂସ୍କୃତି ଓ ପରମ୍ପରା ତଥା ପ୍ରାକୃତିକ ଶୋଭାରାଜିର ଅପୂର୍ବ ମିଳନ ଏଠାରେ ଦେଖିବାକୁ ମିଳେ ଯ଼ ଏହି ଜିଲ୍ଲାରେ ଏକାଧିକ ଛୋଟ ଛୋଟ ଜଳପ୍ରପାତ ରହିଛି ଯେଉଁଗୁଡ଼ିକ ଏପର୍ଯ୍ୟନ୍ତ ଲୋକଲୋଚନକୁ ଆସିପାରିନାହିଁ। କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ବୁଢ଼ୀଦର ପଞ୍ଚାୟତରେ ଥିବା ଚିରସ୍ରୋତା ଗୋବରଗୋଲା ଜଳ ପ୍ରପାତ ଲୋକଲୋଚନକୁ ଆସିପାରିନାହିଁ। ଗୋବରଗୋଲା ଓ ପାଣିଗୋଲା ପ୍ରପାତର ଦୃଶ୍ୟ ମନରେ ଅସୀମ ଆନନ୍ଦ ସୃଷ୍ଟି କରେ ଜଳପ୍ରପାତରୁ ପଡୁଥିବା ପାଣି ଏକ ହ୍ରଦର ଭ୍ରମ ସୃଷ୍ଟି କରୁଥାଏ ସବୁବେଳେ ତିରିଶ ଫୁଟୁ ଅଧିକ ପାଣି ମହଜୁଦ ଥାଏଯ଼ ତେବେ ଗୋବରଗୋଲା ଜଳପ୍ରପାତକୁ ଯିବା ପାଇଁ କୌଣସି ସୁବିଧା ନାହିଁ । ରାଜ୍ୟ ପର୍ଯ୍ୟଟନ ବିଭାଗର ନଜର ଏଯାଏ ପଡ଼ିନାହିଁ । ଜଙ୍ଗଲବିଭାଗ ତରଫରୁ ଏହି ପ୍ରପାତ ପାଖରେ ଥିବା ପିପଲଗୁଡ଼ା ଗାଁ ପର୍ଯ୍ୟନ୍ତ ରାସ୍ତା ହୋଇଛି । ପ୍ରପାତ ପାଖରେ ପହଞ୍ଚିବା ପାଇଁ ଆହୁରି ୨ କି.ମି. ରାସ୍ତାର ଆବଶ୍ୟକ ରହିଛି। ଗୋବରଗୋଲାକୁ ଯାଉଥିବା ଲୋକମାନେ ଜଙ୍ଗଲି ରାସ୍ତା ଦେଇ ଚାଲି ଚାଲି ଯିବାକୁ ପଡିଥାଏ ଜୁନାଗଡ଼ ବ୍ଲକ ର କର୍ଲାପାଟ ଅଭୟାରଣ୍ୟ ମଧ୍ୟରେ ଥିବା ପ୍ରାକୃତିକ ଶୋଭାରାଜି ଚିରସ୍ରୋତା ଜଳପ୍ରପାତ ଗୋବରଗୋଲାକୁ ସରକାର ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦେବା ସହିତ ଏହାର ପ୍ରଚାର ପ୍ରସାର ସହିତ ଭିତିଭୂମି ବିକାଶ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଗଲେ ସ୍ଥାନୀୟ ଲୋକଙ୍କ ରୋଜଗାର ବଢ଼ିବା ସହ ଦେଶ ବିଦେଶରୁ ପର୍ଯ୍ୟଟକ ଆକର୍ଷିତ ହୋଇ କଳାହାଣ୍ଡିର ବାସ୍ତବତାକୁ ଉପଲବ୍ଧି କରିବା ସହିତ ବହୁ ସମ୍ଭାବନା ସୃଷ୍ଟି ହୋଇପାରନ୍ତା ଏବଂ ଜିଲ୍ଲାର ବିକାଶ ହେବା ସହ ଅଞ୍ଚଳବାସୀ ରୋଜଗାରକ୍ଷମ ହୋଇପାରିବେ।

## ଆଜୀବନ କାରାଦଣ୍ଡରେ ଦଣ୍ଡିତ ହେଲେ ହତ୍ୟାକାରୀ ଦୀପକ

ଅନୁଗୋଳ,(ମହାଭାରତ):ଅନୁଗୋଳ ଜିଲ୍ଲା ନାଲକୋ ଥାନା ଅଞ୍ଚଳରେ ୨୦୨୨ ମସିହାରେ ଶିବରାମ ସାହୁ ନାମକ ବ୍ୟକ୍ତି କୁ ହତ୍ୟା କରିଥିଲେ ଅଭିଯୁକ୍ତ ଦୀପକ ବେହେରା। ସୂଚନା ମୁତାବକ ଅନୁଗୋଳ ଜିଲ୍ଲା ନାଲକୋ ଥାନା ବଳରାମପ୍ରସାଦ ପଞ୍ଚାୟତ କେନ୍ଦୁପାଟଣା ସାହିର ଶିବରାମ ସାହୁ ଓ କଇଁଫୁଲିଆ ସାହିର ବାନାମ୍ବର ବେହେରା ଙ୍କ ୩୦ ବର୍ଷୀୟ ପୁଅ ଦୀପକ ବେହେରା ଙ୍କ ସହ ପୂର୍ବରୁ କୌଣସି କାରଣକୁ ନେଇ ବଚସା ହୋଇଥିଲା। ଏହି ବଚସା କୁ ଦୀପକ ୨୦୨୨ ମସିହା ମେ ମାସ ୩ ତାରିଖରେ ଶିବରାମ ତୁଳସୀ ପୂଜା କରୁଥିବା ବେଳେ ପଛପାଖ ରୁ ଏକ ଟାଙ୍ଗୀ ସାହାର୍ଯ୍ୟରେ ନିର୍ମମ ଭାବେ ହତ୍ୟା କରିଥିଲା। ହତ୍ୟା ସମୟରେ ଶିବରାମ ଙ୍କ ଝିଅ ଦେଖି ଚିତ୍କାର କରି ଲୋକଙ୍କୁ ଡାକିବା ବେଳେ ତାକୁ ମଧ୍ୟ ଆକ୍ରମଣ କରିଥିଲା। ପଡୋଶୀ ଲୋକେ ପହଞ୍ଚି ଯିବାରୁ ଦୀପକ ଘଟଣାସ୍ଥଳ ରୁ ବାଇକ୍ ଯୋଗେ ଫେରାର ହୋଇଯାଇଥିଲା। ଏଥିନେଇ ଶିବରାମ ଙ୍କ ସ୍ତ୍ରୀ ନାଲକୋ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଦୀର୍ଘ ଦିନ ହେବ କୋର୍ଟ ରେ ମାମଲା ଚାଲିଥିବା ବେଳେ ଆଜି କୋର୍ଟ ଏହାର ରାଏ ଶୁଣାଇଛନ୍ତି । ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ହୃଷୀକେଶ ଆର୍ଯ୍ୟ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୨୦ ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ ନାମ ପ୍ରଦାନ କରିଛନ୍ତି। ଶିବରାମଙ୍କ ପରିବାର ପକ୍ଷରୁ ଆଇନଜୀବୀ ତାପସ ରଞ୍ଜନ ମିଶ୍ର ମାମଲା ଲଢୁଥିବା ବେଳେ ଏହି ମାମଲାର ତଦନ୍ତ ଭାର ସମ୍ଭାଳି ଥିଲେ ଥାନା ଅଧିକାରୀ ବି ବି ବିଶ୍ୱାଳ।

## ଶିଶୁ ବିଦ୍ୟା ମନ୍ଦିରରେ ବାର୍ଷିକ କ୍ରୀଡା ଅନୁଷ୍ଠିତ

ସମ୍ବଲପୁର:-(ମହାଭାରତ): ରେଙ୍ଗାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଗତ ଦୁଇ ଦିନ ଧରି ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉଦଘାଟନୀ ଉତ୍ସବରେ ଶ୍ରୀ ନବୀନ ପ୍ରଧାନ, ସାଂସଦ ପ୍ରତିନିଧି ସମ୍ବଲପୁର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମଲେଶ୍ୱରୀ ହସ୍ପିଟାଲର ନିର୍ଦ୍ଦେଶକ ଡ଼ଃ ସନ୍ତୋଷ ସିଂ ଓ ଟିକୁ ମେହେର ମଣ୍ଡଳ ସଭାପତି ବିଜେପି ଟିକୁ ମେହେର ଏବଂ ପଣ୍ଡଲୋଇର ବରିଷ୍ଠ ନାଗରିକ ବେଣୁଧର ମେହେର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଠିକ୍ ସେହିପରି ଉଦଯାପନୀ ସମାରୋହରେ ନିର୍ଦ୍ଦେଶକ ତଥା ସମ୍ବଲପୁର ସାମ୍ବାଦିକ ସଂଘର ସଭାପତି ଶ୍ରୀ ହିମାଂଶୁ ଶେଖର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟର ରଶ୍ମି ରେଖା ସାହୁ, ଶୋଭା ଗିନି ସେଠ, ସାଇରାଜ ସାହୁ ସଭା ପରିଚାଳନା କରିଥିବା ବେଳେ ପ୍ରଧାନ ଆର୍ଯ୍ୟ କରୁଣାକର ପାତ୍ର ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ। ଅତିଥି ମାନେ ଛାତ୍ରଛାତ୍ରୀମାନଙ୍କୁ କ୍ରୀଡା ପ୍ରତି ଆକୃଷ୍ଟ ହେବା ସହ କିପରି ଖେଳକୁ ମଧ୍ୟ ନିଜର ଦୈନନ୍ଦିନ ଜୀବନର ଏକ ମୁଖ୍ୟ କାର୍ଯ୍ୟ ଅଟେ ତାହା ବୁଝାଇ ଥିଲେ ।ଶିଶୁ ବାଟିକା ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ବିଭିନ୍ନ ଖେଳରେ ଅଂଶ ଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିଲେ । ଅରୁଣ ଶ୍ରେଣୀର ମେଘନାଦ ବଡ଼େଇ, ଏଲିନା ବଡ଼େଇ।ଉଦୟ ଶ୍ରେଣୀର ରିତିକ ସାହୁ, ଝରଣା ସେଠ଼,କିରଣ ଶ୍ରେଣୀର ଆୟୁଷ ପାଉଲେ , ସିଦ୍ଧି ଓରାମ । ପ୍ରଥମ ଶ୍ରେଣୀର ମାନଭଞ୍ଜନ ମାହାଣା, ତୃପ୍ତି କାଲୋ। ଦ୍ୱିତୀୟ ଶ୍ରେଣୀର ଟିଙ୍କୁ ରାଉତ, ପ୍ରକୃତି ଦାସ ଯ଼ତୃତୀୟ ଶ୍ରେଣୀର ଡେନିସ୍ ବଡ଼େଇ, ରୋଷ୍ନି ରାଣୀ ମହାନ୍ତିଯ଼ ଚତୁର୍ଥ ଶ୍ରେଣୀର ଯଶପ୍ରିନ୍ସ ସାହୁ,କୁମକୁମ୍ ବିଶ୍ୱାଳଯ଼ ପଞ୍ଚମ ଶ୍ରେଣୀର ଜୟଦେବ ବାଗ,ରିୟୁ ମେହେର। ଷଷ୍ଠ ଶ୍ରେଣୀର ମନିଶ ମେହେର, ପ୍ରାୟଂଶି ସାହୁଯ଼ ସପ୍ତମ ଶ୍ରେଣୀର ଋଷବ ଧାନ, ଅପର୍ଣ୍ଣାଯ଼ ସାହୁଯ଼ଅଷ୍ଟମ ଶ୍ରେଣୀର ଆୟୁଷ ଓରାମ, ଭୂମି ବର୍ମା ।ନବମ ଶ୍ରେଣୀର ଦୀପକ ଓରାମ,ନେହା ଗୌଡ। ଦଶମ ଶ୍ରେଣୀର ଅମ୍ରି ଭୋଇ ଖେଳରେ ଚମ୍ପିଅନ ହୋଇଥିଲେ । ଜୁଲି ବିଶ୍ୱାଳ , ନିରଞ୍ଜନ ମହାପାତ୍ର ଫଳାଫଳ ଘୋଷଣା କରିଥିଲେ ।ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଭାପତି ରାଜୀବ କୁମାର ମିଶ୍ର , ଅବସର ପ୍ରାପ୍ତ ଖେଳ ଶିକ୍ଷକ ପ୍ରଫୁଲ୍ଲ କୁମାର ଗହିର ଓ ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ । ଶେଷରେ ରଜତ କୁମାର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ୱାର୍ଡ଼ ୱାରୀ ସହଯୋଗ କାର୍ଯ୍ୟକ୍ରମର ଶୁଭାରମ୍ଭ

ଦଶପଲ୍ଲା,(ମହାଭାରତ ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ବିଜେପି ସରକାର ଯେଉଁ ସଂକଳ୍ପ ନେଇଛନ୍ତି। ତାହାକୁ ପୂରଣ କରିବାରେ ତୃଣ ମୂଳ ସ୍ତରରୁ ଆରମ୍ଭ ହୋଇଯାଇଛି। ସବକା ସାଥ୍ ସବକା ବିକାଶ ସବକା ବିଶ୍ୱାସର ମନ୍ତ୍ର ନେଇ ଦେଶ ପାଇଁ ଅନବରତ ଭାବେ ସେବା କରୁଥିବା ଭାରତୀୟ ଜନତା ପାର୍ଟିକୁ ବଳ ମିଳିଛି । ଓଡିଶା ର ଉନ୍ନତି ପାଇଁ ବିଜେପି ସରକାର ତଥା ମୋହନ ସରକାର ଅନେକ ଲୋକାଭିମୁଖୀ ଯୋଜନା ଆରମ୍ଭ କରିବା ସହିତ କାର୍ଯ୍ୟକାରୀ ମଧ୍ୟ କରିଛନ୍ତି। ବିଭିନ୍ନ ବିଭାଗ ଅଧିକାରୀମାନେ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ରେ ପହଂଚି ଜନସାଧାରଣ ଙ୍କ ସୁଖ ଦୁଃଖ ବୁଝିବା ସହ ସରକାରଙ୍କ ସମସ୍ତ ଯୋଜନା ବିଷୟରେ ଲୋକଙ୍କ ନିକଟରେ ପହଞ୍ଚାଇବେ।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ର ରେ ବିଜ୍ଞାନ ମେଳା ଅନୁଷ୍ଠିତ



ବାଲିପାଟଣା,(ମହାଭାରତ) : ବାଲିପାଟଣା ବ୍ଲକ୍ ଅଧୀନ ତୁରିନ୍ତିରା ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଆଜି ଅନୁଷ୍ଠିତ ହୋଇଯାଇଛି ।ବିଜ୍ଞାନ କ୍ଷେତ୍ର ରେ ପିଲାମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣ କୁ ବିକାଶ କରିବା ଲକ୍ଷ୍ୟ ନେଇ ଏପରି କାର୍ଯ୍ୟକ୍ରମ ପ୍ରତିବର୍ଷ ପ୍ରତି ବିଦ୍ୟାଳୟ ରେ ଅନୁଷ୍ଠିତ କରାଯାଇଥାଏ । ଏହି ଅବସରରେ ମୋଟ ୩୨ ଟି ପ୍ରକଳ୍ପ ସ୍ଥାନ ପାଇଥିଲା । ବାଗଲପୁର ବିପିନ ବିହାରୀ ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ତପନ କୁମାର ରାଉତ ମୁଖ୍ୟ ଅତିଥି ରୂପେ କାର୍ଯ୍ୟକ୍ରମରେ ଯୋଗଦାନ କରିବା ସହିତ ପ୍ରତ୍ୟେକ ପ୍ରକଳ୍ପ ବୁଲି ଦେଖିଥିଲେ ଏବଂ ପିଲାମାନଙ୍କୁ ପ୍ରକଳ୍ପ ସମ୍ବନ୍ଧୀୟ ପ୍ରଶ୍ନ ପଚାରି ଉଭୟ ସିନିଅର ଏବଂ ଜୁନିଅର ବିଭାଗ ରୁ ତିନୋଟି ଲେଖାଏଁ ପ୍ରକଳ୍ପ କୁ ଚୟନ କରିଥିଲେ। ଏହି ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ବିଦ୍ୟାଳୟ ର ଅଧ୍ୟକ୍ଷା ରୁପ୍ରଭା ତ୍ରିପାଠୀ ପ୍ରକାଶ କରିଥିଲେ। ପ୍ରତିଯୋଗୀତା କୁ ବିଦ୍ୟାଳୟ ର ସମସ୍ତ ଶ୍ରେଣିର ଛାତ୍ରଛାତ୍ରୀ ମାନେ ବୁଲି ଦେଖିଥିଲେ। ବିଦ୍ୟାଳୟ ର ପରାମର୍ଶଦାତା ଜଗନ୍ନାଥ ମହାନ୍ତି ଙ୍କ ନିର୍ଦ୍ଦେଶ କ୍ରମେ ଅଧ୍ୟକ୍ଷା ଶ୍ରୀମତୀ ରୁପ୍ରଭା ତ୍ରିପାଠୀ ବିଜ୍ଞାନ ମେଳା ଆୟୋଜନ କରିଥିବା ବେଳେ ବିଜ୍ଞାନ ଶିକ୍ଷକ ବିଶ୍ୱଜିତ ସେନାପତି,ବିଶ୍ୱରଂଜନ ନାୟକ, ଉପାଧ୍ୟକ୍ଷା ସଂଯୁକ୍ତା ଜେନା,ସ୍ନେହ ବାଳା ଆଚାର୍ଯ୍ୟ, ପ୍ରତିମାରାଣୀ ଦେଇ,ରାଜଶ୍ରୀ ରାଉତରାୟ,ସବିତା ଜେନା, ଅର୍ଚ୍ଚ ନା ମୁଦୁଲି ଏବଂ ଅନ୍ୟ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କୁମ୍ଭୀର ପରେ ଲୁଣା ସାମୁଦ୍ରିକ ସର୍ପ, ସଚେତନତା ପାଇଁ ଦାବୀ

ଅସ୍ତରଙ୍ଗ (ମହାଭାରତ)ଗତ କିଛି ଦଳେ ଜାହାନିଆ ଉପକୂଳ ରେ ଏକ କୁମ୍ଭୀର ଦେଖାଦେବା ପରେ ପର୍ଯ୍ୟଟକ ଙ୍କ ମହଲ ରେ ଆତଙ୍କ ଖେଳିଯାଇଥିଲା। ଖବର ପ୍ରସାରଣ ପରେ ଶାନ୍ତ ପଡ଼ିଛି ଅସ୍ତରଙ୍ଗ ପୀର ଜାହାନିଆଁ ବେଳାଭୂମି ଏବଂ ତତ ସଂଲଗ୍ନ ଅନ୍ୟ ବେଳାଭୂମୀ। ଏହି ଶାନ୍ତ ପରିବେଶ ଭିତରେ ଶନିବାର ସକାଳ ସମୟର ଦେଖିବାକୁ ମିଳିଛି ସାମୁଦ୍ରିକ ସାପ ସମୁଦ୍ର ପଠା ରେ ବିଚରଣ କରୁଥିବାର। ଏହି ସାପ ବିଷୟରେ ପରିବେଶ ବିତ ସୌମ୍ୟ ରଞ୍ଜନ ବିଶ୍ୱାଳ ଲୋକ ମାନଙ୍କୁ ପରାମର୍ଶ ଦେଇ କହିଛନ୍ତି କି ଏହା ଏକ ବିଷ ବିହିନ ସର୍ପ ତେଣୁ ଜନସାଧାରଣ ମାନେ ଭୟଭୀତ ନ ହୋଇ ସତର୍କ ରହିବା ସହିତ ଯଦି କୌଣସି ସମୟ ରେ ଏଭଳି ଘଟଣା ସାମ୍ନା କଲେ ତାହାଲେ ତାକୁ ଆଘାତ ନ ପହଞ୍ଚାଇ ସ୍ଥାନୀୟ ବନ ବିଭାଗକୁ ଖବର ଦେବାକୁ ଅନୁରୋଧ। ଏହିଭଳି ସାମୁଦ୍ରିକ ସରୀସୃପ ପରିବେଶ ପାଇଁ ନିହାତି ଆବଶ୍ୟକ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି।



ଏହିଭଳି ସାପ ଏ ଅଞ୍ଚଳ ରେ ଅଦ୍ଭୁତ ବୋଲି ସ୍ଥାନୀୟ କିଛି ବୁଦ୍ଧିଜୀବୀ ମାନେ ମତାମତ ଦେଇଛନ୍ତି। ପ୍ରଥମେ ଲୁଣା ପାଣି ରେ ସମୁଦ୍ର ରେ କୁମ୍ଭୀର ଓ ପରେ ଭୟଙ୍କର ଦେଖା ଯାଉଥିବା ଲୁଣା ସାପ ଏବେ ପର୍ଯ୍ୟଟକ ମାନଙ୍କୁ ଆଶ୍ଚର୍ଯ୍ୟ କରିଛି। ବନ ବିଭାଗ ତରଫରୁ ଏ ବାବଦରେ ସଚେତନତା ସୃଷ୍ଟି କରାଯାଇପାରିଲେ ହୁଏତ ଆଗାମୀ ଦିନରେ ଏହି ପିକନିକ ସ୍ଥାନ କୁ ପର୍ଯ୍ୟଟକ ମାନେ ଆସିବାକୁ ଭୟ ଅନୁଭବ କରିବେ ନାହିଁ। ସହଜ ରେ ବର୍ତ୍ତମାନ ଶୀତ ଋତୁ ଆସିବାରୁ ଅସ୍ତରଙ୍ଗ ଉପକୂଳ ପିର ଜାହାନିଆ ରେ ହଜାର ହଜାର ପର୍ଯ୍ୟଟକ ଙ୍କ ଭିଡ଼ ଜମୁଛି । ଅନ୍ୟ ପଟେ କୁମ୍ଭୀର ପରେ ସାପ ସମସ୍ତ ଙ୍କ ମନରେ ଆଂଶିକ ଭୟ ସୃଷ୍ଟି କରିଛି ।

## ହିତାଧିକାରୀଙ୍କ ଠାରୁ ଘର କରିଦେବାକୁ ଟଙ୍କା ନେଇ ଫାଙ୍କିବା ଅଭିଯୋଗ ରେ ୨ ମହିଳା ମଧ୍ୟସ୍ଥି ଗିରଫ

କରଞ୍ଜିଆ, (ମହାଭାରତ) ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଦିଗଧର ଗ୍ରାମପଞ୍ଚାୟତ ଖୁଣ୍ଟାପୋଶି ଗ୍ରାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପାଇଥିବା ଗୃହର ୩ ଜଣ ହିତାଧିକାରୀଙ୍କ ନିକଟରୁ ଘର ନିର୍ମାଣ କରିଦେବାକୁ କହି ଟଙ୍କା ନେଇ ଫାଙ୍କି ଥିବା ୨ ଜଣ ମଧ୍ୟସ୍ଥି ଙ୍କୁ ଶୁକ୍ରବାର ଦିନ ଠାକୁରମୁଣ୍ଡା ଥାନା ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଥିବାର ଥାନା ସବିନ୍ସପେକ୍ଟର ଅନିତା ସ୍ୱାଇଁ ଙ୍କ ଠାରୁ ଜଣା ପଡ଼ିଛ ।ଗିରଫ ମଧ୍ୟସ୍ଥି ୨ ଜଣ ମହିଳା ହୋଇଥିବା ବେଳେ ସେମାନେ ହେଲେ କରଞ୍ଜିଆ ର ଲବଙ୍ଗଲତା ଲୋହାର ଓ ସାବିତ୍ରୀ ନାଏକ ବୋଲି ଜଣା ପଡିଛି। ମିଳିଥିବା ସୂଚନା ଅନୁଯାୟୀ ଖୁଣ୍ଟାପୋଷି ଗ୍ରାମର ପ୍ରଧାନମନ୍ତ୍ରୀ ଆବାସ ର ହିତାଧିକାରୀ ଟୁନି ମୁଣ୍ଡା ,ସୁନି ଗଗରାଇ, ବାହାଦୂର ହାଁସଦା ଘର ର କାର୍ଯ୍ୟାଦେଶ ପତ୍ର ପାଇବା ପରେ କରଞ୍ଜିଆ ର ଲବଙ୍ଗଲତା ଲୋହାର ଓ ସାବିତ୍ରୀ ନାଏକ ସେମାନଙ୍କ ନିକଟକୁ ଆସି ତାଙ୍କର ଆବାସ ଗୃହ ଗୁଡିକୁ ନିର୍ମାଣ କରିଦେବାକୁ କହିଥିଲେ ।ପରେ ସେମାନେ ଟୁନିରାଣୀ ମୁଣ୍ଡା ଙ୍କ ନିକଟରୁ ୩୮ ହଜାର ଓ ସୁନି ଗାଗରାଇ ଓ ବାହାଦୂର ହାଁସଦା ଙ୍କ ନକଟରୁ ୪୯ ହଜାର ଟଙ୍କା ନେଇଥିଲେ ।ତାଙ୍କ ନିକଟରୁ ନେଇଥିବା ଟଙ୍କା ବାବଦରେ କୋର୍ଟ ନୋଟରୀ ଙ୍କ ନିକଟରେ ସେମାନେ ଏକ ସତ୍ୟପାଠ କରି ହିତାଧିକାରୀଙ୍କୁ ଦେଇଥିଲେ ।ଚୁକ୍ତି ପରେ ଦୀର୍ଘ ମାସ ଧରି ଘର ନକରି ସେମାନଙ୍କୁ ଠକି ଚାଲିଥିଲେ ।ସେମାନଙ୍କ ଘର ନ ହେବାରୁ ଶେଷରେ ଟୁନିରାଣୀ ନାମକ ଜଣେ ହିତାଧିକାରୀ ଗତ ଜାନୁଆରୀ ମାସ ୧୭ ତାରିଖ ଦିନ ଠାକୁରମୁଣ୍ଡା ଥାନାରେ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ ।ଅଭିଯୋଗ ପରେ ଏହି ଦୁଇ ମହିଳା ମଧ୍ୟସ୍ଥି ଥାନା ପୋଲିସ ନିକଟରେ ହାଜର ହୋଇନଥିଲେ ।ପରେ ଉପଖଣ୍ଡ ପୋଲିସ ଅଧିକାରୀ ନବକୃଷ୍ଣ ନାଏକ ଙ୍କ ନିର୍ଦ୍ଦେଶ କ୍ରମେ ଠାକୁରମୁଣ୍ଡା ଥାନା ପୋଲିସ ଶୁକ୍ରବାର କରଞ୍ଜିଆ ରୁ ଏହି ୨ ଜଣ ମହିଳା ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ ।ଏନେଇ ଠାକୁରମୁଣ୍ଡା ଥାନାରେ କେଶ ନମ୍ବର ୦୩/୨୦୨୫ ଅନୁଯାୟୀ ପୂର୍ବରୁ ଏହି ମାନଙ୍କ ନାମରେ ମାମଲା ରୁଜୁ ହୋଇଥିଲା।

## ପୋଡା ପୌରପାଳିକାରେ ବିଭିନ୍ନ ୱାର୍ଡ ତଦାରଖ କଲେ ସ୍ୱଚ୍ଛ ସହର ଯୋଡ଼ି



ଯୋଡ଼ା,(ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକା ରେ ଆଜି ସକାଳ ୯ ଘଟିକା ସମୟରେ ଗୃହ ଓ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶରେ ବିଏମସି ମେଣ୍ଟର ସିଟି ହିସାବରେ ଯୋଡା ପୌର ପାଳିକାକୁ ମେଣ୍ଟି ସିଟିକୁ ଦୁଇ ଦିନିଆ ସ୍ୱଚ୍ଛ ସହର ଯୋଡ଼ି ପରିଦର୍ଶନ କରିଛନ୍ତି । ପ୍ରଥମେ ଯୋଡ଼ା ପୌର କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମେଣ୍ଟର ସିଟିରୁ ଆସିଥିବା ପରିଦର୍ଶକ ଯୋଡ଼ା ପୌରାଞ୍ଚଳର ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ଯୋଡ଼ା ପୌର ପାଳିକା ଅନ୍ତର୍ଗତ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର୍, ମ୍ୟାଟେରିଆଲ ରିକଭରୀ ଫେସିଲିଟୀରେ କାର୍ଯ୍ୟ କରୁଥିବା ସ୍ୱଚ୍ଛ କର୍ମୀ ମାନଙ୍କ ସହିତ କାର୍ଯ୍ୟର ମାନ ଉପରେ ତଦାରଖ କରିଥିଲେ। ଏହାକୁ ଆହୁରି କିପରି ଗୁଣାତ୍ମକ ଭାବରେ କରାଯିବ ସେନେଇ ନିର୍ଦ୍ଦେଶ ଦେଇଥିଲେ। ତତ୍ପରେ ରାସ୍ତା ସଫା, ୱେଷ୍ଟ କଲେକ୍ସନ କାର୍ଯ୍ୟ ମଧ୍ୟ ତଦାରଖ କରିଥିଲେ। ସ୍ୱଚ୍ଛ ସହର ଯୋଡ଼ି ଭାବେ ଅତି ଭଲ କାର୍ଯ୍ୟ ଦକ୍ଷତାକୁ ନେଇ ଭୁବନେଶ୍ୱର ମୁନିସିପାଲ କର୍ପୋରେସନ ମେଣ୍ଟର ସିଟି ଭାବେ ରହିଥିବା ବେଳେ ଯୋଡ଼ା ପୌର ପାଳିକା ମଣ୍ଟି ସିଟି ଭାବେ ଯୋଡ଼ି ହୋଇଛି । ଏହି ତଦାରଖ ସମୟରେ ବି ଏମ ସି ଆସିଷ୍ଟାଣ୍ଟ କମିଶନର ବାବୁଲା ଦଳେଇ, ସନିଟେସନ ଏକ୍ସପୋର୍ଟ ହୃଦାନନ୍ଦ ପ୍ରଧାନ ଉପସ୍ଥିତ ରହି ସହରାଞ୍ଚଳର ବିଭିନ୍ନ ୱାର୍ଡ ତଦାରଖ କରିଥିଲେ।

## ଜିଲ୍ଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେଲା ଚିନିଶିଳ୍ପ ର ପରିଚାଳନା ପରିଷଦ ବୈଠକ

ଆସିକା(ମହାଭାରତ): ଗଞ୍ଜାମ ଜିଲାପାଳ ଭି କୀର୍ତ୍ତିଭାସନଙ୍କ ଅଧକ୍ଷତାରେ ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆସିକା ଚିନି କାରଖାନା ପରିଚାଳନା ପରିଷଦର ସଭାପତି ରବିନ୍ଦ୍ର ପଣ୍ଡା, ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡାଙ୍କ ସମେତ ସମବାୟ ବିଭାଗ ଉପନିବନ୍ଧକ ନାବାର୍ଡର ଆଞ୍ଚଳିକ ନିର୍ଦ୍ଦେଶକ,ଜିଲ୍ଲା ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀ ପ୍ରମୁଖଙ୍କ ଉପସ୍ଥିତିରେ ଚିନିଶିଳ୍ପର ବିଭିନ୍ନ ସମସ୍ୟା ଓ ଆଖୁଚାଷ ବୃଦ୍ଧି ସମ୍ପର୍କରେ ବିସ୍ତୃତ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆସିକା ସମବାୟ ଚିନିଶିଳ୍ପ ଚଳିତ ଆଖୁପେଡ଼ା ଋତୁରେ ଚାଷୀଙ୍କୁ ଆଖୁ ଟନ ପ୍ରତି ୪ହଜାର ଟଙ୍କା ପ୍ରଦାନ କରିବା ଲାଗି ଦର ନିର୍ଦ୍ଧାରିତ କରାଯାଇଛି। ଆଖୁ ଟନ ପିଛା ୩,୭୦୦ ଟଙ୍କା ଆଖୁ ଦର ରହିଥିଲା ବେଳେ ବୋନସ ବାବଦରେ ୩ଶହ ଟଙ୍କା ଦିଆଯିବା ଲାଗି ନିଷ୍ପତ୍ତି ହୋଇଛି । ଏହାଛଡା ଆଖୁଚାଷର ପରିମାଣ ୬୦ ହଜାର ମେଟ୍ରିକ ଟନରୁ ଅଧିକ ହେଲେ ୨୦୨୬-୨୭ ବର୍ଷରେ ଆଖୁଚାଷୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଆଉ ୫ଶହ ଟଙ୍କା ପ୍ରୋତ୍ସାହନ ଦେବା ଲାଗି ନିଷ୍ପତ୍ତି ହୋଇଛି । ଗତବର୍ଷ ଆଖୁର ଟନ ପ୍ରତି ଦର ୩,୫୦୦ ଟଙ୍କା ରହିଥିଲା ।ଆଖୁଚାଷୀ ସଂଘ ପକ୍ଷରୁ ଚଳିତବର୍ଷ ଆଖୁର ଟନ ପିଛା ୩ହଜାର ୭ଶହ ଟଙ୍କା ଦେବା ଲାଗି ଦାବି ହୋଇଥିଲା। କାରଖାନା ପକ୍ଷରୁ ଦାବିକୁ ସମ୍ମାନ ଜଣାଇ ଦର ବୃଦ୍ଧି କରାଯାଇଛି। ଏହି ଅବସରରେ କାରଖାନାର ଆଖୁଚାଷ ଲାଗି ଜଳସେଚନ ଓ କୃଷି ଶ୍ରମିକଙ୍କ ଅଭାବ ସାଙ୍ଗକୁ ବନ୍ୟଜନ୍ତୁ ଦ୍ୱାରା ଫସଲ ନଷ୍ଟ ଯୋଗୁଁ ଚାଷି ଆଖୁଚାଷ ଲାଗି ମନବଳାଉନଥିବା ଓ କ୍ରମାଗତ ଭାବେ ଗ୍ରାମ ଜିଲ୍ଲାରେ ଆଖୁଚାଷର ମାତ୍ରା କମି ଆସୁଥିବା ଉଲ୍ଲେଖ କରାଯାଇଥିଲା। ତେବେ ଏହି ସମସ୍ୟାର ଦୂରୀକରଣ ଲାଗି କୃଷି ଯନ୍ତ୍ରପାତିର ବ୍ୟବହାର କରିଆ ଖୁର କଟିଂ, ଲୋଡିଂ ଓ ଅନଲୋଡିଂ ଲାଗି ଆବଶ୍ୟକ ଶ୍ରମିକ ଯୋଗାଣ ନିମନ୍ତେ ଟେଣ୍ଡର କରିବା ଲାଗି ନିଷ୍ପି ନିଆଯାଇଥିଲା । ଏହାଛଡା ଜିଲାର ପ୍ରତ୍ୟେକ ବ୍ଲକରେ ଆଖୁର ଅଗ୍ରୋ ସର୍ଭିସ ସେ□ର ସ୍ଥାପନ ପୂର୍ବକ ଆଖୁଚାଷିଙ୍କୁ କୃଷି ଯନ୍ତ୍ରପାତି ଯୋଗାଇବା ଲାଗି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ବନ୍ୟ ଜନ୍ତୁଙ୍କ ଉପଦ୍ରବରୁ ଆଖୁକୁ ସୁରକ୍ଷା ପାଇଁ ଆଖୁଚାଷିଙ୍କ ସୋଲାର ଫେଙ୍ଗି ପ୍ରତିଷ୍ଠା ନିମନ୍ତେ କମ ସୁଧରେ ଓ ସୁଲଭ ମୂଲ୍ୟରେ ଯୋଗାଣ ଲାଗି ଜିଲ୍ଲାପାଳ ନାବାର୍ଡ ଓ ଏଲ.ଡି.ଏମ.କୁ ନିର୍ଦ୍ଦେଶ ଦେଇଥିଲେ।

## ପୁରୀଜିଲ୍ଲା ପେଶାଦାର ସାମ୍ବାଦିକ ସଂଘର କାର୍ଯ୍ୟକର୍ତ୍ତା ବୈଠକ

କାକଟପୁର (ମହାଭାରତ) :ଉତ୍କଳ ସାମ୍ବାଦିକ ସଙ୍ଘ, ଓଡିଶା ସହିତ ଅନୁବନ୍ଧିତ ପୁରୀଜିଲ୍ଲା ପେଶାଦାର ସାମ୍ବାଦିକ ସଙ୍ଘର ଏକ କାର୍ଯ୍ୟକର୍ତ୍ତା ବୈଠକ ସଙ୍ଘର ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ କାକଟପୁର ଚନ୍ଦନ ବଜାର ସ୍ଥିତ ଖୁଣ୍ଟିଆ କନଭେନ୍ସନ ଠାରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ଆୟୋଜିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ସଂଘର ଉପସଭାପତି ସଞ୍ଜୟ ପତି ପରିଚାଳନା କରିଥିବାବେଳେ କାର୍ଯ୍ୟକାରୀ ସଭାପତି କମଳ ଲୋଚନ ଦୀକ୍ଷିତ,ବରିଷ୍ଠ ଉପଦେଷ୍ଟା ପ୍ରସନ୍ନ ତ୍ରିପାଠୀ,ପୂର୍ବତନ ସଭାପତି ତଥା ଉପଦେଷ୍ଟା ବିଶ୍ୱଜିତ ପଟ୍ଟନାୟକ ଯୋଗଦେଇ ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିବା ସହିତ ଜିଲ୍ଲାରେ ବିଭିନ୍ନ ବ୍ଲକରେ କିପରି ଭାବେ ଅଧିକ ରୁ ଅଧିକ ସାମ୍ବାଦିକ



ମାନଙ୍କୁ ସଙ୍ଘ ସହିତ ଯୋଡ଼ି ସଂଘକୁ ସୁଦୃଢ କରିବାପାଇଁ ଉପସ୍ଥିତ ସାମ୍ବାଦିକ ମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକ ଆୟୋଜନରେ କାକଟପୁର ପ୍ରେସ କ୍ଲବର ସମସ୍ତ ସାମ୍ବାଦିକ ସହଯୋଗ କରିଥିବାବେଳେ ଅସ୍ତରଙ୍ଗ, କାକଟପୁର,ନିମାପଡା, ଗୋପ, କୋଣାର୍କ, ପିପିଲି, ଡେଲାଙ୍ଗ, କଣାସ, ସତ୍ୟବାଦୀ ଅ□ଳରୁ ପ୍ରାୟ ୫୦ ଜଣ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ଆଗାମୀ ୨୦୨୬ ମସିହା ଜାନୁଆରୀ ୭ ତାରିଖ ଦିନ ସାତପଡ଼ା ଠାରେ ଜିଲ୍ଲାର କାର୍ଯ୍ୟକାରିଣୀ ବୈଠକ ଆୟୋଜନ କରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତି ନିଆଯାଇଥିଲା । ଏଥି ସହିତ ସଂଘକୁ ୮୦ ବର୍ଷ ପୂର୍ତ୍ତି ଅବସରରେ ହୀରକ ଜୟନ୍ତୀ ଏବଂ ବାର୍ଷିକ ଉତ୍ସବ ପାଳନ କରାଯିବାପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇଦିଆଯିବ ବୋଲି ସଙ୍ଘର ଉପଦେଷ୍ଟା ତଥା ନିମାପଡା ପ୍ରେସ କ୍ଲବର ସଭାପତି ଅକ୍ଷୟ ବେହେରା, କାକଟପୁର ପ୍ରେସ କ୍ଲବର ଉପସଭାପତି ତୁଷାର ରଞ୍ଜନ ଦୀକ୍ଷିତ,ପ୍ରଦୀପ କୁମାର ପଣ୍ଡା,ମହମ୍ମଦ ସମସୁଲ ଆରିଫିନ, ଅସ୍ତରଙ୍ଗ ସାମ୍ବାଦିକ ସଙ୍ଘ ତରଫରୁ, ଉପଦେଷ୍ଟା ନିରଞ୍ଜନ ଦାସ, ଜିଲ୍ଲା ସାଂସ୍କୃତିକ ସମ୍ପାଦକ ଆର୍ଯ୍ୟ ବିଶ୍ୱାଳ,କୋଷାଧକ୍ଷ ସମୀର କର, ମନୋଜ ବିଶ୍ୱାଳ ଉପସ୍ଥିତ ଥିଲେ। ଶେଷରେ ସଂଘର ସାଧାରଣ ସମ୍ପାଦକ ଆଦିତ୍ୟ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ବିକଶିତ ଭାରତ ଯୁବ ନେତୃତ୍ୱ ସଂକଳ୍ପ -୨୦୨୫ ଯୁବୋତ୍ସବ ଉଦଯାପିତ



ଗଜପତି(ମହାଭାରତ): ଜିଲ୍ଲା କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ବିକଶିତ ଭାରତ ଯୁବ ନେତୃତ୍ୱ ସଂକଳ୍ପ -୨୦୨୫ ଦିନ ଧରି ଅନୁଷ୍ଠିତ ଯୁବୋତ୍ସବ ଉଦଯାପିତ ହୋଇଯାଇଛି । ଉକ୍ତ ଉତ୍ସବରେ ସହକାରୀ ଜିଲ୍ଲାପାଳ ତଥା ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ତ୍ରିନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ମୁନିନ୍ଦ୍ର ହନେନାଗା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ଫାଲଗୁନୀ ମାଝୀ,ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଜିଲ୍ଲା ସଂସ୍କୃତି ଅଧିକାରୀ ଗଜପତି ପ୍ରମୁଖ ମଞ୍ଚାଶିନ ଥିଲେ। ଏହି ଉତ୍ସବରେ ଜିଲ୍ଲାର ସମସ୍ତ ଯୁବକ ଯୁବତୀ ୧୫-୨୯ ବର୍ଷ ମଧ୍ୟରେ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ରୁ ବହୁ ସଂଖ୍ୟାରେ ଯୁବକ ଯୁବତୀ ଅଂଶଗ୍ରହଣ କରି ବିକଶିତ ଭାରତ ଗଢ଼ି ତୋଳିବାରେ ଯୁବଶକ୍ତିର ଭୂମିକା, ନେତୃତ୍ୱ ନେଇ ଡିଜିଟାଲ ସକ୍ଷମତା ନେଇ ସଚେତନତା କରାଯାଇଥିଲା। ଉକ୍ତ ଉତ୍ସବରେ ଯୁବକଯୁବତୀ ମାନଙ୍କ ପାଇଁ କାହାଣୀ ଲିଖନ ପ୍ରତିଯୋଗିତା, କବିତା ଲିଖନ ,ବିଜ୍ଞାନ ପ୍ରଦର୍ଶନୀ ମେଳା , ଚିତ୍ର କଳା, ଲୋକ ନୃତ୍ୟ ଓ ଲୋକ ଗୀତ ସଂସ୍କୃତିକ ପ୍ରତିଯୋଗିତା ଇତ୍ୟାଦି ଅନୁଷ୍ଠିତ ହୋଇଥିଲା, ସମସ୍ତ ପ୍ରତିଯୋଗିତାର ବିଜେତାମାନଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନଙ୍କ ଦ୍ୱାରା ପ୍ରମାଣପତ୍ର ଓ ପୁରସ୍କାର ରାଶି ପ୍ରଦାନ କରଯାଇଛି। ଏହି ଯୁବୋତ୍ସବରେ ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ,ଶିକ୍ଷୟତ୍ରୀ ସହଯୋଗ କରିଥିଲେ।

# ୬୨ ବର୍ଷ ବୟସରେ ବିବାହ କଲେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲବାନିଜ

ଅଷ୍ଟ୍ରେଲିଆ : ବାହା ହେଲେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲବାନିଜ। ପଦବୀରେ ଥାଇ ବିବାହ କରିବାରେ ପ୍ରଥମ ଅଷ୍ଟ୍ରେଲୀୟ ପ୍ରଧାନମନ୍ତ୍ରୀ । ଆନ୍ଥୋନୀ ଆଲବାନିଜ ୬୨ ବର୍ଷ ବୟସରେ ବିବାହ କରିଛନ୍ତି । ତାଙ୍କ ଦୀର୍ଘ ଦିନର ବାନ୍ଧବୀ ୪୫ ବର୍ଷିୟା ଜୋଡି ହେଡନ ଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି । କାନବେରାର 'ଦ ଲଜ୍' ଠାରେ ଆୟୋଜିତ ଏକ ଘରୋଇ ଉତ୍ସବରେ ଏହି ବିବାହ ସମ୍ପନ୍ନ ହୋଇଛି । ଅଷ୍ଟ୍ରେଲିଆ ଇତିହାସରେ ଏହା ପ୍ରଥମ ଘଟଣା । ଯେଉଁଠାରେ ଜଣେ ପ୍ରଧାନମନ୍ତ୍ରୀ ନିଜ କାର୍ଯ୍ୟକାଳ ମଧ୍ୟରେ ବିବାହ କରିଛନ୍ତି । ତେବେ



ଏହି ବାହାଘର ଉତ୍ସବରେ ମାତ୍ର ୨୦ରୁ ୩୦ ଜଣ ଘନିଷ୍ଠ ବନ୍ଧୁ ଓ ପରିବାର ସଦସ୍ୟ ଯୋଗ ଦେଇଥିଲେ। ଜୋଡି ହେଡନ୍ ସିଡନୀର ଡିଜାଇନର୍ 'ରୋମାନ୍ସ ୱାଜ୍ ବର୍ନ' ଙ୍କ ଦ୍ୱାରା ପ୍ରସ୍ତୁତ ଧଳା ଗାଉନ୍ ପିନ୍ଧିଥିଲେ। ଆଲବାନିଜ ଏକ ସୁଟ୍ ପିନ୍ଧିଥିଲେ। ପ୍ରଧାନମନ୍ତ୍ରୀଙ୍କ ପୋଷା କୁକୁର 'ଟୋଟୋ' ମୁଦି ବାହକ ସାଜି ସମସ୍ତଙ୍କ ମନ ଜିଣି ନେଇଥିଲା । ସୁରକ୍ଷା କାରଣରୁ ବିବାହ ଯୋଜନାକୁ ଗୋପନ ରଖାଯାଇଥିଲା । କୌଣସି ଅନ୍ତର୍ଜାତୀୟ ଅତିଥିଙ୍କୁ ନିମନ୍ତ୍ରଣ କରାଯାଇ ନଥିଲା । ୨୦୨୦ ମସିହାରେ ଏକ ମେସେଜ୍ ଜରିଆରେ ଉଭୟଙ୍କ ସମ୍ପର୍କ ଆରମ୍ଭ ହୋଇଥିଲା । ୨୦୨୪ 'ଭାଲେଣ୍ଟାଇନ୍ସ ଡେ'ରେ ଆଲବାନିଜ ଜୋଡିଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ । ବିବାହ ପରେ ଆଲବାନିଜ ସୋସିଆଲ ମିଡିଆ 'ଏକ୍ସ' ରେ ଏକ ଫଟୋ ପୋଷ୍ଟ କରି ନିଜର ଖୁସି ବ୍ୟକ୍ତ କରିଛନ୍ତି ।

## ଗୁଳିକାଣ୍ଡ ପରେ କଠୋର ପଦକ୍ଷେପ ନେଲା ଟ୍ରମ୍ପ ପ୍ରଶାସନ, ଆଫଗାନିସ୍ତାନ ନାଗରିକଙ୍କୁ ଆମେରିକା ମନା



ଆମେରିକା : ଆଫଗାନିସ୍ତାନ ନାଗରିକଙ୍କୁ ଆମେରିକା ମନା । ୱାଶିଂଟନ୍ ଡିସି ଗୁଳିକାଣ୍ଡ ପରେ କଠୋର ପଦକ୍ଷେପ ନେଲା ଟ୍ରମ୍ପ ପ୍ରଶାସନ। ଆଫଗାନିସ୍ତାନ ପାସପୋର୍ଟଧାରୀଙ୍କ ଭିସା ବନ୍ଦ କଲା ଆମେରିକା । ଗତ ୨୬ ତାରିଖରେ ହ୍ୱାଇଟ୍ ହାଉସ୍ ନିକଟରେ ଘଟିଥିବା ଗୁଳିକାଣ୍ଡ ଜବାବରେ ଟ୍ରମ୍ପ ପ୍ରଶାସନ ଏହି ପଦକ୍ଷେପ ନେଇଛି । ଆଫଗାନିସ୍ତାନ ପାସପୋର୍ଟ ଥିବା ସମସ୍ତ ଯାତ୍ରୀଙ୍କ ଭିସା ଜାରି ଉପରେ ରୋକ୍ ଲଗାଇଛି । ଜାତୀୟ ନିରାପତ୍ତାକୁ ଦୃଷ୍ଟିରେ ରଖି ବୈଦେଶିକ ବିଭାଗ ଏହି ନିଷ୍ପତ୍ତି ନେଇଛି ।

ୟୁଏସ୍ ସିଟିଜେନସିପ୍ ଆଣ୍ଡ ଇମିଗ୍ରେସନ ସର୍ଭିସେସ୍ (ଟଝଉଓଝ) ଆଫଗାନିସ୍ତାନ ସମ୍ବନ୍ଧୀୟ ସମସ୍ତ ଇମିଗ୍ରେସନ ଅନୁରୋଧର ପ୍ରକ୍ରିୟାକରଣକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖିଛି । ଏହାଦ୍ୱାରା ୨୦୨୧ ପରଠାରୁ ବିଚାରାଧୀନ ଥିବା ୧ ଲକ୍ଷରୁ ଅଧିକ ମାମଲା ପ୍ରଭାବିତ ହେବ । ଆଫଗାନିସ୍ତାନ, ଲିବ୍ୟା, ସୋମାଲିଆ ଭଳି କିଛି ଦେଶରୁ ସ୍ଥାୟୀ ଭାବେ ମାଇଗ୍ରେସନ ବନ୍ଦ କରିବାକୁ ଘୋଷଣା କରିଛନ୍ତି ଟ୍ରମ୍ପ । ୱାସିଂଟନ ଡିସି ଆକ୍ରମଣରେ ୱେଷ୍ଟ ଭର୍ଜିନିଆ ନ୍ୟାସନାଲ ଗାର୍ଡର ଜଣେ ସଦସ୍ୟଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଅଛନ୍ତି । ଆଫଗାନିସ୍ତାନ ନାଗରିକ ରହମାନୁଲ୍ଲା ଲକାନୱାଲ ଏହି ଗୁଳିକାଣ୍ଡ କରିଥିଲା । ଯିଏ ଆଫଗାନିସ୍ତାନରୁ ୨୦୨୧ରେ ଶରଣାର୍ଥୀ ଭାବେ ଆମେରିକା ଆସିଥିଲା । ସେ ପୂର୍ବରୁ ଆଫଗାନିସ୍ତାନ ସେନାରେ ଥିଲା ଏବଂ ଆମେରିକା ସେନା ସହ କାମ କରିଥିଲେ । ତା ବିରୋଧରେ ହତ୍ୟା ମାମଲା ରୁଜୁ କରାଯାଇଛି ।

## ନିର୍ବାଚନ ଭାରତୀୟଙ୍କ ଭୋଟ ମାଧ୍ୟମରେ ହେବ, ବିଦେଶୀଙ୍କ ଦ୍ୱାରା ନୁହେଁ : ନିଶିକାନ୍ତ

ନୂଆଦିଲ୍ଲୀ : ସଂସଦର ଶୀତକାଳୀନ ଅଧିବେଶନ ସୋମବାର (ଡିସେମ୍ବର ୧) ରୁ ଆରମ୍ଭ ହେବାକୁ ଯାଉଛି। ଏହି ଅଧିବେଶନ ସମୟରେ ବିରୋଧୀ ଦଳଗୁଡ଼ିକ ଏସଆଇଆର୍ ଉପରେ ହଙ୍ଗାମା କରିବାର ସମ୍ଭାବନା ରହିଛି । ଏପରି ସମୟରେ ଝାଡ଼ଖଣ୍ଡର ଗୋଡ୍ଡାର ବିଜେପି ସାଂସଦ ନିଶିକାନ୍ତ ଦୁବେ କହିଛନ୍ତି, 'ଆସନ୍ତାକାଲି (ରବିବାର) ସଂସଦର ଶୀତ ଅଧିବେଶନ ପାଇଁ ସର୍ବଦଳୀୟ ବୈଠକ ବସିବ। ଏହା ପରେ ହିଁ ଆମେ କହିପାରିବୁ ଯେ ଏସଆଇଆର୍ ଉପରେ ବିରୋଧୀ ଦଳଗୁଡ଼ିକର ଆଭିମୁଖ୍ୟ କ'ଣ। ତଥାପି, ସୁପ୍ରିମକୋର୍ଟ କହିଛନ୍ତି ଯେ ନିର୍ବାଚନ କମିସନ ଦ୍ୱାରା ପରିଚାଳିତ ଏସଆଇଆର୍ ଏହାର ଅଧିକାର କ୍ଷେତ୍ର ମଧ୍ୟରେ ଅଛି। ବିହାରରେ ଏପରି କୌଣସି ମାମଲା ନାହିଁ ଯେଉଁଠାରେ କାହାର ନାମ ଏସଆଇଆରରୁ ହଟାଇ ଦିଆଯାଇଛି।' ଏହା ସହିତ, ବିଜେପି ସାଂସଦ ନିଶିକାନ୍ତ ଦୁବେ କହିଛନ୍ତି, 'ଦେଶରେ ନିର୍ବାଚନ ବାଂଲାଦେଶୀ କିମ୍ବା ବିଦେଶୀ ଭୋଟ ସହିତ ନୁହେଁ, ଭାରତୀୟ ଭୋଟ ସହିତ କରାଯିବ। ଯେଉଁମାନେ ଭାରତୀୟ ନିର୍ବାଚନକୁ ପ୍ରଭାବିତ କରିବା ପାଇଁ ବିଦେଶୀ ଶକ୍ତି ସହିତ ସହଯୋଗ କରନ୍ତି ସେମାନଙ୍କ ଦ୍ୱାରା ଝଓଜକୁ ବିରୋଧ କରାଯାଉଛି।' ସଂସଦର ଶୀତକାଳୀନ ଅଧିବେଶନ ଡିସେମ୍ବର ୧ ରୁ ଆରମ୍ଭ ହୋଇ ଡିସେମ୍ବର ୧୯ ପର୍ଯ୍ୟନ୍ତ ଚାଲିବ, ଯେଉଁଥିରେ ମୋଟ ୧୫ ଟି ବୈଠକ ଅନୁଷ୍ଠିତ ହେବ। କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଶନିବାର ସୋସିଆଲ ମିଡିଆ ପ୍ଲାଟଫର୍ମ ଢ ରେ ଏହି ଆନୁଷ୍ଠାନିକ ଘୋଷଣା କରିଛନ୍ତି। ଏହି ଅଧିବେଶନ ସମୟରେ କେନ୍ଦ୍ର ସରକାର କେତେକ ଗୁରୁତ୍ୱପୂର୍ଣ୍ଣ ବିଲ ଆଗତ କରିପାରନ୍ତି । ସେପଟେ ବିରୋଧୀ ଦଳ ଏସଆଇଆର ସମେତ ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ ଘେରିବାର ସମ୍ଭାବନା ରହିଛି ।

## ବାପା ଜୀବିତ ଅଛନ୍ତି ବୋଲି ପ୍ରମାଣ ଦିଅନ୍ତୁ ପାକିସ୍ତାନ ସରକାର: ଇମ୍ରାନଙ୍କ ପୁଅ



ପାକିସ୍ତାନ : ବାପା ଜୀବିତ ଅଛନ୍ତି ବୋଲି ପ୍ରମାଣ ଦିଅନ୍ତୁ ପାକିସ୍ତାନ ସରକାର । ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ପୁଅ କାଶିମ ଖାନ୍ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଏପରି ଅପିଲ କରିଛନ୍ତି । ଦୀର୍ଘ ୮୪୫ ଦିନ ହେଲା ଇମ୍ରାନ ଖାନ୍ ଜେଲରେ ବନ୍ଦୀ ଅଛନ୍ତି । ଗତ ୬ ସପ୍ତାହ ଧରି ତାଙ୍କୁ ପରିବାର ଲୋକଙ୍କୁ ଭେଟିବାକୁ ଦିଆଯାଉନାହିଁ । ଜେଲ କର୍ତ୍ତୃପକ୍ଷ ବାରମ୍ବାର ଇମ୍ରାନଙ୍କ ଭଉଣୀମାନଙ୍କ ଆବେଦନକୁ ପ୍ରତ୍ୟାଖ୍ୟାନ କରୁଛନ୍ତି । ଏପରିକି ଇମ୍ରାନଙ୍କ ପୁଅ ମାନଙ୍କୁ ମଧ୍ୟ ଭେଟିବାକୁ ସୁଯୋଗ ମିଳୁନାହିଁ । ଏହା କୌଣସି ସୁରକ୍ଷା ପ୍ରୋଟୋକଲର ଅନ୍ତର୍ଗତ ନୁହେଁ ବୋଲି ଇମ୍ରାନଙ୍କ ପୁଅ କାଶିମ ଦାବି କରିଛନ୍ତି । ତେଣୁ ନୈତିକ, ଆଇନଗତ ଓ ଆନ୍ତର୍ଜାତିକ ଦାୟିତ୍ୱ ନିର୍ବାହ କରି ପାକିସ୍ତାନ ସରକାର ତାଙ୍କ ବାପା ଜୀବିତ ଥିବା ପ୍ରମାଣ ଦିଅନ୍ତୁ ବୋଲି କାଶିମ କହିଛନ୍ତି । ଏହାସହିତ ଆନ୍ତର୍ଜାତିକ ସଂଗଠନ ଓ ମାନବାଧିକାର ସଂଗଠନ ଏବଂ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାରେ ବିଶ୍ୱାସ ରଖୁଥିବା ସଂଗଠନଗୁଡିକ ଇମ୍ରାନଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ପାକିସ୍ତାନ ସରକାରଙ୍କ ନିକଟରେ ଦାବି କରନ୍ତୁ ବୋଲି ଇମ୍ରାନଙ୍କ ପୁଅ ଅପିଲ କରିଛନ୍ତି । ନଭେମ୍ବର ୨୬, ୨୦୨୫ରୁ ସୋସିଆଲ ମିଡିଆରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ମୃତ୍ୟୁକୁ ନେଇ ଜୋରଦାର ଗୁଜବ ସୃଷ୍ଟି ହୋଇଥିଲା । ତେବେ ଏହି ଖବରକୁ ଗୁଜବ କରି ପାକିସ୍ତାନର ଆଦିଆଲା ଜେଲ କର୍ତ୍ତୃପକ୍ଷ ଇମ୍ରାନଙ୍କ ମୃତ୍ୟୁ ଖବର ଖଣ୍ଡନ କରିଥିଲେ । ଇମ୍ରାନ ଖାନ "ସମ୍ପୂର୍ଣ୍ଣ ସୁସ୍ଥ" ଅଛନ୍ତି ଏବଂ ତାଙ୍କୁ ଆବଶ୍ୟକୀୟ ଚିକିତ୍ସା ଯୋଗାଇ ଦିଆଯାଉଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ମଧ୍ୟ ଇମ୍ରାନଙ୍କ ମୃତ୍ୟୁ ଖବରକୁ ଭିତ୍ତିହୀନ ବୋଲି କହିଥିଲେ ।

## ଭାରତକୁ ମାଡ଼ି ଆସୁଛି ଡିଟୱା, ୩ ରାଜ୍ୟରେ କରିବ ବଡ଼ କ୍ଷତି



ଶ୍ରୀଲଙ୍କାକୁ ଶ୍ରୀହୀନ କରି ଭାରତ ମୁହାଁ ହୋଇଛି ବାତ୍ୟା । ତାମିଲନାଡୁ, ପୁଡୁଚେରୀ ଉପକୂଳ ଆଡ଼କୁ ମାଡ଼ି ଆସୁଛି ଡିଟୱା । ଗତ ୬ ଘଣ୍ଟା ଧରି ଘଣ୍ଟା ପ୍ରତି ୭ କିଲୋମିଟର ବେଗରେ ଆଗକୁ ବଢୁଛି । ଆଜି ଦକ୍ଷିଣପଶ୍ଚିମ ବଙ୍ଗୋପସାଗରରେ ଏଣ୍ଟ୍ରି କରିବ । ଆସନ୍ତାକାଲି ଚେନ୍ନାଇ ଏବଂ ପୁଡୁଚେରୀ ମଧ୍ୟରେ ସ୍ଥଳଭାଗ ଛୁଇଁବା ଅନୁମାନ କରାଯାଉଛି । ଭାରତରେ ମଧ୍ୟ ବ୍ୟାପକ କ୍ଷୟକ୍ଷତି କରିବ ଡିଟୱା । ଡିଟୱା ପାଇଁ ହାଇ ଆଲର୍ଟରେ ଦକ୍ଷିଣ ଭାରତ । ୩ ରାଜ୍ୟରେ କରିବ ବଡ଼ କ୍ଷତି । ବାତ୍ୟାର ପ୍ରଭାବ ଆରମ୍ଭ ହୋଇ ସାରିଛି । ଆଜି ଓ ଆସନ୍ତାକାଲି ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି । ଉପକୂଳ ଏବଂ ଆଭ୍ୟନ୍ତରୀଣ ତାମିଲନାଡୁ, ପୁଡୁଚେରୀ ଓ ଦକ୍ଷିଣ ଆନ୍ଧ୍ର ପ୍ରଦେଶରେ ଭୀଷଣ ବର୍ଷା ହେବ । ଲ୍ୟାଣ୍ଡଫଲ ବେଳେ ୭୦ ରୁ ୯୦ କିଲୋମିଟର ବେଗରେ ପବନ ବହିପାରେ । ଆକସ୍ମିକ ବନ୍ୟା ଆସିପାରେ, ଗଛ ଉପୁଡ଼ି ପାରେ । ସମୁଦ୍ର ଭୟଙ୍କର ଭାବେ ଜୁଆରିଆ ହେବ। ମୁକାବିଲା ପାଇଁ ତିନି ରାଜ୍ୟ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ପୋଜିସନ୍ ନେଲେଣି ଏନଡିଆରଏଫ ଟିମ୍। ତେବେ ଓଡ଼ିଶା ଉପରେ ଏହାର ବିଶେଷ ପ୍ରଭାବ ନାହିଁ । କହି ରଖୁଛୁ ଦୁଇ ଦେଶରେ ଧ୍ୱଂସଲୀଳା କରୁଛି ଦୁଇ ବାତ୍ୟା । ଇଣ୍ଡୋନେସିଆକୁ ଛାରଖାର କରି ଦେଲାଣି ସେନୟାର । ଶ୍ରୀଲଙ୍କାକୁ ଶ୍ରୀହୀନ କରିଛି ବାତ୍ୟା ଡିଟୱା । ପ୍ରାୟ ୩୦୦ ଲୋକଙ୍କ ଜୀବନ ଗଲାଣି । ଇଣ୍ଡୋନେସିଆରେ ବନ୍ୟା ଓ ଭୂସ୍ଖଳନ ଜନିତ ମୃତ୍ୟୁ ସଂଖ୍ୟା ପ୍ରାୟ ୨୦୦ ହେଲାଣି ।

ଇଣ୍ଡୋନେସିଆର ସୁମାତ୍ରା ଦ୍ୱୀପରେ 'ବାତ୍ୟା ସେନୟାର'ର ଅଧିକ ପ୍ରଭାବ ପଡ଼ିଛି । ପ୍ରବଳ ବର୍ଷା ଯୋଗୁଁ ଭୟଙ୍କର ବନ୍ୟା ଏବଂ ଭୂସ୍ଖଳନ ଘଟିଛି । ଏବେ ବି ପ୍ରାୟ ୮୦ ଜଣ ନିଖୋଜ ଅଛନ୍ତି । ପୋଲ ଭାଙ୍ଗିବା ସହ ବହୁ ସ୍ଥାନରେ ରାସ୍ତା ଧୋଇଯାଇଛି । କେବଳ ଉତ୍ତର ସୁମାତ୍ରାରେ ଶତାଧିକ ମୃତ୍ୟୁ ହୋଇଛି । ସେପଟେ ଶ୍ରୀଲଙ୍କାରେ ବାତ୍ୟା ଡିଟୱା ପ୍ରଭାବରେ ୮୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହେଲାଣି । ଆହୁରି ଅନେକ ଲୋକ ନିଖୋଜ ଅଛନ୍ତି । ନିଖୋଜ ସଂଖ୍ୟା ୩୦ରୁ ଅଧିକ ବୋଲି ସୂଚନା ମିଳିଛି । ଶ୍ରୀଲଙ୍କାରେ ବ୍ୟାପକ ଧ୍ୱଂସଲୀଳା କରିଛି ବାତ୍ୟା ଡିଟୱା । ବୁଡ଼ିଛି ରାସ୍ତା, ଭାଙ୍ଗିଛି ପୋଲ । ଗୋଟିଏ ଦିନରେ ୫୦୦ ମିଲିମିଟରରୁ ଅଧିକ ବର୍ଷା ହୋଇଛି । ବିଶେଷ କରି କେନ୍ଦ୍ରୀୟ ଶ୍ରୀଲଙ୍କା ଅଧିକ ପ୍ରଭାବିତ ହୋଇଛି । ପାହାଡ଼ିଆ ଅଞ୍ଚଳରେ ଭୟଙ୍କର ଭୂସ୍ଖଳନ ହୋଇଛି । ଏବେ ବାତ୍ୟା ଡିଟୱା ଭାରତ ମୁହାଁ ହେଉଥିବାରୁ ଚିନ୍ତାରେ ଉପକୂଳ ବାସିନ୍ଦା ।

## ଶ୍ରୀଲଙ୍କାକୁ ଶ୍ରୀହୀନ କରିଛି ବାତ୍ୟା ଡିଟୱା, ଗଲାଣି ୩୦୦ ଲୋକଙ୍କ ଜୀବନ

ଶ୍ରୀଲଙ୍କା : ଦୁଇ ଦେଶରେ ଧ୍ୱଂସଲୀଳା କରୁଛି ଦୁଇ ବାତ୍ୟା । ଇଣ୍ଡୋନେସିଆକୁ ଛାରଖାର କରି ଦେଲାଣି ସେନୟାର । ଶ୍ରୀଲଙ୍କାକୁ ଶ୍ରୀହୀନ କରିଛି ବାତ୍ୟା ଡିଟୱା । ପ୍ରାୟ ୩୦୦ ଲୋକଙ୍କ ଜୀବନ ଗଲାଣି । ଇଣ୍ଡୋନେସିଆରେ ବନ୍ୟା ଓ ଭୂସ୍ଖଳନ ଜନିତ ମୃତ୍ୟୁ ସଂଖ୍ୟା ପ୍ରାୟ ୨୦୦ ହେଲାଣି । ଇଣ୍ଡୋନେସିଆର ସୁମାତ୍ରା ଦ୍ୱୀପରେ 'ବାତ୍ୟା ସେନୟାର'ର ଅଧିକ ପ୍ରଭାବ ପଡ଼ିଛି । ପ୍ରବଳ ବର୍ଷା ଯୋଗୁଁ ଭୟଙ୍କର ବନ୍ୟା ଏବଂ ଭୂସ୍ଖଳନ ଘଟିଛି । ଏବେ ବି ପ୍ରାୟ ୮୦ ଜଣ ନିଖୋଜ ଅଛନ୍ତି । ପୋଲ ଭାଙ୍ଗିବା ସହ ବହୁ ସ୍ଥାନରେ ରାସ୍ତା ଧୋଇଯାଇଛି । କେବଳ ଉତ୍ତର ସୁମାତ୍ରାରେ ଶତାଧିକ ମୃତ୍ୟୁ ହୋଇଛି ।



ସେପଟେ ଶ୍ରୀଲଙ୍କାରେ ବାତ୍ୟା ଡିଟୱା ପ୍ରଭାବରେ ୮୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହେଲାଣି । ଆହୁରି ଅନେକ ଲୋକ ନିଖୋଜ ଅଛନ୍ତି । ନିଖୋଜ ସଂଖ୍ୟା ୩୦ରୁ ଅଧିକ ବୋଲି ସୂଚନା ମିଳିଛି । ଶ୍ରୀଲଙ୍କାରେ ବ୍ୟାପକ ଧ୍ୱଂସଲୀଳା କରିଛି ବାତ୍ୟା ଡିଟୱା । ବୁଡ଼ିଛି ରାସ୍ତା, ଭାଙ୍ଗିଛି ପୋଲ । ଗୋଟିଏ ଦିନରେ ୫୦୦ ମିଲିମିଟରରୁ ଅଧିକ ବର୍ଷା ହୋଇଛି । ବିଶେଷ କରି କେନ୍ଦ୍ରୀୟ ଶ୍ରୀଲଙ୍କା ଅଧିକ ପ୍ରଭାବିତ ହୋଇଛି । ପାହାଡ଼ିଆ ଅଞ୍ଚଳରେ ଭୟଙ୍କର ଭୂସ୍ଖଳନ ହୋଇଛି ।

## ସଫ୍ଟୱେରରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ୨୦୦ବିମାନ ପ୍ରଭାବିତ

ନୂଆଦିଲ୍ଲୀ: ଏ୩୨୦ ଜେଟ୍ ଫ୍ୟାମିଲି ବିମାନରେ ସଫ୍ଟୱେରରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଭାରତରେ ୨୦୦ ରୁ ଅଧିକ ବିମାନର ଚଳାଚଳ ପ୍ରଭାବିତ ହେବାର ଆଶଙ୍କା ଉପୁଜିଛି। ଏନେଇ ଇଣ୍ଡିଗୋ ଓ ଏୟାର ଇଣ୍ଡିଆ ପକ୍ଷରୁ ଚେତାବନୀ ଦିଆଯାଇଛି। ତୀବ୍ର ସୌର ବିକିରଣ ଏ୩୨୦-ପରିବାର ଜେଟ୍‌ରେ ଫ୍ଲାଇଟ୍-କଣ୍ଟ୍ରୋଲ୍ ସିଷ୍ଟମ୍ ଦ୍ୱାରା ବ୍ୟବହୃତ ତଥ୍ୟକୁ ନଷ୍ଟ କରିପାରେ ବୋଲି ଇଣ୍ଡିଗୋ, ଏୟାର ଇଣ୍ଡିଆ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ପକ୍ଷରୁ କୁହାଯାଇଛି। ସୂତ୍ର ଅନୁଯାୟୀ, ଭାରତରେ ୨୦୦ ରୁ ୨୫୦ବିମାନ ପାଇଁ ତୁରନ୍ତ ସଫ୍ଟୱେର୍ ଅପଡେଟ୍ କିମ୍ବା ହାର୍ଡୱେର୍ ପୁନଃସଂରକ୍ଷଣ ଆବଶ୍ୟକ, ଯାହା ଫଳରେ ଇଞ୍ଜିନିୟରମାନେ ମରାମତି କରିବା ସମୟରେ ବିମାନଗୁଡ଼ିକୁ ଗ୍ରାଉଣ୍ଡ କରିବାକୁ ବାଧ୍ୟ କରୁଛନ୍ତି। ଏହି ଚେତାବନୀ ବିଦେଶରେ ଏକ ସମ୍ପ୍ରତି ଏ୩୨୦ ଘଟଣାର ଏୟାରବସ୍ ବିଶ୍ଳେଷଣରୁ ଆସିଛି, ଯେଉଁଠାରେ ଏକ ଏଲିଭେଟର ଏଲେରନ୍ କମ୍ପ୍ୟୁଟର ରେ ଏକ ସନ୍ଦେହଜନକ ତ୍ରୁଟି ଯୋଗୁଁ ବିମାନଟି କିଛି ସମୟ ପାଇଁ ତଳକୁ ଖସି ପଡ଼ିଥିଲା।

## ଗାଡ଼ିରେ ଆଣିଛି ମା ଓ ପ୍ରେମିକର ମୃତଦେହ ଧରି ଥାନାରେ ଅଭିଯୁକ୍ତ

ସିରସା: ମହିଳା ଓ ତାଙ୍କ ତଥାକଥିତ ପ୍ରେମିକଙ୍କୁ ହତ୍ୟା କଲା ପୁଅ, ଶେଷରେ ନିଜ ଗାଡ଼ିରେ ମୃତଦେହ ନେଇ ଥାନାରେ ଆତ୍ମସମର୍ପଣ କଲା । ହରିୟାଣାର ହିସାରରେ ଏଭଳି ଏକ ଚାଂଚଲ୍ୟକର ଘଟଣା ସାମ୍ନାକୁ ଆସିଛି । ମିଳିଥିବା ସୂଚନା ମୁତାବକ ଗୁରୁବାର ବିଳମ୍ବିତ ରାତିରେ, ଥେହାଡ ସିକନ୍ଦରପୁର ଗାଁରେ, ଜଣେ ଯୁବକ ତାଙ୍କ ମାଆ ଏବଂ ତାଙ୍କ ପ୍ରେମିକଙ୍କୁ ଗଳାଚିପି ହତ୍ୟା କରିଥିଲେ। ହତ୍ୟା ପରେ, ଯୁବକ ଜଣକ ଶୁକ୍ରବାର ସକାଳେ ଏକ ପିକଅପ୍ ଟ୍ରକରେ



ମୃତଦେହଗୁଡ଼ିକୁ ସଦର ପୋଲିସ ଷ୍ଟେସନକୁ ଆଣି ପୋଲିସ ନିକଟରେ ଆତ୍ମସମର୍ପଣ କରିଥିଲେ ଏବଂ ଅପରାଧ ସ୍ୱୀକାର କରିଥିଲେ। ମୃତକଙ୍କ ନାମ ସିକନ୍ଦରପୁର ଥେହାଡ ନିବାସୀ ୫୦ ବର୍ଷୀୟା ଅଙ୍ଗୁରୀ ଦେବୀ ଏବଂ ୫୨ ବର୍ଷୀୟ ଲେଖଚାନ୍ଦ ବୋଲି ଚିହ୍ନଟ କରାଯାଇଛି। ପୋଲିସ ଅନୁଯାୟୀ, ହତ୍ୟାର ମୁଖ୍ୟ କାରଣ ହେଉଛି ମାଆଙ୍କ ଅବୈଧ ସମ୍ପର୍କ। ଗୁରୁବାର ରାତିରେ, ତାଙ୍କ ସ୍ୱାମୀ ଚାଲିଯିବା ପରେ ଅଙ୍ଗୁରୀ ଦେବୀ ତାଙ୍କ ପ୍ରେମିକ ଲେଖଚାନ୍ଦଙ୍କୁ ଘରକୁ ଡାକିଥିଲେ। ଯେତେବେଳେ ତାଙ୍କ ପୁଅ ରାଜକୁମାର ଏହା ଜାଣିବାକୁ ପାଇଲେ, ସେ ସେମାନଙ୍କୁ ଏକାଠି କୋଠରୀରେ ଦେଖି ନିଜ ଉପରୁ ଭାରସାମ୍ୟ ହରାଇ ବସିଥିଲେ । ସେ ମା ଓ ତାଙ୍କ ପ୍ରେମିକଙ୍କୁ ହତ୍ୟା କରିଥିଲେ । ଏହାପରେ ଶୁକ୍ରବାର ସକାଳେ ପ୍ରାୟ ୯:୩୦ ସମୟରେ, ରାଜକୁମାର ନିଜ ପିକଅପ୍ ଗାଡ଼ିରେ ମୃତଦେହଗୁଡ଼ିକୁ ଥାନାକୁ ଆଣିଥିଲେ। ରାଜକୁମାର ପୋଲିସକୁ କହିଛନ୍ତି ଯେ ଗାଁରେ ଚାଲିଥିବା ଗପସପ, ସାମାଜିକ ଅପମାନ ତାଙ୍କ ମାନସିକ ଅବସ୍ଥାକୁ ପ୍ରଭାବିତ କରିଥିଲା। ଗୁରୁବାର ରାତିରେ ସେମାନଙ୍କୁ ଏକାଠି ଦେଖି ସେ କ୍ରୋଧର ବଶବର୍ତ୍ତୀ ହୋଇ ଅପରାଧ କରିଥିଲେ। ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିବାବେଳେ ଅଧିକ ତଦନ୍ତ ଜାରି ରଖିଛି ।

# ଆଜିଠୁ ଦିନିକିଆ ସିରିଜ୍ : ବଦ୍‌ଲା ଲକ୍ଷ୍ୟରେ ଭାରତ





ରାଂଚୀ: ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦିନିକିଆ କ୍ରିକେଟ ସିରିଜ ଆସନ୍ତାକାଲିଠୁ ଆରମ୍ଭ ହେବ। ଟେଷ୍ଟ ସିରିଜରେ ଶୋଚନୀୟ ଭାବେ ପରାଜୟବରଣ କରିବା ପରେ ଭାରତ ଦିନିକିଆ। ସିରିଜ ଜିତିବା ଲକ୍ଷ୍ୟରେ ରହିଛି। ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଉପସ୍ଥିତି ଦଳକୁ ମଜଭୁତ କରିଛି। ଶୁଭମନ ଗିଲ ଖେଳୁ ନ ଥିବାରୁ କେଏଲ ରାହୁଲଙ୍କୁ ଅଧିନାୟକ ଦାୟିତ୍ୱ ପ୍ରଦାନ କରାଯାଇଛି। ରାହୁଲ ପ୍ରଥମ ଦିନିକିଆରେ ଚୂଡାନ୍ତ ଏକାଦଶ କିପରି ରହିବ ସେ ନେଇ ସାମାନ୍ୟ ସୂଚନା ଦେଇଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ, ସମ୍ପୂର୍ଣ୍ଣ ସିରିଜରେ ସେ ମିଡିଲ ଅର୍ଡରରେ ବ୍ୟାଟିଂ ନ କରି ଷଷ୍ଠ ସ୍ଥାନରେ ଖେଳିବେ।

ପନ୍ତ ବ୍ୟାଟ୍ସମ୍ୟାନ ଭାବେ ଦଳରେ ସ୍ଥାନ ପାଇପାରିବେ। ମାତ୍ର ଏହି ସିରିଜରେ ସେ ଚୂଡାନ୍ତ ଏକାଦଶରେ ସ୍ଥାନ ପାଇବା ମାନେ ଉଇକେଟକିପର ଦାୟିତ୍ୱ ତୁଲାଇବେ। ରିତୁରାଜ ଗାଏକ୍‌ୱାଡ ଚୂଡାନ୍ତ ଏକାଦଶରେ ସ୍ଥାନ ପାଇବେ କି ନାହିଁ ତାହା କିନ୍ତୁ ରାହୁଲ ସ୍ପଷ୍ଟ କରି ନ ଥିଲେ। ଅବଶ୍ୟ ସେ କହିଥିଲେ ଏହି ସିରିଜରେ ସେ ନିଶ୍ଚିତ ଭାବେ ଖେଳିବା ପାଇଁ ସୁଯୋଗ ପାଇବେ। ସେ ଯେବେ ବି ସୁଯୋଗ ପାଇଛନ୍ତି ଭଲ ପ୍ରଦର୍ଶନ କରିଛନ୍ତି। ଏଥର ମଧ୍ୟ ଆମେ ଏହା ଆଶା କରୁଛୁ ବୋଲି ରାହୁଲ କହିଛନ୍ତି।ଅନ୍ୟ ଏକ ରିପୋର୍ଟ ଅନୁସାରେ ଭାରତର ଚୂଡାନ୍ତ ଏକାଦଶ ପ୍ରାୟତଃ ସ୍ଥିର ହୋଇ ସାରିଛି। ଗୋଟିଏ କିମ୍ବା ଦୁଇଟି ସ୍ଥାନ ନେଇ ଦ୍ୱନ୍ଦ୍ୱ ରହିଛି। ରୋହିତ ଶର୍ମା ଓ ଯଶସ୍ୱୀ ଜୈସାଲ ଓପନିଂ କରିବେ। ବିରାଟ କୋହଲି, ରିଷଭ ପନ୍ତ ଓ ରବୀନ୍ଦ୍ର ଜାଡେଜା ମିଡିଲ ଅର୍ଡର ଦାୟିତ୍ୱ ତୁଲାଇବେ। କେଏଲ ରାହୁଲ, ୱାଶିଂଟନ ସୁନ୍ଦର ଷଷ୍ଠ ଏବଂ ସପ୍ତମ ସ୍ଥାନରେ ଖେଳିବେ। କୁଲଦୀପ ଯାଦବ, ହର୍ଷିତ ରାଣା, ଅର୍ଶଦୀପ ସିଂ ଓ ପ୍ରସିଦ୍ଧ କ୍ରିଷ୍ଣା ବୋଲିଂ ବିଭାଗ ସମ୍ଭାଳିବେ। ପନ୍ତ ଏବଂ ଗାଏକ୍‌ୱାଡଙ୍କୁ ନେଇ ସାମାନ୍ୟ ଦ୍ୱନ୍ଦ୍ୱ ରହିଛି।

# ବଡ ବିଜୟରୁ ବିଶ୍ୱକପ୍ ଅଭିଯାନ

## ରୋଶନ, ଅନ୍‌ମୋଲ୍ ଦେଲେ ୩ ଗୋଲ୍



ଚେନ୍ନାଇ: ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା କନିଷ୍ଠ ହକି ବିଶ୍ୱକପ୍‌ରେ ଆୟୋଜକ ଭାରତ ବୃହତ୍ ବିଜୟରୁ ଅଭିଯାନ ଆରମ୍ଭ କରିଛି। ପ୍ରଥମ ମ୍ୟାଚ୍‌ରେ ଚିଲିକୁ ଏକତରଫା ଭାବେ ୭-୦ ଗୋଲ୍‌ରେ ହରାଇ ଦେଇଛି। ଭାରତୀୟ ଦଳର ଏହି ଗୋଲ୍ ବର୍ଷାରେ ଓଡିଆ ତାରକା ରୋଶନ ମିଞ୍ଜ୍ (୧୬, ୨୧ ମିନିଟ୍) ଓ ଅନମୋଲ୍ ଏକ୍କା (୪୮ ମିନିଟ୍) ତିନିଟି ଗୋଲ୍ ଦେଇ ପ୍ରମୁଖ ଭୂମିକା ତୁଲାଇଛନ୍ତି। ପୁଣି ଅଲିମ୍ପିଆନ୍ ତଥା ପୂର୍ବତନ ଭାରତୀୟ ରକ୍ଷଣଭାଗ ଖେଳାଳି ବୀରେନ୍ଦ୍ର ଲାକ୍ରାଙ୍କ ପ୍ରଶିକ୍ଷଣରେ ଭାରତ ଜିତିବା ଉଲ୍ଲେଖନୀୟ ରହିଛି। ଭାରତ ପାଇଁ ଅନ୍ୟ ତିନିଟି ଗୋଲ୍ ଦିଲ୍‌ରାଜ ସିଂହ (୨୫, ୩୪ ମିନିଟ୍), ଅଜିତ ଯାଦବ (୩୫ ମିନିଟ୍) ଏବଂ ଅଧିନାୟକ ରୋହିତ (୬୦) ଦେଇଛନ୍ତି। ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପୂରା ନିୟନ୍ତ୍ରଣରେ ରଖିଥିବା ଭାରତ ଏହି ମ୍ୟାଚ୍‌ରେ ପ୍ରଥମାର୍ଦ୍ଧ ସୁଦ୍ଧା ୩-୦ରେ ଆଗୁଆ ଥିଲା। ଦ୍ୱିତୀୟାର୍ଦ୍ଧରେ ଆଉ ୪ଟି ଗୋଲ୍ ଦେଇ ସହଜ ବିଜୟରେ ମୁଣ୍ଡି ମାରିଥିଲା। ଭାରତ ପରବର୍ତ୍ତୀ ମ୍ୟାଚ୍‌ରେ ଶନିବାର ଓମାନକୁ ଭେଟିବ। ଶୁକ୍ରବାର ଖେଳାଯାଇଥିବା ଅନ୍ୟ ମ୍ୟାଚ୍‌ଗୁଡିକ ମଧ୍ୟରୁ ଉଦ୍‌ଘାଟନୀ ମୁକାବିଲାକୁ ୭ ଥର ବିଜେତା ଜର୍ମାନୀ ୪-୦ରେ ଦକ୍ଷିଣ ଆଫ୍ରିକାକୁ ହରାଇଥିଲା। ପରବର୍ତ୍ତୀ ଦୁଇ ମ୍ୟାଚ୍‌ରେ ସ୍ପେନ୍ ୮-୦ରେ ଇଜିପ୍ଟକୁ ଏବଂ ସ୍ୱିଜରଲାଣ୍ଡ୍ ୪-୦ରେ ଓମାନକୁ ଧରାଶାୟୀ କରିଥିଲା।

## କୁମାରବସ୍ତ ଲୋକନାଥଦେବ କ୍ରିକେଟ

# ଆଇଆରବି ଓ ଯାଆଁଳା ଚମ୍ପିୟାନ




ଖୋର୍ଦ୍ଧା, ୨୯।୧୧: ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳପଡିଆଠାରେ ରାଇଜିଙ୍ଗଷ୍ଟାର କ୍ରିକେଟ କ୍ଲବ, କୁମାରବସ୍ତ ଆନୁକୂଲ୍ୟରେ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ର ପ୍ରଥମ ମ୍ୟାଚରେ ଆଇଆର ବି ଦଳ ପଳାଶ ପୁର ଦଳକୁ ୫ ୱିକେଟରେ ପରାସ୍ତ କରିଛି। ପଳାଶ ପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର ରେ ୬ ୱିକେଟ ହରାଇ ୧୩୭ ରନ୍ ସଂଗ୍ରହ କରିଥିଲାଜବାବ ଆଇଆରବି ଦଳ ୧୪ ଓଭର ରେ ଆବଶ୍ୟକ ୧୩୮ ରନ୍ ସଂଗ୍ରହ କରି ବିଜୟୀ ହୋଇ ଚମ୍ପିୟାନ ଆଖ୍ୟା ଅର୍ଜନ କରିଥିଲା। ଦଳ ପକ୍ଷରୁ ହେମନ୍ତ ପ୍ରଧାନ ଧୂଆଁଧାର ୩୧ ରନ ସଂଗ୍ରହ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ଦ୍ୱିତୀୟ ମ୍ୟାଚ (ମିନି ନନ୍ ଆଧାର) ଟସ୍ ରେ ବିଜୟ ଲାଭ କରି ଯାଆଁଳା ଦଳ ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଯାଆଁଳା ଦଳ ନିର୍ଦ୍ଧାରିତ ୨୦ ଓଭରରୁ ୮ ୱିକେଟ ହରାଇ ୧୬୨ ରନ ସଂଗ୍ରହ କରିଥିଲେଦଳ ପକ୍ଷରୁ ସତ୍ୟସୁନ୍ଦର ପଟ୍ଟନାୟକ ୩୯ ରନ୍ ସଂଗ୍ରହ କରିଥିଲେ। ଜବାବରେ ମୁକୁନ୍ଦ ପ୍ରସାଦ ଦଳ ନିର୍ଦ୍ଧାରିତ ୧୫ ଓଭର ରୁ ୧୦ ୱିକେଟ ହରାଇ ୧୧୪ ରନ୍ ସଂଗ୍ରହ କରି ଅଲ୍ ଆଉଟ୍ ହୋଇଯାଇଥିଲା ଯାଆଁଳା ଦଳ ଏହି ମ୍ୟାଚ୍ କୁ ୪୮ ରନ୍ ରେ ଜିତି ନେଇ ଚମ୍ପିୟାନ ହେଇଥିଲା (ଆଧାର)ରେ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ଭାବେ ସୁଶିଲ ପ୍ରଧାନ, ଶ୍ରେଷ୍ଠ ବୋଲର ବସନ୍ତ ସାହୁ ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ସୁଶିଲ ପ୍ରଦାନ ପୁରସ୍କୃତ ହୋଇଥିଲେ। ସେହିପରି( ମିନି ନନ ଆଧାର) ରେ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ଭାବେ ସୌମ୍ୟ ରଞ୍ଜନ ଜେନା, ଶ୍ରେଷ୍ଠ ବୋଲର ପଙ୍କଜ ନାୟକ ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ସନ୍ତୋଷ ସ୍ୱାଇଁ ପୁରସ୍କୃତ ହୋଇଥିଲେ। ଆଜିର ସଭା ରେ ମୁଖ୍ୟ ଅତିଥି ଭାବରେ ଜଟଣୀ ନିର୍ବାଚନମଣ୍ଡଳୀ ର ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ଯୋଗ ଦେଇଥିଲେ।

ସମ୍ମାନିତ ଅତିଥି ଭାବରେ ଖୋର୍ଦ୍ଧା ଜିଲ୍ଲା ସଭାପତି (ବିଜେପି) ବିଶ୍ୱରଞ୍ଜନ ବଡ଼ଜେନା,ଟାଙ୍ଗିଆ। ପଡ଼ା ଗ୍ରାମ ପଞ୍ଚାୟତ ର ସରପଞ୍ଚ ସ୍ୱର୍ଣ୍ଣପ୍ରଭା ସେଠୀ, ରାଇସିଂ ଷ୍ଟାର କ୍ଲବ ର ସଭାପତି ସଞ୍ଜୟ ପାଇକରାୟ,ମଣ୍ଡଳ ସଭାପତି ଉତ୍ତର ଖୋର୍ଦ୍ଧା ସଂଗ୍ରାମ କେଶରୀ ସାମନ୍ତସିଂହାର,ସମାଜସେବୀ ରାମ ଚନ୍ଦ୍ର ସାମନ୍ତରାୟ ଯୋଗ ଦେଇ ସମସ୍ତ ଦଳ ଓ ଖେଳାଳି ମାନଙ୍କୁ ପୁରସ୍କୃତ କରିଥିଲେ। ଆଜିର ଖେଳକୁ ପରିଚାଳନା କରୁଥିଲେ ସାନୁଜ ବିଶ୍ୱାଳ, ତୁଷାର କାନ୍ତ ସୁନ୍ଦରାୟ ଓ ସୋଭକର ପାତ୍ର ସ୍କୋରର ଦାୟିତ୍ୱରେ ପ୍ରକାଶ ସାହୁ,ଅଭିଜିତ ସାମନ୍ତରାୟ ଓ ସୂର୍ଯ୍ୟ ପ୍ରତାପ ଗଜେନ୍ଦ୍ର ଓ ତାରାପ୍ରସାଦ ରାଉତରାୟ ରହିଥିଲେ ଭାଷ୍ୟକାର ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ପ୍ରଶାନ୍ତ ନାଟୁଆ, ପାର୍ଥ ସାରଥୀ ରାଉତରାୟ ଓ ଅମୀୟ ପ୍ରଧାନ କାର୍ଯ୍ୟ କରିଥିଲେ କାଜଲ ବଳିୟାର ସିଂ ମ୍ୟାଚ ରେଫରୀ ଦାୟିତ୍ୱ ତୁଲାଇଥିଲେ ୩୦/୧୧/୨୫ ରବିବାର ଫାଇନାଲ ମ୍ୟାଚ୍ (ନନ୍ ଆଧାର) ମଞ୍ଚେଶ୍ୱର୍ ବନାମ ମେଷ୍ଟାଶାଳ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ଦୁର୍ଯ୍ୟୋଧନ ପରିଡା ଜଣାଇଛନ୍ତି।

# ବାରବାଟୀ ଷ୍ଟାଡ଼ିୟମ ଅନୁଧ୍ୟାନ କଲେ ଆଇଆଇଟି ପ୍ରତିନିଧି



କଟକ: ବାରବାଟୀ ଷ୍ଟାଡ଼ିୟମରେ ଆସନ୍ତା ଡିସେମ୍ବର ୯ରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଟ୍ୱେଣ୍ଟି୨୦ ଶୃଙ୍ଖଳାର ପ୍ରଥମ ମ୍ୟାଚ ଖେଳାଯିବ। ଉକ୍ତ ଅନ୍ତର୍ଜାତୀୟ ମ୍ୟାଚ ପୂର୍ବରୁ ବାରବାଟୀ ଷ୍ଟାଡ଼ିୟମର ନବୀକରଣ କାର୍ଯ୍ୟ ଓ ପ୍ରସ୍ତୁତି ସ୍ଥିତିକୁ ଦ୍ୱିତୀୟ ଥର ଅନୁଧ୍ୟାନ କରିଛନ୍ତି ଆଇଆଇଟି ଭୁବନେଶ୍ୱରର ପ୍ରତିନିଧି ଦଳ। ୮ ଜଣିଆ ପ୍ରତିନିଧି ଦଳ ମ୍ୟାଚ ଲାଗି ଷ୍ଟାଡ଼ିୟମରେ ଚାଲିଥିବା ପ୍ରସ୍ତୁତି କାର୍ଯ୍ୟକୁ ତଦାରଖ କରିଥିଲେ ପ୍ରତିନିଧି ଦଳ। ଷ୍ଟାଡ଼ିୟମ ଗ୍ୟାଲେରୀଠାରୁ ଆରମ୍ଭ କରି କର୍ପୋରେଟ ବକ୍ସ, ଏସି ବକ୍ସ, ସ୍ପେଶାଲ ଏନକ୍ଲୋଜରର ପ୍ରସ୍ତୁତି ତଦାରଖ କରିଥିଲେ ଆଇଆଇଟି ପ୍ରତିନିଧି ଦଳ। ଅନୁଧ୍ୟାନ ରିପୋର୍ଟ ଆସନ୍ତା ଡିସେମ୍ବର ୬ରେ ଓଡ଼ିଶା ସରକାର ଓ କମିଶନରେଟ ପୁଲିସକୁ ପ୍ରଦାନ କରିବେ। ଗତ ୨୧ରେ ମଧ୍ୟ ଆଇଆଇଟି ପ୍ରତିନିଧି ଦଳ ବାରବାଟୀ ଷ୍ଟାଡ଼ିୟମ ଅନୁଧ୍ୟାନ କରିଥିଲେ।

ସେହିପରି ମ୍ୟାଚକୁ ସୁପରିଚାଳନା ନେଇ ଓସିଏ ପକ୍ଷରୁ ଶୁକ୍ରବାର ବିଭିନ୍ନ ସବ୍ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ମ୍ୟାଚର ସଫଳ ଆୟୋଜନ ପାଇଁ ଆମେ ସମସ୍ତ ପ୍ରକାର ପ୍ରସ୍ତୁତି ଚାଲିଛି। ଦର୍ଶକମାନଙ୍କ ଲାଗି ଶୃଙ୍ଖଳିତ ଟିକଟ ବିକ୍ରି ସହ ଫ୍ଲଡ ଲାଇଟ ତ୍ରୁଟିଶୂନ୍ୟ ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଛି। ଭାରତ ଓ ଦକ୍ଷିଣ ଆଫ୍ରିକା ମ୍ୟାଚରେ ନୂଆ ନିୟମ ଅନୁଯାୟୀ ଗ୍ୟାଲେରୀରେ ପାଖାପାଖି ୩୦୦୦ ସିଟ୍ ହ୍ରାସ ପାଇବ। ଦର୍ଶକ ମାନଙ୍କ ସୁରକ୍ଷା ଲାଗି ପୁଲିସ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ମ୍ୟାଚ ଲାଗି ଟିକଟ ଦର ୩୦ରେ ଧାର୍ଯ୍ୟ ହେବ ବୋଲି ଓସିଏ ସମ୍ପାଦକ ସଞ୍ଜୟ ବେହେରା ସୂଚନା ଦେଇଛନ୍ତି। ବୈଠକରେ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି,ଉପ ସଭାପତି ଜଗମୋହନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନସିଲ ସଦସ୍ୟ ତଥା ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ମୁଖ୍ୟ କାର୍ଯ୍ୟନିର୍ବାହୀ ସୁବ୍ରତ ବେହେରା, ପୂର୍ବତନଓସିଏସମ୍ପାଦକ ଆଶୀର୍ବାଦ ବେହେରା, ଓଡ଼ିଶା ଅଲିମ୍ପିକ୍ସ ଆସୋସିଏସନ ସମ୍ପାଦକ ଅଜିତ ପାଲ,ପୂର୍ବତନଅର୍ନ୍ତଜାତୀୟ କ୍ରିକେଟର ସଞ୍ଜୟ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

### ଏଥର ୩୦୦୦ ସିଟ୍ ହ୍ରାସ

## ଆନ୍ତଃକଲେଜ କ୍ରିକେଟ ଓ ଫୁଟବଲ

# ଏମପିସି ସ୍ୱୟଂଶାସିତ କଲେଜ ଚାମ୍ପିଅନ

**ବାରିପଦା, ୨୯।୧୧:** ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଅଧିନସ୍ଥ କଲେଜ ସମୂହକୁ ନେଇ ଚାଲିଥିବା ଆନ୍ତକଲେଜ କ୍ରିକେଟ ଓ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଏମପିସି ସ୍ୱୟଂ ଶାସିତ କଲେଜ ଚାମ୍ପିଅନ ହୋଇଛି। କ୍ରିକେଟରେ ଏମ.ସି ଏ.ଏମ. ବାରିପଦାକୁ ହରାଇ ଏମପିସି କଲେଜ ଚାମ୍ପିଅନ ହୋଇଥିଲା ଫୁଟବଲରେ ଏସ.ଏସ. କଲେଜ କୁଆମରାକୁ ୨-୦ ଗୋଲ ରେ ହରାଇ ଏମପିସି ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛି। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ ଶତପଥୀ ଯୋଗଦେଇ ଚାମ୍ପିଅନ ଦଳଙ୍କୁ ପୁରସ୍କୃତ କରିଥିଲେ। ଏହି ସଫଳତାରେ ଏମ.ପି.ସି କଲେଜର ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ଖୁସି ବ୍ୟକ୍ତ କରିବା ସହ ଉଭୟ ଫୁଟବଲ ଓ କ୍ରିକେଟ ଟିମର ଅଧିନାୟକ ଜଗନ୍ନାଥ ମୁର୍ମୁ ଓ ଅମିତ ସାହୁ ଏବଂ ଅନ୍ୟ ସଦସ୍ୟ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏମପିସି କଲେଜର ପିଇଟି ସତ୍ୟ ନାରାୟଣ ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଦୁଇ ଟିମ କୃତିତ୍ୱ ଅର୍ଜନ କରିଥିବାରୁ କଲେଜର ବିଭିନ୍ନ ମହଲରେ ପ୍ରଶଂଶା କରାଯାଇଛି।

## ଡବ୍ଲୁପିଏଲ୍‌ର ସିଡ୍ୟୁଲ ଜାରି

# ଦୁଇ ଷ୍ଟାଡିୟମରେ ଖେଳାଯିବ ୨୨ ମ୍ୟାଚ୍

ନୂଆଦିଲ୍ଲୀ, ୨୯।୧୧; ଆସନ୍ତାବର୍ଷ ଫେବୃଆରୀ ୭ରୁ ଭାରତରେ ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ ୨୦୨୬ ଖେଳାଯିବ । ଏହା ପୂର୍ବରୁ ମହିଳା ପ୍ରିମିୟର ଲିଗ୍ ଅନୁଷ୍ଠିତ ହେବ । ମହିଳା ପ୍ରିମିୟର ଲିଗର ଚତୁର୍ଥ ସିଜିନ ପାଇଁ ମେଗା ଖେଳାଳି ନିଲାମ ପରେ, ସମ୍ପୂର୍ଣ୍ଣ ଖେଳସୂଚୀ ଘୋଷଣା କରାଯାଇଛି । ପ୍ରଥମ ମ୍ୟାଚ୍ ଜାନୁଆରୀ ୯ରେ ଏବଂ ଫାଇନାଲ୍ ଫେବୃଆରୀ ୫ରେ ଖେଳାଯିବ । ମୁମ୍ବାଇ ଇଣ୍ଡିଆନ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଉଦ୍ଘାଟନୀ ମ୍ୟାଚ୍ ଖେଳାଯିବ । ୨ଟି ଭେନ୍ୟୁରେ ୨୮ ଦିନରେ ମୋଟ୍ ୨୨ଟି ମ୍ୟାଚ୍ ଖେଳାଯିବ ।

ଡବ୍ଲୁପିଏଲ ୨୦୨୬ ସିଜିନର ଜାନୁଆରୀ ୯ ତାରିଖରୁ ଆରମ୍ଭ ହେବ । ଡିଫେଣ୍ଡିଂ ଚାମ୍ପିଅନ୍ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ଉଦଘାଟନୀ ମ୍ୟାଚ ଖେଳାଯିବ । ୨୮ ଦିନିଆ ଟୁର୍ଣ୍ଣାମେଣ୍ଟରେ ଫାଇନାଲ୍ ସମେତ ୨୨ଟି ମ୍ୟାଚ୍ ଖେଳାଯିବ । ସମସ୍ତ ମ୍ୟାଚ୍ ଦୁଇଟି ସ୍ଥାନରେ ଅନୁଷ୍ଠିତ ହେବ । ନଭି ମୁମ୍ବାଇ ଷ୍ଟାଡିୟମ୍ ପ୍ରଥମ ୧୧ଟି ମ୍ୟାଚ୍ ଆୟୋଜନ କରିବ । ଫାଇନାଲ୍ ଭଦୋଦରା ଷ୍ଟାଡିୟମରେ ଖେଳାଯିବ । ଜାନୁଆରୀ ୧୦ ଏବଂ ୧୭ ତାରିଖରେ ଦୁଇ ଦିନ ଡବଲ୍‌ହେଡର୍ ଖେଳାଯିବ । ପ୍ରତ୍ୟେକ ଦିନ ଗୋଟିଏ ମ୍ୟାଚ୍ ଖେଳାଯିବ । ଲିଗ୍ ପର୍ଯ୍ୟାୟ ଫେବୃଆରୀ ୧ ତାରିଖରେ ଶେଷ ହେବ, ଏଲିମିନେଟର ମ୍ୟାଚ୍ ଫେବୃଆରୀ ୩ ତାରିଖରେ ଏବଂ ଫାଇନାଲ୍ ଫେବୃଆରୀ ୫ ତାରିଖରେ ଅନୁଷ୍ଠିତ ହେବ ।



**ଡବ୍ଲୁପିଏଲ ଫୁଲ୍ ସିଡ୍ୟୁଲ୍**

. ଜାନୁଆରୀ ୯- ମୁମ୍ବାଇ ବନାମ ବେଙ୍ଗାଲୁରୁ
. ଜାନୁଆରୀ ୧୦- ୟୁପି ୱାରିୟର୍ସ ବନାମ ଗୁଜରାଟ ଜାଏଣ୍ଟ
.ଜାନୁଆରୀ ୧୦- ମୁମ୍ବାଇ ଇଣ୍ଡିଆନ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ
.ଜାନୁଆରୀ ୧୧- ଦିଲ୍ଲୀ କ୍ୟାପିଟାଲ୍ସ ବନାମ ଗୁଜରାଟ
.ଜାନୁଆରୀ ୧୨- ରୟାଲ ଚ୍ୟାଲେଞ୍ଜର୍ସ ବନାମ ୟୁପି ୱାରିୟର୍ସ
.ଜାନୁଆରୀ ୧୨- ବେଙ୍ଗାଲୁରୁ ବନାମ ୟୁପି ୱାରିଓ୍ୱର୍ସ
.ଜାନୁଆରୀ ୧୩- ମୁମ୍ବାଇ ବନାମ ଗୁଜରାଟ
.ଜାନୁଆରୀ ୧୪- ୟୁପି ୱାରିୟର୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ
.ଜାନୁଆରୀ ୧୫- ମୁମ୍ବାଇ ଇଣ୍ଡିଆନ୍ସ ବନାମ ୟୁପି ୱାରିୟର୍ସ
.ଜାନୁଆରୀ ୧୬- ବେଙ୍ଗାଲୁରୁ ବନାମ ଗୁଜରାଟ
.ଜାନୁଆରୀ ୧୭- ୟୁପି ୱାରିୟର୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ
.ଜାନୁଆରୀ ୧୭- ଦିଲ୍ଲୀ କ୍ୟାପିଟାଲ୍ସ ବନାମ ବେଙ୍ଗାଲୁରୁ
.ଜାନୁଆରୀ ୧୯- ଗୁଜରାଟ ବନାମ ଆରସିବି
.ଜାନୁଆରୀ ୨୦- ଦିଲ୍ଲୀ କ୍ୟାପିଟାଲ୍ସ ବନାମ ମୁମ୍ବାଇ
.ଜାନୁଆରୀ ୨୨- ଗୁଜରାଟ ବନାମ ୟୁପି ୱାରିୟର୍ସ
.ଜାନୁଆରୀ ୨୪- ବେଙ୍ଗାଲୁରୁ ବନାମ ଦିଲ୍ଲୀ
.ଜାନୁଆରୀ ୨୬- ଆରସିବି ବନାମ ମୁମ୍ବାଇ
.ଜାନୁଆରୀ ୨୭- ଗୁଜୁରାଟ ବନାମ ଦିଲ୍ଲୀ
.ଜାନୁଆରୀ ୨୯- ୟୁପି ୱାରିୟର୍ସ ବନାମ ଆରସିବି
.ଜାନୁଆରୀ ୩୦- ଗୁଜରାଟ ବନାମ ମୁମ୍ବାଇ ଇଣ୍ଡିଆନ୍ସ
.ଫେବୃଆରୀ ୧- ଦିଲ୍ଲୀ କ୍ୟାପିଟାଲ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ
.ଫେବୃଆରୀ ୩- ଏଲିମିନେଟର
.ଫେବୃଆରୀ ୫- ଫାଇନାଲ

# ଥାନାରେ ଗାଙ୍ଗୁଲି

ନୂଆଦିଲ୍ଲୀ : ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟଶିଳ୍ପୀ ତଥା ପୂର୍ବତନ ଭାରତୀୟ କ୍ରିକେଟର ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ପତ୍ନୀ ଡୋନା ଗାଙ୍ଗୁଲି ପୁଲିସରେ କରିଛନ୍ତି ଅଭିଯୋଗ। ସୋସିଆଲ ମିଡ଼ିଆରେ ତାଙ୍କ ବିରୁଦ୍ଧରେ ଅପମାନଜନକ ଓ ଅଶ୍ଳୀଳ ଟିପ୍ପଣୀ ସମ୍ବନ୍ଧରେ ସେ ପୁଲିସରେ ମାମଲା ରୁଜୁ କରାଇଛନ୍ତି।

ଡୋନା ଗାଙ୍ଗୁଲି ଠାକୁରପୁକୁର ପୁଲିସ ଥାନାରେ ତାଙ୍କର ଆନୁଷ୍ଠାନିକ ଅଭିଯୋଗ ରୁଜୁ କରାଇଛନ୍ତି, ଏହାପରେ ପୁଲିସ ଅଧିକାରୀମାନେ ଅଜଣା ବ୍ୟକ୍ତିଙ୍କ ବିରୁଦ୍ଧରେ ଯାଞ୍ଚ ଆରମ୍ଭ କରି ଦେଇଛନ୍ତି। କୋଲକାତା ଫିଲ୍ମ ମହୋତ୍ସବରେ ଡୋନା ଗାଙ୍ଗୁଲିଙ୍କ ନୃତ୍ୟ ପ୍ରଦର୍ଶନ ପରେ ଉକ୍ତ ବିବାଦ ସୃଷ୍ଟି ହୋଇଥିଲା। ଯେଉଁଥିରେ ଏକ ସ୍ୱତନ୍ତ୍ର ଫେସବୁକ୍ ପେଜକୁ ଆପତ୍ତିଜନକ ଜିନିଷର ଉତ୍ସ ଭାବେ ଦର୍ଶାଇ ଯାଇଥିଲା। ନ୍ୟୁଜ୍ ଏଜେନ୍ସି ପିଟିଆଇ ଅନୁସାରେ ,ପୁଲିସ ଅଧିକାରୀ କହିଛନ୍ତି , କୋଲକାତା ଫିଲ୍ମ ମହୋତ୍ସବରେ ଡୋନା ଗାଙ୍ଗୁଲିଙ୍କ ନୃତ୍ୟ ପ୍ରଦର୍ଶନ ବେଳେ ଆପତ୍ତିଜନକ ପୋଷ୍ଟ ସାମନା ଆସିଥିଲା। ଅଭିଯୋଗରେ ସ୍ୱତନ୍ତ୍ର ରୂପେ ଏକ ଫେସବୁକ୍ ପେଜ୍ ଆଡ଼କୁ ଇସାରା କରାଯାଇଥିଲା, ଯାହାକି ତାଙ୍କୁ ଟାର୍ଗେଟ୍ କରିଥିଲା।

# ଡିସେମ୍ବରରେ ଭାରତ-ଶ୍ରୀଲଙ୍କା ମହିଳା ଟି-ଟ୍ୱେଣ୍ଟି ସିରିଜ

## ବିଶାଖାପଟ୍ଟନମରେ ୨ଟି ଓ ଥିରୁଅନନ୍ତପୁରମରେ ୩ ମ୍ୟାଚ୍

ନୂଆଦିଲ୍ଲୀ, ୨୯।୧୧ : ଆସନ୍ତା ମାସ ଶ୍ରୀଲଙ୍କା ମହିଳା ଦଳ ଭାରତ ଗସ୍ତରେ ଆସି ଦ୍ୱିପାକ୍ଷିକ ଟି-ଟ୍ୱେଣ୍ଟି ସିରିଜ ଖେଳିବ । ଆଗାମୀ ଡିସେମ୍ବର ୨୧ରୁ ୩୦ ତାରିଖ ମଧ୍ୟରେ ଉଭୟ ଦଳ ମଧ୍ୟରେ ୫ଟି ଟି-ଟ୍ୱେଣ୍ଟି ଖେଳାଯିବ । ପ୍ରଥମ ୨ଟି ମ୍ୟାଚ୍ ବିଶାଖାପଟ୍ଟନମରେ ଏବଂ ଶେଷ ୩ଟି ମ୍ୟାଚ୍ ଥିରୁଅନନ୍ତପୁରମ ଠାରେ ଅନୁଷ୍ଠିତ ହେବ । ଏହି ସିରିଜ ଜରିଆରେ ଭାରତୀୟ ଖେଳାଳିମାନେ ଆଗାମୀ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ) ପାଇଁ ପ୍ରସ୍ତୁତି କରିବେ । ଶ୍ରୀଲଙ୍କାର ଜଣେ ହେଲେ ଖେଳାଳି ଡବ୍ଲ୍ୟୁପିଏଲ୍ ଫ୍ରାଞ୍ଚାଇଜ ଦଳରେ ସ୍ଥାନ ପାଇନାହାନ୍ତି ।



ସେହିପରି ଆସନ୍ତା ବର୍ଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ (ଜୁନ୍ ୧୨ରୁ) ରହିଛି । ତେଣୁ ଉଭୟ ଦଳ ପାଇଁ ଏହି ସିରିଜ ପ୍ରସ୍ତୁତି ସଦୃଶ ହେବ । ପୂର୍ବରୁ ବାଂଲାଦେଶ ଦଳ ଡିସେମ୍ବରରେ ଭାରତ ଗସ୍ତରେ ଆସି ସୀମିତ ଓଭର ସିରିଜ ଖେଳିବାର କାର୍ଯ୍ୟକ୍ରମ ରହିଥିଲା । ମାତ୍ର ଏହି ସିରିଜକୁ ସ୍ଥଗିତ ଘୋଷଣା କରାଯାଇଛି । ଫଳରେ ବାଂଲାଦେଶ ସ୍ଥାନରେ ଶ୍ରୀଲଙ୍କା ଦଳ ଭାରତ ଗସ୍ତରେ ଆସି ଦ୍ୱିପାକ୍ଷିକ ସିରିଜ ଖେଳିବ । ସୂଚନାଯୋଗ୍ୟ, ଭାରତ ଓ ଶ୍ରୀଲଙ୍କା ଶେଷ ଥର ଦିନିକିଆ ବିଶ୍ୱକପ୍ରେ ସାମ୍ନାସାମ୍ନି ହୋଇଥିଲେ।

ଭାରତ-ଶ୍ରୀଲଙ୍କା କ୍ରୀଡାସୂଚୀ

ଡିସେମ୍ବର ୨୧: ପ୍ରଥମ ଟି-ଟ୍ୱେଣ୍ଟି (ବିଶାଖାପଟ୍ଟନମ)

ଡିସେମ୍ବର ୨୩: ଦ୍ୱିତୀୟ ଟି-ଟ୍ୱେଣ୍ଟି (ବିଶାଖାପଟ୍ଟନମ)

ଡିସେମ୍ବର ୨୬: ତୃତୀୟ ଟି-ଟ୍ୱେଣ୍ଟି (ଥିରୁଅନନ୍ତପୁରମ)

ଡିସେମ୍ବର ୨୮: ଚତୁର୍ଥ ଟି-ଟ୍ୱେଣ୍ଟି (ଥିରୁଅନନ୍ତପୁରମ)

ଡିସେମ୍ବର ୩୦: ପଞ୍ଚମ ଟି-ଟ୍ୱେଣ୍ଟି (ଥିରୁଅନନ୍ତପୁରମ)

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ